ଧରିତ୍ରୀ
DHARITRI
ଢେଙ୍କାନାଳ, ସୋମବାର, ଜାନୁୟାରୀ ୨୦/୨୦୨୦ (୧୬ ପୃଷ୍ଠା) Dhenkanal, Monday, January 20 / 2020 ★★★★★
୧୫ଶ ଭାଗ ୩୩୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ଢେଙ୍କାନାଳ ଅଫିସ, ୧୯।୧**

ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ରାଇଗୋଡ଼ା ଗ୍ରାମର ମଧୁ ସାମଲ (୩୫) ଶନିବାର ଆତ୍ମହତ୍ୟା କରିଛନ୍ତି। ମଧୁ ଜଣେ ମାନସିକ ଅନଗ୍ରସର ଯୁବକ। ସେ ସକାଳେ ସ୍ତ୍ରୀଙ୍କ ସହ ଚଢ଼େଇଧରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ମଧୁ ଉତ୍‌କ୍ଷିପ୍ତ ହୋଇ ପଥରରେ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ଏଥିସହ ନିଜ ମୁଣ୍ଡକୁ ଆଘାତ କରିଥିଲେ। ଘରକୁ ଆସିବା ବାଟରେ ସେ ରାସ୍ତାରେ କୌଣସି ବିଷାକ୍ତ ପଦାର୍ଥ ଖାଇଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ବରପଦାସ୍ଥିତ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ନଂ. ୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ରତ୍ନାକର ମଲ୍ଲିକ ସୂଚନା ଦେଇଛନ୍ତି।

# ଜଳିଗଲା ୧୧ ଏକର ଆଖୁ ଫସଲ

**ଢେଙ୍କାନାଳ ଅଫିସ, ୧୯।୧**



■ରଣୀ ଚାଷୀଙ୍କ ମୁଣ୍ଡରେ ଚଡ଼କ

■ଅଗ୍ନିଶମ ବିଭାଗ ନାକେଦମ୍

ଢେଙ୍କାନାଳ ସଦର ଥାନା ଭୋଜଦେଇପୁର ଗ୍ରାମ ଶିବ ମନ୍ଦିର ନିକଟ ଆଖୁ ଜମିରେ ରବିବାର ଅପରାହ୍ନ ୪ଟାରେ ଅଗ୍ନିକାଣ୍ଡ ଘଟି ପ୍ରାୟ ୧୧ଏକର ଫସଲ ପୋଡ଼ିଯାଇଛି। ଏଥିରେ ବିନୋଦିନୀ ଖିଲାର, ସସ୍ମିତା ନନ୍ଦ, କୁମୁଦିନୀ ମଲ୍ଲିକ, ଅବନ୍ତୀ ମଲ୍ଲିକ, ମନୋଜ ମଲ୍ଲିକ ପ୍ରମୁଖ କ୍ଷତିଗ୍ରସ୍ତ ହୋଇଛନ୍ତି। ସମ୍ପୃକ୍ତ ଚାଷୀମାନେ ମିଳିମିଶି ବ୍ୟାଙ୍କରୁ ୫ଲକ୍ଷ ଏବଂ ହାତ ଉଧାରି ୩ ଲକ୍ଷ ୨୦ ହଜାର ଏପରି ମୋଟ ୮ଲକ୍ଷ ୨୦ ହଜାର ଟଙ୍କା ଋଣ କରି ଆଖୁ ଫସଲ କରିଥିଲେ। ମୋଟ ୧୬ ଏକର ଜମିରେ ଆଖୁଚାଷ ହୋଇଥିଲା। ସେଥିରୁ ୫ ଏକର ଜମିରୁ ଆଖୁ କଟା ସରିଥିଲା। ଅମଳ ପୂର୍ବରୁ ୧୧ଏକର ଜମିର ଫସଲ ଜଳିପୋଡ଼ି ଛାରଖାର ହୋଇଯିବା ଋଣୀ ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି।

ଅନ୍ୟପଟେ ଚାଷୀମାନେ ଅଭିଯୋଗ କରିଛନ୍ତି, ସୂଚନା ଦିଆଯିବା ସତ୍ତ୍ୱେ ଅଗ୍ନିଶମ କର୍ମଚାରୀ ତୁରନ୍ତ ପହଞ୍ଚି ନ ଥିଲେ। ଫଳରେ ନିଆଁ ଖୁବ୍ କମ୍ ସମୟରେ ବ୍ୟାପିଯାଇଥିଲା। ନିଆଁ ଲାଗିବାର ପାଖାପାଖି ଦୁଇଘଣ୍ଟା ପରେ ସନ୍ଧ୍ୟା ୬ଟାରେ ହିନ୍ଦୋଳ ରୋଡରୁ ଗୋଟିଏ ଦମକଳ ଗାଡ଼ି ପହଞ୍ଚିଥିଲା। ହେଲେ ନିଆଁ ଏତେ ଭୟଙ୍କର ଭାବେ ମାଡ଼ି ଚାଲିଥିଲା ଯେ, ତାକୁ ଆୟତ୍ତ କରିବା ଅସମ୍ଭବ ହୋଇପଡ଼ିଥିଲା। ଏହାପରେ ସନ୍ଧ୍ୟା ୬ଟା ୫୦ରେ ଢେଙ୍କାନାଳରୁ ଅନ୍ୟ ଏକ ଦମକଳ ଗାଡ଼ି ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ହୋଇଥିଲା। ତେବେ ଖବର ଲେଖାଯିବା ସୁଦ୍ଧା ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇପାରିନାହିଁ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି।

ଏ ସଂକ୍ରାନ୍ତରେ ଢେଙ୍କାନାଳ ଅଗ୍ନିଶମ ସଂସ୍ଥା ଅଧିକାରୀ ଉମାକାନ୍ତ ନାୟକ କୁହନ୍ତି, ସୂଚନା ପାଇବା ପରେ ତୁରନ୍ତ ଗୋଟିଏ ଦମକଳ ଗାଡ଼ି ପଠାଯାଇଥିଲା। ଅନ୍ୟ ଏକ ଗାଡ଼ି ନ ଥିବାରୁ ହିନ୍ଦୋଳ ରୋଡ କେନ୍ଦ୍ରକୁ ସୂଚନା ଦିଆଯାଇଥିଲା। ସେଠାରୁ ଗୋଟିଏ ଦମକଳ ଗାଡ଼ି ଯାଇଥିଲା। ଢେଙ୍କାନାଳ କେନ୍ଦ୍ରକୁ ଗାଡ଼ି ଫେରିବା ପରେ ଦ୍ୱିତୀୟ ଗାଡ଼ିକୁ ମଧ୍ୟ ପଠାଯାଇଥିଲା। ଏବେ ୩ଟି ଦମକଳ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

# ଲକ୍ଷେ ଶିଶୁ ଖାଇଲେ ବୁନ୍ଦା



ଜିଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସ ବୁନ୍ଦା ଦେଇ ଅଭିଯାନର ଶୁଭାରମ୍ଭ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୯।୧**

ଢେଙ୍କାନାଳ ଜିଲାକୁ ପୋଲିଓମୁକ୍ତ କରିବାକୁ ରବିବାରଠାରୁ ଆରମ୍ଭ ହୋଇଛି ଅଭିଯାନ। ଏହା ୨୧ତାରିଖ ଯାଏ ଚାଲିବ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବାହ୍ନ ୯ଟାରେ ଏସ୍‌ପି ଅନୁପମା ଜେମ୍‌ସ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିଯାନର ଶୁଭାରମ୍ଭ କରିଥିଲେ। ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାର ୫୪୯ ବୁଥ୍‌ରେ ୧ଲକ୍ଷ ୧୭ହଜାର ୨୬୮ଜଣଙ୍କୁ ବୁନ୍ଦା ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରଥମ ଦିବସରେ ୧ଲକ୍ଷ ୩୮୨ଜଣ ଶିଶୁ ପୋଲିଓ ବୁନ୍ଦା ଖାଇଛନ୍ତି। ଅବଶିଷ୍ଟ ଶିଶୁଙ୍କୁ ୨୦ ଏବଂ ୨୧ ତାରିଖରେ ଘରକୁ ଘର ବୁଲି ବୁନ୍ଦା ଦିଆଯିବ। ଏଥିରେ ୧,୦୯୮ ଦଳ, ୨୪ ଟ୍ରାଞ୍ଜିଟ୍ ଟିମ୍, ୧୦ ମୋବାଇଲ ଟିମ୍ ଏବଂ ୧୧୪ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ରୋଟାରି କ୍ଲବର କର୍ମକର୍ତ୍ତା, ଅଙ୍ଗନୱାଡ଼ି କର୍ମୀ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।




ବୈଠକରେ ଏମ୍‌ପି ମହେଶ ସାହୁ, ମଠର ମହନ୍ତଙ୍କ ସମେତ ଅନ୍ୟମାନେ।

# ବଦଳିବ ଯାଉଁଳିପୋଖରୀ ମଠ ରୂପରେଖ

**ଢେଙ୍କାନାଳ ଅଫିସ, ୧୯।୧**

■ଆଗତ ହେଲା ୧୩ ପ୍ରସ୍ତାବ

■ନିର୍ମାଣ ହେବ ଅବଲୁପ୍ତ ଗୋଶାଳା

■ଆକର୍ଷଣ ସାଜିବ ଫୁଲଫଳ ଉଦ୍ୟାନ

ବଦଳିବ ଐତିହ୍ୟସମ୍ପନ୍ନ ଯାଉଁଳିପୋଖରୀ ମଠର ରୂପରେଖ। ଏହାର ଉନ୍ନତୀକରଣ ଲାଗି ଆରମ୍ଭ ହୋଇଛି ପ୍ରୟାସ। ଏ ନେଇ ରବିବାର ମଠାଧୀଶ ମହନ୍ତ ମୋହନଦାସଜୀ ମହାରାଜଙ୍କ ପୌରୋହିତ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ସମସ୍ତଙ୍କ ସହଯୋଗ ମିଳିଲେ ଏହି ମଠ ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକସ୍ଥଳୀରେ ପରିଣତ ହୋଇପାରିବ।

ଉନ୍ନୟନ କମିଟି ସଭାପତି ପ୍ରଦୀପ କୁମାର ଦାସ ମଠର ଉନ୍ନତୀକରଣ ଲାଗି ଗୁରୁତ୍ୱପୂର୍ଣ୍ଣ ୧୩ଟି ପ୍ରସ୍ତାବ ଆଗତ କରିଥିଲେ। ମଠର ସୁରକ୍ଷା ପାଇଁ ପାଚେରି, ଭକ୍ତଙ୍କ ପ୍ରାତଃଭ୍ରମଣ ଲାଗି ପାଦଚଲା ରାସ୍ତା, ଅବଲୁପ୍ତ ଗୋଶାଳା ଓ ଛାତ୍ରାବାସ ନିର୍ମାଣ, ମନ୍ଦିର ମରାମତି, ଫଳଫୁଲ ଉଦ୍ୟାନ, ପୋଖରୀର ଗାର୍ଡୱାଲ ନିର୍ମାଣ, ଆଗନ୍ତୁକଙ୍କ ରହିବା ବ୍ୟବସ୍ଥା, ପାରାୟଣସ୍ଥଳର ଉନ୍ନତୀକରଣ, ମଠର ବିଭିନ୍ନ ପ୍ରକୋଷ୍ଠର ମରାମତି ଆଦି ପ୍ରସ୍ତାବଗୁଡ଼ିକ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ବ୍ରହ୍ମାନନ୍ଦଜୀଦାସ ମହାରାଜ, ଆଇନଜୀବୀ ଦିଲୀପ ମଲ୍ଲିକ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ, ତହସିଲଦାର, ପୌରସଂସ୍ଥା ଏବଂ ଦେବୋତ୍ତର ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

DSPL-238

ଓଡ଼ିଶା ସରକାର

ମୋ ସରକାର 14545



## କୃଷି ଓଡ଼ିଶା

୨୦-୨୪ ଜାନୁଆରୀ, ୨୦୨୦

ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା

### ଉଦ୍‌ଘାଟନୀ ଉତ୍ସବ

୨୦ ଜାନୁଆରୀ, ୨୦୨୦ (ସୋମବାର)
ଦିବା ୧୧.୪୫ ଘଟିକା

**ମୁଖ୍ୟ ଅତିଥି**
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ସମ୍ମାନିତ ଅତିଥି**
ଶ୍ରୀଯୁକ୍ତ ଦୀଲ୍ଲିପ ଚେନଏ
ସାଧାରଣ ସଚିବ, ଏଫ୍.ଆଇ.ସି.ସି.ଆଇ.

ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ମହାପାତ୍ର, ଭା.ପ୍ର.ସେ.
କୃଷି ଉତ୍ପାଦନ କମିଶନର ତଥା
ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା

ଶ୍ରୀଯୁକ୍ତ ଛବିଲେନ୍ଦ୍ର ରାଉଳ, ଭା.ପ୍ର.ସେ.
ସଚିବ, ସାର ବିଭାଗ, ଭାରତ ସରକାର

**ସଭାପତି**
ଡଃ ଅରୁଣ କୁମାର ସାହୁ
ମାନ୍ୟବର ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ,
ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଉଚ୍ଚ ଶିକ୍ଷା, ଓଡ଼ିଶା

**ସ୍ୱାଗତ ଭାଷଣ**
ଡଃ ସୌରଭ ଗର୍ଗ, ଭା.ପ୍ର.ସେ.
ପ୍ରମୁଖ ଶାସନ ସଚିବ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା

**ଧନ୍ୟବାଦ ଅର୍ପଣ**
ଶ୍ରୀଯୁକ୍ତ ଆର୍.ରଘୁ ପ୍ରସାଦ, ଆଇ.ଏଫ୍.ଏସ୍.
କମିଶନର ତଥା ସଚିବ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ, ଓଡ଼ିଶା

ପ୍ରତ୍ୟେକ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ

01034/13/0039/1920

- ଚଳିତ ଜାନୁଆରୀ ୨୦ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଜନତା ମଇଦାନ ଠାରେ କୃଷି ଓଡ଼ିଶା ୨୦୨୦ ଅନୁଷ୍ଠିତ ହେବ। ଏହି ଉତ୍ସବକୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ୨୦.୦୧.୨୦୨୦ ଦିବା ୧୧.୪୫ ମିନିଟ୍ ସମୟରେ ଉଦ୍‌ଘାଟନ କରିବେ।
- ଏହି ପ୍ରଦର୍ଶନୀର ମୂଳ ଉଦ୍ଦେଶ୍ୟ ରହିଛି 'ଲାଭଜନକ କୃଷି ପାଇଁ ପ୍ରୟାସ'।
- ଜାତୀୟ, ଆନ୍ତର୍ଜାତୀୟ ସ୍ତରରୁ ଓ ରାଜ୍ୟ ଭିତରୁ ୨୨୮ ଗୋଟି ଷ୍ଟଲ ମାଧ୍ୟମରେ ୧୧୨ଗୋଟି ସଂସ୍ଥା ପ୍ରଦର୍ଶନୀରେ ଯୋଗଦେବେ।
- ପ୍ରତ୍ୟେକ ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାମାନଙ୍କରୁ କୃଷକ ଭାଇ ଓ ଭଉଣୀମାନେ ମେଳା ପରିଦର୍ଶନ କରିବାକୁ ଆସିବା ପାଇଁ ବ୍ୟବସ୍ଥା ହୋଇଛି।
- ଏତଦ୍ ଭିନ୍ନ ପ୍ରତ୍ୟେକ ଦିନ ୨ଗୋଟି କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ଏବଂ ୨ଗୋଟି ସେମିନାର ଆଲୋଚନାର ମଧ୍ୟ ବ୍ୟବସ୍ଥା କରାଯାଇଛି।
- କୃଷକ ଭାଇ ଓ ଭଉଣୀମାନଙ୍କର ଅକ୍ଲାନ୍ତ ପରିଶ୍ରମ ହିଁ ରାଜ୍ୟକୁ ୬ ଥର କୃଷି କର୍ମଣ ତଥା Commendation ସମ୍ମାନରେ ପୁରସ୍କୃତ କରିପାରିଛି।
- ୫ଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ଦ୍ୱିତୀୟ ଦିନ (୨୧.୦୧.୨୦୨୦)କୁ ବ୍ୟାଙ୍କିଙ୍ଗ ଏବଂ ସମବାୟ ଦିବସ, ତୃତୀୟ ଦିନ (୨୨.୦୧.୨୦୨୦)କୁ ଜନପ୍ରତିନିଧି ଦିବସ ଏବଂ ଚତୁର୍ଥ ଦିନ (୨୩.୦୧.୨୦୨୦)କୁ ମହିଳା ସଶକ୍ତିକରଣ ଦିବସ ଭାବରେ ନାମିତ କରାଯାଇଛି।
- ନିର୍ଦ୍ଦିଷ୍ଟ ଭାବରେ ୨୨.୦୧.୨୦୨୦ ଦିନ ରାଜ୍ୟର ୫୦୦ ଜଣ ବ୍ୟାଙ୍କ ଅଧିକାରୀଙ୍କୁ କୃଷି କ୍ଷେତ୍ରରେ ନିବେଶର ସୁବିଧା ପାଇଁ ଋଣ ପ୍ରଦାନର ସମସ୍ୟା ଓ ତାହାର ସମାଧାନ ନିମନ୍ତେ ମାନନୀୟ ମନ୍ତ୍ରୀ ଓ ଅନ୍ୟାନ୍ୟ ପଦସ୍ଥ ଅଧିକାରୀମାନଙ୍କ ସହ ଏକ ଆଲୋଚନା ଚକ୍ରର ବ୍ୟବସ୍ଥା କରାଯାଇଛି।
- ୨୪.୦୧.୨୦୨୦ ଦିନ ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।
- ଏହି ମେଳା ତଥା କୃଷି ପ୍ରଦର୍ଶନୀରେ ଯୋଗଦାନ କରି ନିଜର ଜ୍ଞାନକୌଶଳ ବୃଦ୍ଧି କରିବା ସହ ରାଜ୍ୟକୁ କୃଷି କ୍ଷେତ୍ରରେ ଆଗେଇ ନେବା ପାଇଁ ସହଯୋଗ କରିବାକୁ କୃଷି ପ୍ରାଣୀ ସଂପଦ ଓ ମତ୍ସ୍ୟ ବିକାଶ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଡଃ ଅରୁଣ କୁମାର ସାହୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା



ଧରିତ୍ରୀ
DHARITRI
ଢେଙ୍କାନାଳ, ସୋମବାର, ଜାନୁୟାରୀ ୨୦/୨୦୨୦ | Dhenkanal, Monday, January 20 / 2020 | (ପୃଷ୍ଠା-୧)



**ରୂପିନ୍ଦରପାଲଙ୍କ ଚମତ୍କାର ପ୍ରଦର୍ଶନ**

ରୂପିନ୍ଦରପାଲ ସିଂଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତ ଏଫଆଇଏଚ୍ ହକି ପ୍ରୋ ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ନେଦରଲାଣ୍ଡ୍‌କୁ ଶୁଟ୍ ଆଉଟ ୩-୧(୩-୩) ଗୋଲରେ ପରାସ୍ତ କରିଛି।

୧୨

୦୮

**ଫେରିବ କରୀନା-ଶାହରୁଖ ଯୋଡ଼ି**

ଅଭିନେତା ଶାହରୁଖ ଖାନ୍ ଓ ବେବୋ କରୀନା କପୁରଙ୍କୁ ଖୁବ୍‌ଶୀଘ୍ର ଲୋକପ୍ରିୟ ପ୍ରଯୋଜକ ରାଜକୁମାର ହିରାନୀଙ୍କ ଏକ ନୂଆ ଫିଲ୍ମରେ ଦେଖିବାକୁ ମିଳିବ।



# ବେଙ୍ଗାଲୁରୁରେ ଭାରତର ସିରିଜ ବିଜୟ

ବେଙ୍ଗାଲୁରୁ, ୧୯।୧

ମହମ୍ମଦ ସାମିଙ୍କ ଆକର୍ଷଣୀୟ ବୋଲିଂ ପରେ ରୋହିତ ଶର୍ମାଙ୍କ ଶତକ ବଳରେ ଭାରତ ରବିବାର ଅନୁଷ୍ଠିତ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୭ ଉଇକେଟରେ ପରାସ୍ତ କରିଛି। ଷ୍ଟିଭ୍ ସ୍ମିଥ(୧୩୧ ରନ, ୧୩୨ ବଲ, ୧୪ ଚୌକା, ୧ ଛକା)ଙ୍କ ଶତକ ସହାୟତାରେ ଅଷ୍ଟ୍ରେଲିଆ ୫୦ ଓଭରରେ ୯ ଉଇକେଟ ହରାଇ ୨୮୬ ରନ କରିଥିବାବେଳେ ଭାରତ ୪୭.୩ ଓଭରରେ ମାତ୍ର ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଛି। ଏହି ବିଜୟ ସହ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୧ରେ ଜିତିଛି। ପ୍ରଥମ ଦିନିକିଆରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା। ତେବେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରି ଶେଷ ୨ ମ୍ୟାଚ ଜିତିବା ସହ ଭ୍ରମଣକାରୀ ଦଳକୁ ଚକ୍‌ମା ଦେଇଛି। ଭାରତ ବିଜୟରେ ହିରୋ ସାଜିଛନ୍ତି ହିଟ୍ ମ୍ୟାନ ରୋହିତ। ସେ ଏଠାରେ କ୍ୟାରିୟରର ୨୮ତମ ଶତକ ହାସଲ କରିଛନ୍ତି। ୧୨୮ ବଲ୍‌ରୁ ୮ ଚୌକା ଓ ୬ ଛକା ସହାୟତାରେ ୧୧୯ ରନ ସ୍କୋର ଅବସରରେ ସେ ଏକଦିବସୀୟ କ୍ରିକେଟରେ ୯,୦୦୦ ରନ ପୂରଣ କରିଛନ୍ତି। ବିଶ୍ୱର ତୃତୀୟ ଦ୍ରୁତତମ ବ୍ୟାଟ୍ସମ୍ୟାନଭାବେ ସେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ମ୍ୟାଚରେ ଭାରତ ପକ୍ଷରୁ ଦ୍ୱିତୀୟ ସର୍ବାଧିକ ୮୯ (୯୧ ବଲ, ୮ ଚୌକା) ରନ କରିଥିବା ବିରାଟ କୋହଲି ଭାରତୀୟ ଅଧିନାୟକଭାବେ କ୍ରିକେଟର ସମସ୍ତ ତିନୋଟି ଯାକ ଫର୍ମାଟରେ ସର୍ବାଧିକ ରନ କରିବାର ରେକର୍ଡ କରିଛନ୍ତି। ସେ ମୋଟ ୧୯୯ ଇନିଂସରେ ୧୧୨୦୮ ରନ ସଂଗ୍ରହ କରିଥିବାବେଳେ ମହେନ୍ଦ୍ର ସିଂ ଧୋନୀ(୩୩୩ ଇନିଂସରୁ ୧୧୨୦୭), ମହମ୍ମଦ ଆଝାରୁଦ୍ଦିନ(୨୩୦ ଇନିଂସରୁ ୮୦୯୫)ଙ୍କୁ ପଛରେ ପକାଇ ଦେଇଛନ୍ତି। ରୋହିତ ମ୍ୟାନ ଅଫ ଦି ମ୍ୟାଚ ଓ ଅଧିନାୟକ ବିରାଟ କୋହଲି ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଛନ୍ତି। "ଟିମ୍ ଇଣ୍ଡିଆ ଏକ ଅଭିଜ୍ଞ ଦଳ। ମ୍ୟାଚରେ ଆମେ ଯଦିଓ ଶିଖର ଧାୱନଙ୍କ ଅନୁପସ୍ଥିତି ଅନୁଭବ କଲୁ, ତେବେ ଅଭିଜ୍ଞ ରୋହିତ ଆଉ ଏକ ଚମତ୍କାର ଇନିଂସ ଖେଳିଲେ। ପିଚ୍‌ରେ ବଲ୍ ଭଲ ଟର୍ନ ହେଉଥିଲା। ତେଣୁ ଏଠାରେ ରୋହିତ ଓ ମୋ ଅଭିଜ୍ଞତା" କାମଦେଲା ବୋଲି ମ୍ୟାଚ ପରେ ନିଜ ପ୍ରତିକ୍ରିୟାରେ କୋହଲି ପ୍ରକାଶ କରିଛନ୍ତି।



ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆ କ୍ରିକେଟ ସିରିଜ ବିଜୟୀ ଭାରତୀୟ ଦଳ।

**ଦିନିକିଆ ସିରିଜ: ଭାରତ-୨, ଅଷ୍ଟ୍ରେଲିଆ-୧**

**ରୋହିତ ଶର୍ମା ମ୍ୟାନ ଅଫ ଦି ମ୍ୟାଚ**

**ବିରାଟ କୋହଲି ମ୍ୟାନ ଅଫ ଦି ସିରିଜ**

## ଆଜି ନଡ୍ଡା ହେବେ ଭାଜପା ଅଧ୍ୟକ୍ଷ


ଜେ.ପି. ନଡ୍ଡା

ନୂଆଦିଲ୍ଲୀ,୧୯।୧(ପି.ଟି.)

ଅମିତ ଶାହାଙ୍କ ସ୍ଥାନରେ ଭାଜପା ସୋମବାର ନୂଆ ଅଧ୍ୟକ୍ଷ ପାଇବାକୁ ଯାଉଛି। କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ଜେ.ପି. ନଡ୍ଡା ଅଧ୍ୟକ୍ଷ ହେବେ ବୋଲି କୁହାଯାଉଛି। ତାଙ୍କ ସମର୍ଥନରେ ନାମାଙ୍କନପତ୍ର ଦାଖଲ କରିବାକୁ ବିଭିନ୍ନ ରାଜ୍ୟର ନେତାମାନଙ୍କ ସମେତ ବରିଷ୍ଠ ଦଳୀୟ ନେତାମାନେ ଭାଜପା ମୁଖ୍ୟାଳୟରେ ପହଞ୍ଚିବାରେ ଲାଗିଛନ୍ତି। ନଡ୍ଡାଙ୍କ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହାଙ୍କ ସମର୍ଥନ ରହିଥିବାରୁ ସେ ଅଧ୍ୟକ୍ଷ ହେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଛାତ୍ର ରାଜନୀତିରୁ କ୍ୟାରିୟର ଆରମ୍ଭ କରିଥିବା ନଡ୍ଡାଙ୍କର ଦୀର୍ଘ ଦଶନ୍ଧିର ସାଂଗଠନିକ ଦକ୍ଷତା ରହିଛି। ଆରଏସ୍‌ଏସ୍ ସହ ଘନିଷ୍ଠ ନଡ୍ଡାଙ୍କର ସ୍ୱଚ୍ଛ ଭାବମୂର୍ତ୍ତି ରହିଛି। ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ଲାଗି ସୋମବାର ନାମାଙ୍କନ ପତ୍ର ଦାଖଲ କରାଯିବ। ଯଦି ଏକାଧିକ ନାମାଙ୍କନପତ୍ର ଦାଖଲ ହୁଏ ତେବେ ମଙ୍ଗଳବାର ନିର୍ବାଚନ ହେବ ବୋଲି ସାଂଗଠନିକ ନିର୍ବାଚନ ଦାୟିତ୍ୱରେ ଥିବା ବରିଷ୍ଠ ଭାଜପା ନେତା ରାଧାମୋହନ ସିଂ କହିଛନ୍ତି। ତେବେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ପାଇଁ ପ୍ରତିଯୋଗିତା ନ ହୋଇ ସହମତିରେ ନିର୍ବାଚନ ହେବା ପରମ୍ପରା ରହିଆସିଛି। ଏଥର ମଧ୍ୟ ସେହି ପରମ୍ପରା ବଜାୟ ରହିବ ବୋଲି ଆଶା କରାଯାଉଛି। ଦଳରେ ଜଣେ ବ୍ୟକ୍ତି, ଗୋଟିଏ ପଦବୀ ନିୟମ ଚାଲିଆସିଛି। ସେଥିପାଇଁ ଅମିତ୍ ଶାହା ସ୍ୱରାଷ୍ଟ୍ର ମନ୍ତ୍ରୀ ହେବା ପରେ ଦଳରେ ତାଙ୍କର ଉତ୍ତରାଧିକାରୀ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜୁଲାଇରେ ନଡ୍ଡାଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିଲା।

**ମାଟ୍ରିକ୍ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୭

## ଚାଲିଗଲେ ଗୁରୁମା

### କଣ୍ଠଶିଳ୍ପୀ ସୁନନ୍ଦା ପଟ୍ଟନାୟକଙ୍କ ପରଲୋକ

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ଚିରଦିନ ପାଇଁ ଆଖି ବୁଜିଛନ୍ତି ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଖ୍ୟାତନାମା କଣ୍ଠଶିଳ୍ପୀ ଡ. ସୁନନ୍ଦା ପଟ୍ଟନାୟକ। ୮୫ ବର୍ଷ ବୟସରେ କୋଲକାତାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତି ୨ଟା ୩୦ରେ ସେ ଇହଧାମ ତ୍ୟାଗ କରିଛନ୍ତି। ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତର ଜଣେ କଣ୍ଠଶିଳ୍ପୀଭାବେ କେବଳ ଓଡ଼ିଶାରେ ନୁହେଁ ସାରା ପୃଥିବୀରେ ସୁଖ୍ୟାତି ଅର୍ଜନ କରିଥିବା ସୁନନ୍ଦାଙ୍କ ମୃତ୍ୟୁ ନେଇ ତାଙ୍କ ପୁତୁରା ସୁବ୍ରତ ପଟ୍ଟନାୟକ ଓ ଶିଷ୍ୟା ସୁପର୍ଣ୍ଣା ଦାସମହାପାତ୍ର ସୂଚନା ଦେଇଛନ୍ତି। ଦୁଇଦିନ ତଳେ ହଠାତ୍ ଘରେ ମୂର୍ଚ୍ଛା ହୋଇ ପଡ଼ିବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତ୍ୟୁ ଖବର ଶୁଣିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସୁନନ୍ଦା ଜଣେ ବିଶିଷ୍ଟ କଣ୍ଠଶିଳ୍ପୀ ଥିଲେ। ତାଙ୍କର ମୃତ୍ୟୁ ଶାସ୍ତ୍ରୀୟ ସଙ୍ଗୀତ ଜଗତରେ ଏକ ବୃହତ ଶୂନ୍ୟସ୍ଥାନ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଶୋକବାର୍ତ୍ତାରେ ଜଣାଇଛନ୍ତି। ଓଡ଼ିଆ ସାହିତ୍ୟର ସବୁଜ ଯୁଗୀୟ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଔରସରୁ ୧୯୩୪ ନଭେମ୍ବର ୭ରେ କଟକ ଜିଲା ବଡ଼ମ୍ବାରେ ଏହି ମହାନ୍



କଣ୍ଠଶିଳ୍ପୀ ଜନ୍ମଗ୍ରହଣ କରିଥିଲେ। ହେଲେ ପିତାଙ୍କ ପରିଚୟଠାରୁ ସେ ନିଜ ପରିଚୟରେ ଅଧିକ ଖ୍ୟାତି ଅର୍ଜନ କରିଥିଲେ। ୧୯୪୮ରେ ମାତ୍ର ୧୪ ବର୍ଷ ବୟସରେ ସେ ଆକାଶବାଣୀ କଟକରୁ ସଙ୍ଗୀତ ଗାନ ଆରମ୍ଭ କରିଥିଲେ। ସେ ଗ୍ୱାଲିୟର ଘରାନାରୁ ସଙ୍ଗୀତ ଶିକ୍ଷା ଗ୍ରହଣ କରିଥିଲେ। ୧୯୫୬ରେ ପୁଣେ ସ୍କୁଲରୁ ସଙ୍ଗୀତରେ ☞ପୃଷ୍ଠା-୨

## ଲୋକଙ୍କ ଅର୍ଥରେ ଆତ୍ମପ୍ରଚାର ମନା

**ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟ କମିଟିର ନିର୍ଦ୍ଦେଶ**

- ଅବଜ୍ଞା କଲେ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ
- ବିଜ୍ଞାପନ ବିଷୟବସ୍ତୁ ନିୟନ୍ତ୍ରଣ ପାଇଁ କେନ୍ଦ୍ର ଆଣିବ ନୂଆ ଆଇନ
- ଆଇନ ପ୍ରଣୟନ ହେବା ଯାଏ କଣ୍ଟେଣ୍ଟ ଯାଞ୍ଚ କରିବ ସିସିଆର୍‌ଜିଏ

ନୂଆଦିଲ୍ଲୀ, ୧୯।୧(ଆଇଏଏନ୍‌ଏସ୍)

ଜନସାଧାରଣଙ୍କ କଷ୍ଟ ଉପାର୍ଜିତ ଧନକୁ ବ୍ୟବହାର କରି ରାଜ୍ୟ ସରକାରଗୁଡ଼ିକ ବିଜ୍ଞାପନ ଜରିଆରେ ଆତ୍ମପ୍ରଚାର କରିପାରିବେ ନାହିଁ। ଶାସକ ଦଳର ନେତାମାନେ ରାଜକୋଷରୁ ଅର୍ଥ ଉଠାଇ ଗଣମାଧ୍ୟମରେ ବିଜ୍ଞାପନ ଦେଉଥିବା ନେଇ ଅଭିଯୋଗ ଆସିବା ପରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଗଠିତ ଏକ କମିଟି ପକ୍ଷରୁ ରାଜ୍ୟଗୁଡ଼ିକୁ ଏପରି ନିର୍ଦ୍ଦେଶ ଦିଆଯାଇଛି। ଏହାକୁ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ରାଜ୍ୟଗୁଡ଼ିକ ନିଜସ୍ୱ କଣ୍ଟେଣ୍ଟ ରେଗୁଲେଟର୍ସ (ବିଷୟବସ୍ତୁ ନିୟନ୍ତ୍ରକ) ପ୍ରତିଷ୍ଠା କରିବେ।

ଲୋକଙ୍କ ଅର୍ଥରେ ବିଜ୍ଞାପନ ଜରିଆରେ ଆତ୍ମପ୍ରଚାର ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗଠିତ କଣ୍ଟେଣ୍ଟ ରେଗୁଲେଶନ ପ୍ୟାନେଲ ଅସନ୍ତୋଷ ବ୍ୟକ୍ତ କରିଛି। ଉକ୍ତ କମିଟି କହିଛି ଯେ, ରାଜକୋଷରୁ ଟଙ୍କା ନେଇ କୌଣସି ରାଜ୍ୟ ନିଜ ପ୍ରଚାର କରିପାରିବେ ନାହିଁ। କେଉଁ ବିଜ୍ଞାପନଗୁଡ଼ିକ ଗଣମାଧ୍ୟମକୁ ଦିଆଯିବ ଓ କେଉଁଟା ଦିଆଯିବ ନାହିଁ, ତାହା ସ୍ଥିର କରିବା ଲାଗି ରାଜ୍ୟ ସରକାର ନିଜସ୍ୱ ପ୍ୟାନେଲ ଗଠନ କରିବେ। ଯେଉଁ ରାଜ୍ୟଗୁଡ଼ିକ ଏପରି କମିଟି ଗଠନ କରିବାକୁ ଆଗ୍ରହୀ ନୁହନ୍ତି, ସେମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ତିନି ସଦସ୍ୟ ବିଶିଷ୍ଟ ପ୍ୟାନେଲର ନିର୍ଦ୍ଦେଶ ମାନି ଚଳିବେ। ଫେବୃୟାରୀ ୮ରେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି), ଭାଜପା ଏବଂ କଂଗ୍ରେସ ମଧ୍ୟରେ ତ୍ରିକୋଣୀୟ ଲଢ଼େଇ ହେବାକୁ ଯାଉଥିବାବେଳେ ଏହି ନିର୍ଦ୍ଦେଶନାମାକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। କାରଣ ଅତୀତରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବିରୋଧରେ ଲୋକଙ୍କ ଅର୍ଥରେ ଆତ୍ମପ୍ରଚାର କରିଥିବା ଅଭିଯୋଗ ହୋଇଥିଲା। ସେହିପରି ପୂର୍ବର ରାଜସ୍ଥାନ ସରକାର ମଧ୍ୟ ଏଭଳି କରିଥିବା ନେଇ ଆପତ୍ତି ଉଠିଥିଲା। ତେଣୁ ରାଜ୍ୟଗୁଡ଼ିକୁ ଯଥା ସମ୍ଭବ କଣ୍ଟେଣ୍ଟ ରେଗୁଲେଟର୍ସ ଗଠନ ସକାଶେ ତାଗିଦ କରିବା ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ତିନିଜଣିଆ ପ୍ୟାନେଲ ସୁପାରିସ କରିଛି। ରାଜ୍ୟଗୁଡ଼ିକ ପ୍ୟାନେଲ ଗଠନ କରିବାରେ ବିଫଳ ହେଲେ ସୁପ୍ରିମକୋର୍ଟରେ ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ କରାଯିବ। ଉକ୍ତ ରିପୋର୍ଟ ଆଧାରରେ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରାଯିବ। ସରକାରୀ ବିଜ୍ଞାପନକୁ ନେଇ ବିଷୟବସ୍ତୁ ନିୟନ୍ତ୍ରଣ କମିଟି (ସିସିଆର୍‌ଜିଏ) ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଏ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ମାଗିଥିଲା। କାରଣ ରାଜ୍ୟର ତତ୍କାଳୀନ ଭାଜପା ସରକାର ବିଭିନ୍ନ ଖବରକାଗଜରେ ଏକ ଫୁଲ୍ ପେଜ୍ ବିଜ୍ଞାପନ ଦେଇଥିଲେ। ୧୫,୧୦୦ କୋଟି ଟଙ୍କା ବ୍ୟୟରେ ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ନେଇ ପ୍ରକାଶିତ ଉକ୍ତ ବିଜ୍ଞାପନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ଫଟୋ ରହିଥିଲା। ଏହାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଥିଲେ। ୨୦୧୯ ଜାନୁୟାରୀରେ ବର୍ତ୍ତମାନର କଂଗ୍ରେସ ନେତୃତ୍ୱାଧୀନ ରାଜସ୍ଥାନ ସରକାର କହିଥିଲେ ଯେ, ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନକୁ ଅଣଦେଖା କରି ବସୁନ୍ଧରା ରାଜେ ସରକାର ଉକ୍ତ ବିଜ୍ଞାପନ ପ୍ରକାଶ କରିଥିଲେ। ତେବେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ସରକାର ସରକାରୀ ବିଜ୍ଞାପନ ନିୟନ୍ତ୍ରଣ ସକାଶେ କମିଟି ଗଠନ କରିବା ସଂକ୍ରାନ୍ତରେ ସିସିଆର୍‌ଜିଏକୁ କିଛି ଉତ୍ତର ଦେଇ ନ ଥିଲେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଭୁଲ୍ ସମୟ, ଭୁଲ୍ କଥା

**ଆଜିର ମନ୍ତବ୍ୟ**

"ଭାରତର ପ୍ରକୃତ ସମସ୍ୟା ମୁସଲିମ୍ ଜନସଂଖ୍ୟା ନୁହେଁ, ବରଂ ବେରୋଜଗାରୀ।

–ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଡିସେମ୍ବର ସମୟରେ ଭାରତ ବଜାରରୁ ଯାତ୍ରୀବାହୀ ଯାନ ରପ୍ତାନି ୫.୮୯% ବୃଦ୍ଧି ଘଟି ୫.୪୦ ଲକ୍ଷ ୟୁନିଟ୍ ରହିଛି।

– ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକ୍ଚରର୍ସ

Venco66 Fresh CHICKEN — Taste the difference!
19.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 70 | 119 | 129 |
| DKL | 72 | 122 | 132 |
| BDK | 67 | 115 | 125 |
| BLS | 67 | 115 | 125 |
| ANG | 72 | 122 | 132 |
| BHM | 71 | 120 | 130 |

*Conditions Apply
Issued in the Interest of Consumers

## ବେପରୁଆ ଗାଡ଼ି ଚାଳକଙ୍କୁ ଧରାଇବେ ଲୋକେ

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ମୋବାଇଲ୍ ଫୋନ୍ ଆପ୍ଲିକେଶନ (ଆପ୍) ମାଧ୍ୟମରେ ବେପରୁଆ ଗାଡ଼ି ଚାଳକଙ୍କୁ ଧରାଇବେ ସାଧାରଣ ଲୋକେ। ଏଥିପାଇଁ ପ୍ରଚଳନ ହେବ ସିଟିଜେନ ରିପୋର୍ଟିଂ ଆପ୍। ଲୋକେ ବେପରୁଆ ଗାଡ଼ିଚାଳକଙ୍କ ଫଟୋ ଉଠାଇ ଉକ୍ତ ଆପ୍ ଜରିଆରେ ପଠାଇବେ। ଆବଶ୍ୟକ ଯାଞ୍ଚ ପରେ ଚାଲାଣ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ସୂଚନାଦାତାଙ୍କ ନାମ ଗୋପନ ରଖାଯିବ ବୋଲି ଯୋଜନା ଓ ସଂଯୋଜନା ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି।

ରବିବାର ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍‌ଠାରେ ସଡ଼କ ସୁରକ୍ଷା ସପ୍ତାହର ଉଦ୍‌ଯାପନୀ ଉତ୍ସବ ଓ ଇ-ଚେକ୍‌ଗେଟ୍ ବ୍ୟବସ୍ଥାର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ନୂତନ ବ୍ୟବସ୍ଥାର ଶୁଭାରମ୍ଭ କରି ମନ୍ତ୍ରୀ କହିଲେ, ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ଦୁର୍ଘଟଣା କମିଛି। ଜରିମାନା ଅଧିକ ହେଉଥିବା କେତେକ ଲୋକେ କହୁଛନ୍ତି। କିନ୍ତୁ ଜଣେ ଟ୍ରାଫିକ ନିୟମ ମାନିଲେ ଜରିମାନା କାହିଁକି ଦେବେ ବୋଲି ମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ନିକଟରେ କେନ୍ଦ୍ରୀୟ ବୈଠକରେ ମଧ୍ୟ ଅନ୍ୟ ରାଜ୍ୟର ମନ୍ତ୍ରୀମାନେ ଏହାକୁ ବିରୋଧ କରିଥିଲେ। କିନ୍ତୁ ମୁଁ ଏହାକୁ ସମର୍ଥନ କରିଥିଲି। ଜରିମାନା ଅଧିକ ହେବାରୁ ବେପରୁଆ ଗାଡ଼ି ଚାଳକମାନେ ଟ୍ରାଫିକ ନିୟମ ଉଲ୍ଲଂଘନ କରିବାକୁ ୧୦ଥର ଭାବିବେ। ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାରେ ଓଡ଼ିଶା ୫ମ ସ୍ଥାନରେ ରହିଛି। ଏହାକୁ ଆମେ ଚଳିତବର୍ଷ ସଡ଼କ ଦୁର୍ଘଟଣା ୫୦ପ୍ରତିଶତ କମାଇବା ପାଇଁ ଚେଷ୍ଟା କରିବା। ଏଥିପାଇଁ ଟ୍ରାଫିକ ନିୟମ କଡାକଡି କରାଯିବାର ଆବଶ୍ୟକତା ରହିଛି। ବାଇକ ପଛରେ ବସୁଥିବା ବ୍ୟକ୍ତି ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ ହେବ। ରାମେଶ୍ୱରରୁ ଚଣ୍ଡିଖୋଲ ରାସ୍ତାରେ ଇଣ୍ଟେଲିଜେଣ୍ଟ ଟ୍ରାଫିକ କଣ୍ଟ୍ରୋଲ ସିଷ୍ଟମ କରାଯିବ। ରାସ୍ତାରେ ଅତ୍ୟାଧୁନିକ କ୍ୟାମେରା ଲାଗିବ। ☞ପୃଷ୍ଠା-୨



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ପଦ୍ମନାଭ ବେହେରା, ପରିବହନ କମିଶନର ସଞ୍ଜୀବ ପଣ୍ଡା, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଆଇଜି (ସିଆଇଡି) ଅମିତେନ୍ଦ୍ର ନାଥ ସିହ୍ନା, ବିଧାୟକ ସୁଶାନ୍ତ ରାଉତ ଓ ଅନ୍ୟ ଅତିଥି।

**ଆରମ୍ଭ ହେଲା ଇ-ଚେକ୍‌ଗେଟ୍ ବ୍ୟବସ୍ଥା**

- ପ୍ରଚଳନ ହେବ ସିଟିଜେନ ରିପୋର୍ଟିଂ ଆପ୍
- ରାମେଶ୍ୱରରୁ ଚଣ୍ଡିଖୋଲ ହେବ ଇଣ୍ଟେଲିଜେଣ୍ଟ ଟ୍ରାଫିକ କଣ୍ଟ୍ରୋଲ ସିଷ୍ଟମ
- ସଡ଼କ ଦୁର୍ଘଟଣା ୫୦ ପ୍ରତିଶତ କମାଇବା ଲକ୍ଷ୍ୟ : ମନ୍ତ୍ରୀ

## ଆଜିଠୁ ସୁରଟକୁ ସିଧାସଳଖ ବିମାନ

ଭୁବନେଶ୍ୱର, ୧୯।୧(ବ୍ୟୁରୋ)

ଓଡ଼ିଶାବାସୀଙ୍କ ବହୁଦିନର ପ୍ରତୀକ୍ଷାର ଅନ୍ତ ଘଟିବ। ସୋମବାରଠାରୁ ଭୁବନେଶ୍ୱରରୁ ସୁରଟକୁ ସିଧାସଳଖ ବିମାନ ଉଡ଼ାଣ ଆରମ୍ଭ ହେବ। ମାତ୍ର ଦୁଇଘଣ୍ଟାରେ ଭୁବନେଶ୍ୱରରୁ ସୁରଟରେ ପହଞ୍ଚିବେ ଯାତ୍ରୀ। ଏୟାର-ଇଣ୍ଡିଆର ଏ୩୨୧ ବିମାନ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ସକାଳ ୮ଟା ୪୦ମିନିଟ୍‌ରୁ ଉଡ଼ାଣ ଆରମ୍ଭ କରି ପୂର୍ବାହ୍ନ ୧୦ଟା ୪୦ମିନିଟ୍‌ରେ ସୁରଟ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବ। ସପ୍ତାହକୁ ଦୁଇଦିନ ଏହି ବିମାନ ଚଳାଚଳ କରିବ। ବିମାନଟି ବାଙ୍ଗାଲୋର-ଭୁବନେଶ୍ୱର-ସୁରଟ ଯାତ୍ରା କରିବ। ବାଙ୍ଗାଲୋରରୁ ପ୍ରତି ସୋମବାର ଓ ଗୁରୁବାର ସକାଳ ୬ଟା ୧୦ମିନିଟ୍‌ରୁ ବିମାନଟି ବାହାରି ଭୁବନେଶ୍ୱରରେ ୮ଟା ୧୦ରେ ପହଞ୍ଚିବ। ଭୁବନେଶ୍ୱରରେ ଅଧଘଣ୍ଟା ରହିବା ପରେ ସକାଳ ୮ଟା ୪୦ମିନିଟ୍‌ରେ ସୁରଟ ଅଭିମୁଖେ ଉଡ଼ାଣ କରିବ। ସେହିପରି ପ୍ରତି ଶୁକ୍ରବାର ଓ ରବିବାର ବାଙ୍ଗାଲୋରରୁ ସକାଳ ୬ଟା ୧୦ରେ ବାହାରି ସୁରଟରେ ୮ଟାରେ ପହଞ୍ଚିବ। ସେଠାରେ ଅଧଘଣ୍ଟା ରହି ପୁଣି ୮ଟା ୩୦ରେ ଭୁବନେଶ୍ୱରକୁ ଆସିବ। ଭୁବନେଶ୍ୱରରେ ୧୦ଟା ୩୦ମିନିଟ୍‌ରେ ବିମାନଟି ଅବତରଣ କରିବ। ଭୁବନେଶ୍ୱରରୁ ସୁରଟକୁ ଅତି କମ୍‌ରେ ୪୫୦୩ ଟଙ୍କା ଭଡ଼ା ରହିଥିବାବେଳେ ସୁରଟରୁ ଭୁବନେଶ୍ୱରକୁ ଅତି କମ୍‌ରେ ୪୨୧୩ ଟଙ୍କା ରହିଛି। ଯାତ୍ରୀମାନେ ଏୟାର-ଇଣ୍ଡିଆ ଅଫିସିଆଲ ୱେବ୍‌ସାଇଟରେ ସବୁ ପ୍ରକାର ସୂଚନା ପାଇପାରିବେ। ସୂଚନାଯୋଗ୍ୟ, ପୂର୍ବରୁ ଭୁବନେଶ୍ୱରରୁ ସୁରଟକୁ ଯିବା ପାଇଁ ହେଲେ ଦିଲ୍ଲୀ ଯିବାକୁ ହେଉଥିଲା। ଯେହେତୁ ସୁରଟରେ ଅନେକ ଓଡ଼ିଆ ଲୋକ ବସବାସ କରୁଛନ୍ତି ତେଣୁ ତାଙ୍କ ସ୍ୱାର୍ଥ ପାଇଁ ଏହି ଦୁଇଟି ସ୍ଥାନ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏହାପରେ ଏୟାର-ଇଣ୍ଡିଆ ଏହି ସୁବିଧା ଯୋଗାଇବା ପାଇଁ ଇଚ୍ଛା ପ୍ରକାଶ କରିଥିଲା। ପରେ ପରେ ଏହି ବିମାନ ଚଳାଚଳ ହେବ ବୋଲି ବେସାମରିକ ବିମାନ ଚଳାଚଳ ବିଭାଗ ଯୁଗ୍ମ ସଚିବ ଉଷା ପାଢ଼ୀ ଟୁଇଟ୍ ଯୋଗେ ଜଣାଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ରାଜ୍
ପରିବାରବର୍ଗ


ଶିବଂ ଶାଶ୍ୱତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ନୟାଗଡ଼ ଅଫିସ/ଦଶପଲ୍ଲା(ଡି.ଏନ୍.ଏ.),୧୯।୧**

ନୟାଗଡ଼ ଜିଲା ଦଶପଲ୍ଲା ଉପକାରାଗାରରେ ଶନିବାର ବିଳମ୍ବିତ ରାତିରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଣିଗୋଛା ଥାନା ବାଣିଗୋଛା ଗ୍ରାମର କୃଷ୍ଣଚନ୍ଦ୍ର ପାତ୍ର (୪୫)। ଘଟଣାରୁ ପ୍ରକାଶ ଯେ, ପାରିବାରିକ ଗଣ୍ଡଗୋଳ ଘଟଣାରେ କୃଷ୍ଣଚନ୍ଦ୍ର ଓ ତାଙ୍କ ସ୍ତ୍ରୀ ପ୍ରଭାସିନୀ ୬ ମାସ ହେଲା ବିଚାରାଧୀନ କଏଦୀ ଭାବେ ଦଶପଲ୍ଲା ଉପକାରାଗାରରେ ରହିଆସୁଥିଲେ। ବିଭିନ୍ନ ସମୟରେ ପେଟଜନିତ ରୋଗ ଯୋଗୁ କୃଷ୍ଣଚନ୍ଦ୍ର ଚିକିତ୍ସିତ ହେଉଥିଲେ। ଶନିବାର ଅପରାହ୍ନରେ ତାଙ୍କ ପେଟ ଯନ୍ତ୍ରଣା ହେବାରୁ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ଚିକିତ୍ସିତ ହୋଇ ସେ ଜେଲକୁ ଯାଇଥିଲେ। ଜେଲ୍‌ରେ ରାତି ୩ଟା ସମୟରେ ତାଙ୍କର ପୁଣି ପେଟ ଯନ୍ତ୍ରଣା ହୋଇଥିଲା। ଜେଲ୍ ପକ୍ଷରୁ ତାଙ୍କୁ ସଙ୍ଗେ ସଙ୍ଗେ ଦଶପଲ୍ଲା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସକାଳେ ମାଜିଷ୍ଟ୍ରେଟ ଭାବେ ଦଶପଲ୍ଲା ତହସିଲଦାର ପ୍ରମୋଦ କୁମାର ଦଳବେହେରା, ଦଶପଲ୍ଲା ଥାନା ଏସ୍‌ଆଇ ସୁବାସ ଚମ୍ପତି ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କୃଷ୍ଣଚନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩/୨୦) ରୁଜୁ ହୋଇଛି।

### ଜେଲରେ ବିଧବା ହେଲେ ପ୍ରଭାସିନୀ

୬ ମାସ ତଳେ କୃଷ୍ଣଚନ୍ଦ୍ର ଓ ପ୍ରଭାସିନୀ ପାରିବାରିକ କଳହକୁ ନେଇ ମା' କୁମୁଦିନୀଙ୍କ ସହ ଗଣ୍ଡଗୋଳ କରିଥିଲେ। ଏ ନେଇ କୁମୁଦିନୀ ବାଣିଗୋଛା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଦମ୍ପତିଙ୍କୁ ଗିରଫ ପରେ ଦଶପଲ୍ଲା କୋର୍ଟ ଚାଲାଣ କରିଥିଲା। କେହି ଜାମିନରେ ନ ନେବାରୁ ୬ମାସ ହେଲା ସେମାନେ ଜେଲ୍‌ରେ ରହିଆସୁଥିଲେ। କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ପରେ ପ୍ରଭାସିନୀଙ୍କୁ ପୋଲିସ ହେପାଜତରେ ଜେଲରୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ସ୍ୱାମୀଙ୍କୁ ଶେଷ ଦର୍ଶନ କରିବା ପରେ ତାଙ୍କୁ ପୁଣି ଜେଲକୁ ଅଣାଯାଇଥିଲା। କାରାଗାରକୁ ପ୍ରବେଶ ସମୟରେ ସମ୍ପର୍କୀୟ ଭାଉଜ ପ୍ରଭାସିନୀଙ୍କୁ ବିଧବା କରାଇଥିଲେ। ହିନ୍ଦୁ ରୀତି ନୀତି ଅନୁସାରେ କାରାଗାର ମଧ୍ୟରେ ପ୍ରଭାସିନୀଙ୍କ ଚୂଡ଼ି ଭଙ୍ଗାଯାଇଥିଲା। ପ୍ରଭାସିନୀ ଓ କୃଷ୍ଣଚନ୍ଦ୍ରଙ୍କ ଗୋଟିଏ ଝିଅ ଥିବା ଜଣାପଡ଼ିଛି।



## ଜିଲା ଚିଠି
## ଭଦ୍ରକ

# ଅଳ୍ପରେ ସନ୍ତୁଷ୍ଟ

ଭଦ୍ରକ ଜିଲାବାସୀ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇବା ଲାଗି ଦୀର୍ଘବର୍ଷ ଧରି ମେଡିକାଲ କଲେଜ ପ୍ରତିଷ୍ଠା ସକାଶେ ଦାବି କରିଆସୁଥିଲେ। ଏପରିକି ଦସ୍ତଖତ ଅଭିଯାନ, ପଥପ୍ରାନ୍ତ ସଭା, ରାସ୍ତାରୋକୋ, ଦିନିକିଆ ଭଦ୍ରକ ଜିଲା ବନ୍ଦ, ଅଖଚକ ବନ୍ଦ ଭଳି ଆନ୍ଦୋଳନ ହୋଇଥିଲା। ହେଲେ ରାଜ୍ୟ ସରକାର ମେଡିକାଲ କଲେଜ ବଦଳରେ ୩ ଶହ ଶଯ୍ୟା ବିଶିଷ୍ଟ ୭ ମହଲା ଜିଲା ଚିକିତ୍ସାଳୟ ଘୋଷଣା କରି ଜିଲାବାସୀଙ୍କୁ ସନ୍ତୁଷ୍ଟ କରିବା ଉଦ୍ୟମ କରିଛନ୍ତି। ସରକାରଙ୍କ ଏହି ଘୋଷଣାକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେଜଣ ବାଣ ଫୁଟାଇ ଖୁସି ମନାଇଥିଲେ ମଧ୍ୟ ଅଧିକାଂଶ ଏହି ଘୋଷଣାକୁ ନେଇ ଖୁସି ନ ଥିଲେ। ଯେଉଁ ଜିଲାବାସୀ ଅଳ୍ପକେ ସନ୍ତୁଷ୍ଟ ତାଙ୍କୁ ଅଧିକ ଦେବାର ଆବଶ୍ୟକ ପଡ଼େ ନାହିଁ କହି ବିରୋଧୀ ତାଚ୍ଛଲ୍ୟ କରିଥିଲେ। ଜିଲାବାସୀଙ୍କ ମେଡିକାଲ କଲେଜ ଦାବି ଯଥାର୍ଥ ବୋଲି ରାଜନେତାଙ୍କ ସମେତ ବୁଦ୍ଧିଜୀବୀମାନେ ଦାବି କରୁଥିବାବେଳେ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଲେ ନାହିଁ। ୨୦୧୯ରେ କେନ୍ଦ୍ର ସରକାର ଦେଶରେ ୭୫ଟି ମେଡିକାଲ କଲେଜ ପ୍ରତିଷ୍ଠା କରିବେ ବୋଲି ଘୋଷଣା କରିଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବହେଳିତ ଜିଲାବାସୀ ସେତେବେଳେ ସଙ୍ଗଠିତ ହୋଇ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଉଠାଇଥିଲେ। ଏହାକୁ ନେଇ ବେଶ୍ କିଛିଦିନ ଉଷ୍ମତା ଜାରି ରହିଥିଲା। ମେଡିକାଲ କଲେଜ ସଂଗ୍ରାମୀ ସେନା ସମେତ ଜିଲାର ବିଭିନ୍ନ ସାମାଜିକ ସଙ୍ଗଠନ ଏହି ଦାବି ହାସଲ ଲାଗି ଜିଲା ପ୍ରଶାସନ ଉପରେ ଚାପ ସୃଷ୍ଟି କରି ଆନ୍ଦୋଳନ ଓ ଶୋଭାଯାତ୍ରା କରିଥିଲେ। ହେଲେ କୌଣସି ସୁଫଳ ମିଳିଲା ନାହିଁ। ଉଲ୍ଲେଖନୀୟ ଯେ, ବର୍ତ୍ତମାନର ଭଦ୍ରକ ଜିଲା ଚିକିତ୍ସାଳୟ ଉପରେ ଭଦ୍ରକ ସମେତ ଏହା ସଂଲଗ୍ନ ବାଲେଶ୍ୱର, କେନ୍ଦୁଝର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲା ଉପାନ୍ତ ଅଞ୍ଚଳର ପ୍ରାୟ ୨୪ ଲକ୍ଷ ଲୋକ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଛନ୍ତି। ଏଭଳି ସ୍ଥିତିରେ ମେଡିକାଲ କଲେଜ ପ୍ରତିଷ୍ଠା ଏକାନ୍ତ ଆବଶ୍ୟକ ବୋଲି କୁହାଯାଇଛି। ହେଲେ ନୂତନ ୭ ମହଲା ବିଶିଷ୍ଟ ମେଡିକାଲ କୋଠା ନିର୍ମାଣ ଘୋଷଣାକୁ ଅନେକ ସହଜରେ ଗ୍ରହଣ କରିପାରିନାହାନ୍ତି। ତେବେ ଜିଲାର ୩ ବିଧାୟକଙ୍କ ସମେତ ଶତାଧିକ ବିଜେଡି କର୍ମୀ ଦଳୀୟ ସୁପ୍ରିମୋଙ୍କୁ ଭେଟି ଅତ୍ୟାଧୁନିକ ମେଡିକାଲ କୋଠା ନିର୍ମାଣ ନେଇ ଧନ୍ୟବାଦ ଜଣାଇବା ଘଟଣା ଚର୍ଚ୍ଚାକୁ ଆସିଛି। ଏହା ଅଳ୍ପରେ ସନ୍ତୁଷ୍ଟି ଲାଭ କଥାକୁ ପ୍ରମାଣିତ କରୁଛି ବୋଲି ଆନ୍ଦୋଳନକାରୀଙ୍କ ପକ୍ଷରୁ ସମାଲୋଚନା କରାଯାଉଛି।

– ବିଭୁପ୍ରସାଦ ବେହେରା

## ୨୧, ୨୨ରେ ଘନ କୁହୁଡ଼ି

**ଭୁବନେଶ୍ୱର, ୧୯।୧(ବ୍ୟୁରୋ)–** ରାଜ୍ୟରେ କମି କମି ଯାଉଛି ଶୀତ। ଗତ ୪ ଦିନ ହେବ ଯେଉଁ କୁହୁଡ଼ି ଦେଖାଯାଉଥିଲା ତାହା ରବିବାର କମିଯାଇଛି। ହେଲେ ସୋମବାର ପଶ୍ଚିମ-ଓଡ଼ିଶାରେ ଅଳ୍ପ କୁହୁଡ଼ି ହେବ। ତେବେ ଆସନ୍ତା ୨୧ ଓ ୨୨ତାରିଖରେ ବିଭିନ୍ନ ଜିଲାରେ ଘନ କୁହୁଡ଼ି ଅଚ୍ଛାଦିତ ହୋଇ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏନେଇ ଏହି ଦୁଇଦିନ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୧ରେ ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ଼, ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ ଓ ମାଲକାନଗିରିରେ ଘନ କୁହୁଡ଼ି ପରିଲକ୍ଷିତ ହେବ। ସେହିପରି ୨୨ ତାରିଖରେ ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଜଗତ୍‌ସିଂହପୁର, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, କେନ୍ଦ୍ରାପଡ଼ା, ଅନୁଗୋଳ ଓ ଗଜପତି ଆଦି ଜିଲାରେ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଆସନ୍ତା ୨ଦିନ ମଧ୍ୟରେ ରାତିର ତାପମାତ୍ରା ୧ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ଖସିବାର ଆଶଙ୍କା ରହିଛି। ରବିବାର ଅନୁଗୋଳ ଓ ମାଲକାନଗିରିରେ ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀ ରେକର୍ଡ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

## ଲୋକଙ୍କ...

ଗତ ଡିସେମ୍ବର ୧୪ରେ ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଓ.ପି. ରାୱତ୍‌ଙ୍କ ଅଧ୍ୟକ୍ଷତାରେ ସିସିଆର୍‌ଜିଏର ବୈଠକ ବସିଥିଲା। ରାଜ୍ୟଗୁଡ଼ିକୁ ଏହି ପ୍ରସଙ୍ଗରେ ତାଗିଦ କରାଯିବ ଏବଂ କୌଣସି ରାଜ୍ୟ ଏହାକୁ ଅମାନ୍ୟ କଲେ ଅବମାନନା କାର୍ଯ୍ୟାନୁଷ୍ଠାନ ଲାଗି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ପରାମର୍ଶ ଦିଆଯିବ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କେବଳ ଛତିଶଗଡ଼ ଓ ନାଗାଲାଣ୍ଡ ରାଜ୍ୟ ସରକାର ସିସିଆର୍‌ଜିଏଙ୍କ ନିର୍ଦ୍ଦେଶ ମାନିଥିବା ଜଣାପଡ଼ିଛି। ଅନ୍ୟ ରାଜ୍ୟଗୁଡ଼ିକ ବିଜ୍ଞାପନ ପ୍ରକାଶ/ପ୍ରସାରଣ ନିୟନ୍ତ୍ରଣ ସକାଶେ କମିଟି ଗଠନରେ ବିଳମ୍ବ କରୁଥିବା ନେଇ ଚଳିତ ମାସରେ ଅନୁଷ୍ଠିତ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏହା ଉପରେ ତୁରନ୍ତ ଜରୁରୀ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ପରାମର୍ଶ ଦିଆଯାଇଥିଲା। ପ୍ରକାଶ ଯେ ସମସ୍ତ ଗଣମାଧ୍ୟମ ମଞ୍ଚରେ ବିଜ୍ଞାପନର ବିଷୟବସ୍ତୁ ନିୟନ୍ତ୍ରଣ ଉପରେ ଏକ ନୂଆ ଆଇନ ପ୍ରଣୟନ କରିବା ପାଇଁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରସ୍ତାବିତ ଆଇନ ଆସିବାରେ ବିଳମ୍ବ ହୋଇପାରେ। ତେଣୁ ସରକାରୀ ଅର୍ଥରେ ପ୍ରକାଶ ପାଉଥିବା ବିଜ୍ଞାପନର ବିଷୟବସ୍ତୁ ଯାଞ୍ଚ କରିବା ପାଇଁ କେନ୍ଦ୍ରର ତିନିଜଣିଆ କମିଟିକୁ ଦାୟିତ୍ୱ ଦିଆଯାଇଛି।

## ବେପରୁଆ...

ଏହା ସାହାଯ୍ୟରେ ବେପରୁଆ ଗାଡ଼ିଚାଳକଙ୍କୁ ଚିହ୍ନଟ ପରେ ଜରିମାନା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ପରିବହନ କମିଶନର ସଞ୍ଜୀବ ପଣ୍ଡା କହିଲେ, ଚଳିତବର୍ଷ ୯୦ ପ୍ରତିଶତ ଲୋକ ଟ୍ରାଫିକ ନିୟମ ସଂକ୍ରାନ୍ତରେ ସଚେତନ ହୋଇଛନ୍ତି। ଆମ ଦେଶରେ ବର୍ଷକୁ ହାରାହାରି ୧ଲକ୍ଷ ୫୦ ହଜାର ଲୋକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟୁଥିବାବେଳେ ଓଡିଶାରେ ସ୍ଥିତି ଉଦ୍‌ବେଗଜନକ ରହିଛି। ୧୦୦ଟି ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ଜାତୀୟ ସ୍ତରରେ ୩୧ ରହିଥିବାବେଳେ ଓଡ଼ିଶାରେ ୪୭ ରହିଛି। ଗତ ୧୦ବର୍ଷ ମଧ୍ୟରେ ରାଜ୍ୟରେ ୩୮ ହଜାର ଲୋକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାବେଳେ ଏହାର ୭୦ ପ୍ରତିଶତ ଯୁବବର୍ଗ ଅଟନ୍ତି। ୪୨ ପ୍ରତିଶତ ମୃତ୍ୟୁ କେବଳ ଜାତୀୟ ରାଜପଥଗୁଡିକରେ ଘଟିଛି। ପୁଣି ୩୫ ପ୍ରତିଶତ ୨ଚକିଆ ଗାଡ଼ି ଚାଳକ ବା ଆରୋହୀ ରହିଛନ୍ତି। ଅଧିକାଂଶ ବିନା ହେଲ୍‌ମେଟ୍‌ରେ ଯାତ୍ରା ଯୋଗୁ ଘଟିଛି। ଦ୍ରୁତଗତି ଓ ମଦ୍ୟପାନ କରି ଗାଡି ଚଳାଇବା ଯୋଗୁ ୬୦ ପ୍ରତିଶତ ଦୁର୍ଘଟଣା ଘଟିଥିବା ରିପୋର୍ଟ କହୁଛି। ଗତ ୩ ମାସରେ ପ୍ରାୟ ୯ ହଜାର ମଦୁଆ ଗାଡ଼ି ଚାଳକ ଗିରଫ ହୋଇଛନ୍ତି। ଗତବର୍ଷ ୧୭ହଜାର ଲୋକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରାଯାଇଛି। ଆପାତତଃ ୪ଲକ୍ଷ ୭୫ ହଜାର ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଇ-ଚାଲାଣ କରାଯାଇଛି। ଏହାସହ ରାଜ୍ୟରେ ୪୩୫ ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଯାଇ ତାହାର ନିରାକରଣ କରାଯାଇଥିବା ପଣ୍ଡା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଆଇଜି (ସିଆଇଡି) ଅମିତେନ୍ଦ୍ର ନାଥ ସିହ୍ନା, ଆର୍‌ଟିଓ-୧ ଓ ଆର୍‌ଟିଓ-୨ ଉପସ୍ଥିତ ଥିଲେ।

### ଇ-ଚେକ୍‌ଗେଟ୍ ବ୍ୟବସ୍ଥା କ'ଣ?

ପୂର୍ବରୁ ବାହାର ରାଜ୍ୟର ଗାଡ଼ି ଓଡିଶାକୁ ଆସିଲେ ସେମାନେ ପ୍ରଥମେ ପ୍ରବେଶ କରିଥିବା ଜିଲାର ଆର୍‌ଟିଓ ଅଫିସ୍‌ରେ ଗାଡ଼ି ପ୍ରବେଶ କାଗଜପତ୍ର କରିଥାନ୍ତି। କିନ୍ତୁ ଏବେ ଇ-ଚେକ୍‌ଗେଟ୍ ହେବା ଦ୍ୱାରା ଏହି ସମସ୍ୟା ଦୂର ହୋଇଛି। ଗାଡ଼ି ଚାଳକମାନେ ଆର୍‌ଟିଓ ଅଫିସ ନ ଯାଇ ଅନ୍‌ଲାଇନ୍‌ରେ ଟଙ୍କା ଜମା କରି ପ୍ରବେଶ କାଗଜପତ୍ର ପାଇପାରିବେ।

## ଚାଲିଗଲେ...

ସ୍ନାତକୋତ୍ତର କରିଥିଲେ। ୧୯୫୭ରେ କୋଲକାତା ସର୍ବଭାରତୀୟ ସଦରଙ୍ଗ ସଙ୍ଗୀତ ସମ୍ମିଳନୀରେ ସଙ୍ଗୀତ ପରିବେଷଣ କରି ୧୩ଟି ସ୍ୱର୍ଣ୍ଣମୁଦ୍ରା ହାସଲ କରିଥିଲେ। 'ଜୀବନ ପାତ୍ର ମୋ ଭରିଛ କେତେ...' ଭଳି ହୃଦୟଭରା ଗୀତ ଗାଇ ସଙ୍ଗୀତ ଜଗତରେ ହଳଚଳ ସୃଷ୍ଟି କରିଥିଲେ କଣ୍ଠଶିଳ୍ପୀ ଡ. ସୁନନ୍ଦା ପଟ୍ଟନାୟକ। ଜଗନ୍ନାଥ ସ୍ୱାମୀ..., ଜୀବନ ବନ୍ଧୁ ଜୟ ଜୟ..., ହେ ଦୁଃଖ ଭଞ୍ଜନ..., ଦୁଃଖେ ତୁମରି ଉତ୍ସବ ଦୀପ..., ରାମ ଗୟା ବନୱାସ..., ସଖୀ ମେରୀ ମନ୍‌କୀ... ଭଳି ଶତାଧିକ ଭଜନ, ଜଣାଣ ଓ ତରାନା ଗାଇ ସଙ୍ଗୀତ ପ୍ରେମୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ। କେବଳ ଏତିକି ନୁହେଁ, ଭାରତରେ ବିଭିନ୍ନ ସ୍ଥାନରେ ସଙ୍ଗୀତ ପରିବେଷଣ କରିବା ସହ ଅନ୍ତର୍ଜାତୀୟ ସ୍ତରରେ ସେ ଖ୍ୟାତି ଅର୍ଜନ କରିଥିଲେ। ସାରା ଜୀବନ ଅବିବାହିତ ହୋଇ ରହିବାକୁ ନିଷ୍ପତ୍ତି ନେଇଥିବା ସୁନନ୍ଦା ୧୯୮୩ରୁ ଏକାକୀ କୋଲକାତାରେ ରହୁଥିଲେ। ସର୍ବଭାରତୀୟ ସ୍ତରରେ ତରାନା ପରିବେଷଣରେ ସେ ଜଣେ ଅନନ୍ୟ ଶିଳ୍ପୀ ଥିଲେ। ସଙ୍ଗୀତରେ ତାଙ୍କର ପ୍ରଚଣ୍ଡ ପ୍ରତିଭା ପାଇଁ ଶିଳ୍ପୀଜଗତ ତାଙ୍କୁ ଗୁରୁମା ଭାବେ ସମ୍ବୋଧିତ କରୁଥିଲା। ସାମ୍ପ୍ରତିକ ସମୟରେ ଓଡ଼ିଶୀ ସଙ୍ଗୀତର ଜଣେ ବ୍ୟାଖ୍ୟାକାର ଥିବା ପଟ୍ଟନାୟକଙ୍କ ଗୀତ ଶୁଣି ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଆସଫ୍ ଅଲି ଓ ଦେଶର ତତ୍କାଳୀନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ତାଙ୍କର ପ୍ରଶଂସକ ପାଲଟିଥିଲେ। ସଙ୍ଗୀତ କ୍ଷେତ୍ରରେ ଉତ୍କର୍ଷ ଲାଗି ସେ ୧୯୭୦-୭୧ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର, ଓଡ଼ିଶା ସୋସାଇଟି ଅଫ୍ ଆମେରିକା ପକ୍ଷରୁ ୨୦୧୨ରେ 'ଇଣ୍ଡିଆନ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ' ପୁରସ୍କାର, ସେହିବର୍ଷ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଟାଗୋର ଏକାଡେମୀ ପୁରସ୍କାର ହାସଲ କରିଥିଲେ। ଏହାବ୍ୟତୀତ ୧୯୯୯ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍, ୧୯୭୫ରେ ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟ ମଣ୍ଡଳରୁ ସଙ୍ଗୀତରେ ଡକ୍ଟରେଟ୍ ହାସଲ କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଚନ୍ଦ୍ରମଙ୍ଗଳ ଯୋଗ ପ୍ରଭାବରୁ ଅର୍ଥନୈତିକ ଅଭିବୃଦ୍ଧି, ଗୃହଜମି ଲାଭ, ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟି ହେବ। କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ନିୟନ୍ତ୍ରଣ ମଧ୍ୟରେ ରହିବା ସହ ଆତ୍ମୀୟଙ୍କ ସହୃଦୟତାରୁ ଖୁସି ରହିବେ। ବିତର୍କଜନିତ ପରିବାରରେ ଅର୍ଥ ସମ୍ପର୍କକୁ ନେଇ କିମ୍ବା ଅଫିସ୍‌ରେ ସହକର୍ମୀଙ୍କ ସହ ବିବାଦ ଦେଖାଦେଇ ପାରେ। ଆନୁଷ୍ଠାନିକ କାମରେ ନିଜର ପତିଆରା ବୃଦ୍ଧି ପାଇବ।

**ବୃଷ**
ସପ୍ତମସ୍ଥ ଗ୍ରହ ପ୍ରଭାବରେ ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ ଓ ଏବଂ ଯେଉଁ କାମରେ ଯାଉଛନ୍ତି ସେଥିରେ ସଫଳତା ନିଶ୍ଚିତ ପାଇବେ। ପରିବାରରେ ପିଲାମାନଙ୍କ ସମସ୍ୟା ବିଷୟକୁ ନେଇ ମନରେ ସରସତା ରହି ନ ପାରେ। ଆକସ୍ମିକ ଭାବରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିବାର ସୂଚନା ରହିଛି।

**ମିଥୁନ**
ରବି ଓ ବୁଧଙ୍କ ସ୍ଥାନସ୍ଥିତିରୁ ଭାଇ, ବନ୍ଧୁ ଓ ପଡୋଶୀଙ୍କ ସହ ଅର୍ଥକୁ କେନ୍ଦ୍ରକରି ଅଶାନ୍ତି ଉପୁଜିପାରେ। ସାଧାରଣ ଯୁକ୍ତି ତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ଯୋଗ ଦେଇ ପାରନ୍ତି। କଳା, କ୍ରୀଡା ଓ ସଭାସମିତିରେ ସମ୍ମାନିତ ହେବେ।

**କର୍କଟ**
ସାମଗ୍ରିକ ଦୃଷ୍ଟିକୋଣରୁ ପ୍ରତ୍ୟେକ କ୍ଷେତ୍ରରେ ସୁଫଳ ଲାଭକରିବା ସହ ଦିନଟି ସ୍ମରଣୀୟ ରହିବ। ଅଶ୍ଳେଷା ନକ୍ଷତ୍ର କାର୍ଯ୍ୟ ବ୍ୟସ୍ତତା ବୃଦ୍ଧି ପାଇବା କାରଣରୁ ଘରୋଇ କାମରେ ସମୟ ଦେଇ ପାରିବେ ନାହିଁ। ସାଙ୍ଗସାଥୀମାନଙ୍କ ସହ ଦେବଦର୍ଶନ ଓ ଭ୍ରମଣ ସାଙ୍ଗକୁ କୌଣସି ନୂତନ ଜିନିଷ କିଣିବାକୁ ମନ ବଳାଇବେ।

**ସିଂହ**
ଶନି କ୍ଷେତ୍ରସ୍ଥ ରାଶ୍ୟାଧିପ ରବି ହେତୁ ସ୍ୱାସ୍ଥ୍ୟ ସମସ୍ୟା ମନକୁ ବିଚଳିତ କରିପାରେ। ଏହା ସାଙ୍ଗକୁ କର୍ମକ୍ଷେତ୍ରରେ ମଧ୍ୟ କେତେକ ଆକସ୍ମିକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିବ। ଅଫିସରେ କିମ୍ବା କାମରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। କାରିଗରି, ପରିବହନ, ବ୍ୟବସାୟ ଓ ଫଳ ଦୋକାନୀ ଆଜି ବିଶେଷ ଭାବେ ଲାଭବାନ ହେବେ।

**କନ୍ୟା**
ସ୍ୱଭାବରୁ ବୁଧ ଅଷ୍ଟମସ୍ଥ ଯୋଗୁ ଆଜିର ଦୈନିକଚର୍ଯ୍ୟା ଓ କର୍ମକ୍ଷେତ୍ର ଶୃଙ୍ଖଳିତ ରହିବନାହିଁ। ଅବଶ୍ୟ ଚିତ୍ରା ନକ୍ଷତ୍ର ସକାଶେ ପାଖ ପଡ଼ୋଶୀଙ୍କ ନିକଟରୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଆତ୍ମୀୟମାନଙ୍କୁ ଭଲକଥା କହିଲେ ମଧ୍ୟ ଅନ୍ୟମାନେ ତାହାକୁ ଭୁଲ୍ ବୁଝିବେ। ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ।

**ତୁଳା**
ଧନାଧିପ କର୍ମାଧିପତି ସହ ଧନସ୍ଥ ଯୋଗୁ ଅର୍ଥର ପ୍ରାଚୁର୍ଯ୍ୟ ମଧ୍ୟରେ ନୂଆ ନୂଆ କାମର ପରିକଳ୍ପନା କରିବେ। କିନ୍ତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ, ଏଣୁ ସତର୍କତାର ସହ କିଛି ମନ୍ତବ୍ୟ ଦେବା ଭଲ ହେବ। ସମ୍ୟକ୍ ନମ୍ରତା ଓ ନୀରବତା ମାଧ୍ୟମରେ ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ଦୂରେଇ ପାରିବେ।

**ବିଛା**
ଆଜି ମନ ଅନୁଯାୟୀ କାମ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। ଅଫିସ୍ କାମରେ କୌଣସି ମହିଳାଙ୍କ ତରଫରୁ ସମସ୍ୟା ଆସି ପାରେ। ପରୋକ୍ଷ ଭାବେ ଆପଣଙ୍କ ଶତ୍ରୁମାନେ ସମସ୍ୟା ସୃଷ୍ଟି କରିବା ସକାଶେ ଯୋଜନା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିପାରନ୍ତି।

**ଧନୁ**
ସନ୍ଦେହ ଓ ଭୁଲ୍ ଧାରଣାରୁ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଯୁକ୍ତିତର୍କ ଲାଗିବାର ସୂଚନା ରହିଛି। ପୂର୍ବାଷାଢ଼ା ନକ୍ଷତ୍ର ବନ୍ଧୁମାନଙ୍କ ସହ ଭ୍ରମଣ, କ୍ରୀଡ଼ା କାର୍ଯ୍ୟକ୍ରମରେ ନିଜକୁ ମଜାଇ ରଖି ଅର୍ଥର ଅପବ୍ୟୟ କରିପାରନ୍ତି। ବିତର୍କ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିବା ସହ ବ୍ୟବସାୟ ଓ ପରିବହନ ପାଇଁ ଦିନଟି ବହୁତ ଭଲ।

**ମକର**
ପ୍ରତିକୂଳଗ୍ରହସ୍ଥିତି ପ୍ରତ୍ୟେକ କାମକୁ ଗଡ୍‌ବଡ୍ କରିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ପଛକୁ ରହି କାମ କରିବା ଭଲ ହେବ, ଅବଶ୍ୟ ଦିନଟି ଉତ୍ତରାଷାଢା ନକ୍ଷତ୍ର ପାଇଁ ମନ୍ଦ ହେବନି। ହଠାତ୍ କୌଣସି ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ। ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ଅନୁଭବ କରି ଦୁଃଖ ପ୍ରକାଶ କରିପାରନ୍ତି।

**କୁମ୍ଭ**
ପାପଯୁକ୍ତ ବୃହସ୍ପତି ଯୋଗୁ କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କ୍ରୀଡା, ସାହିତ୍ୟ, ସଙ୍ଗୀତ, କଳା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ପରିବହନ, ଯାନ୍ତ୍ରିକ ଶିଳ୍ପ, ଅଳଙ୍କାର ଦୋକାନୀ, ବିଶେଷ ଭାବରେ ଲାଭବାନ୍ ହେବେ। ଇଚ୍ଛା ନ ଥାଇ ମଧ୍ୟ ପରିସ୍ଥିତିରେ ପଡି ଅନାବଶ୍ୟକ ଅର୍ଥବ୍ୟୟ କରିବାକୁ ବାଧ୍ୟ ହୋଇପାରନ୍ତି।

**ମୀନ**
ବିଭିନ୍ନ ପ୍ରକାର ନୂତନ ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବ୍ୟବସାୟିକ ସ୍ଥିତି ପୂର୍ବପରି ରହିବା ସାଙ୍ଗକୁ ଧାର ସୂତ୍ରରେ ଅର୍ଥ ପାଇବେ। ଯାତ୍ରା ସଫଳ ହେବ ଏବଂ ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ।

ଆଜି ଜାନୁୟାରୀ ୨୦ ତାରିଖ, ମାଘ କୃଷ୍ଣପକ୍ଷର ସର୍ବସମ୍ମତ ଏକାଦଶୀ ସୋମବାର, ଓଳାଶୁଣୀ ଯାତ୍ରା, ରାଶିନକ୍ଷତ୍ର-ଅନୁରାଧା/ବିଛା, ମିଥୁନ ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଦିବା ଘ୧୨।୪୮ମି. ଗତେ ବିବାହ ପାଣିଗ୍ରହଣ, ସକାଳ ଘ୭।୫୬ମି. ମଧ୍ୟେ ଘ୧୦।୫୧ମି. ଗତେ ଘ୧।୦୩ମି. ମଧ୍ୟେ ଅମୃତବେଳା। ଏବଂ ଦିବା ଘ୯।୧୬ମି. ଗତେ ଘ୧୦।୩୯ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୫୧ମି. ଗତେ ଘ୯।୧୩ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

**SALE**

ଭୁବନେଶ୍ୱର New Rly Station ପାଖରେ Yellow zone plot ମିଳୁଛି। 6371406921. D-16190

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି। sqft. 650/-, 7008045582, 9692003948. D-16254

ଭୁବନେଶ୍ୱର କଟଣ ଗେଟ୍ ଠାରେ Sqft.200/-, ବାଳକାଟି ବଜାରରୁ 2k.m Sqft.550/- (ଘରବାରି) କଟକ ତ୍ରିଶୁଳିଆରୁ 4k.m Sqft.300/-ରେ ପ୍ଲଟ୍ ମିଳୁଛି। 9348020724, 7978939440. D-68472

1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore-7809525452. D-68761

ପ୍ଲଟ୍ ବିକ୍ରିହେବ- ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପଟ୍ଟାରୁ। 9178660666. D-68967

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 4,50,000. Contact: 8908492594. D-16256

Gharabari plots at Balianta, Bhingarpur and Bagalpur. Immediate possession & registration, contact-9437147826. D-16175

Bhubaneswar ସୁନ୍ଦରପଦା ନିକଟରେ ଘରବାରି ପ୍ଲଟ୍ 1500 ବର୍ଗଫୁଟକୁ 13,50,000/, ରେ କିଣି ଆଜି ଘର କରନ୍ତୁ। Investment plot 4,00,000/-, Swati, 8249680401. D-68543

Yellowzone gharabari plot near Uttara square NHରୁ 50mtr. distance (9556794241). D-16274

ଭୁବନେଶ୍ୱର କଟଣ ଗେଟ୍ ଠାରେ 1200sqft. 2,20,000/-, ନଖରା ତ୍ରିନାଥ ବଜାରଠାରେ SC plot 1200sqft. 3,44,000/- (outright), 7894433357, 9776974912. D-68476

2BHK flat 1120sqft. adjacent to Mountlitera Zee School, Kateni Bhubaneswar for sale @ 18,50,000/- **, 9937847725. D-16276

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

construction

Construct your home with branded materials just @ 1350/- onwards, core house 850/-. For more details: 9438315332, 8249485093. D-16181

**GENERAL**

**PURCHASE**

Packing/ processing machine required, food product, dry, semisolid liquid. 9437008388. D-68328

to-let

3BHK with parking for families only, near AMRI Hospital, Kolathia. Contact No. 9348534277. D-16211

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

healthcare

Rejuvenate and ayurvedic full body massage by smart therapist. 9114402304. D-68946

Refresh your body with smart and expert therapist. Contact: 8457855286. D-68962

Sai herbal spa refresh your body with smart, expert therapist. 7608062524. D-68961

Ayurvedic full body massage ladies/gents smart experts therapist:- 8480939300. D-68753

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68756

Refresh your mind and soul with best therapy at Orchid Salon/Spa. 9937287222. D-68755

Newly open full body massage by ladies, gents therapist. 8018656899 D-60863

Ayurvedic full body massage ladies and gents. Contact: 9861064981. D-68759

Ayurvedic full body massage by ladies, gents therapist. 7008773793 D-60864

Full body herbal massage with refreshment expert therapist. 7381239385, 06742540855. D-68963

Experience full body massage with us (expert). Call: 7377048581, 06742597822. D-68964

Herbal full body massage by smart / expert therapist. Contact: 8338067247. D-68965

Experience winter therapeutic Abhyanga massage feeling refreshing energetic: Appointment-9668374480. D-68966

**BUSINESS**

ନିଜ ଘରେ କାମ କରି ମାସକୁ ୫୦୦୦ ରୁ ୫୦୦୦୦ କମାନ୍ତୁ। Mob: 9777434078. D-16304

**ଜନ୍ମଦିନ ଶୁଭେଚ୍ଛା**


(ରାଜ୍)
**ଶ୍ରୀଜିତ୍ ପଟ୍ଟନାୟକ**
IRC Village, BBSR
ତୋର ଦଶମ ଜନ୍ମବାର୍ଷିକ ତିଥି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶିରିଡି ସାଇବାବାଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ ସର୍ବଦା କୁସୁମିତ ହେଉ ତଥା ଯଶସ୍ୱୀ କରନ୍ତୁ। ଶୁଭେଚ୍ଛା ସହ: ବୋଉମା, ମାମି, ପାପା, ମାମା, ମଣ୍ଟୁ କାକୁ, ସାନମା, ଟଣ୍ଟୁ କାକୁ, କାକୀ, ଚିଣ୍ଟୁ କାକୁ, ସାନ କାକୀ, ବୁଲୁ ଭାଇନା, ଅପା, ଅଜା, ଆଈ, ମାମୁ, ମାଈଁ, ମଉସା, ମାଉସୀ, ଗୁଡ୍ଡୁ, ଦିଦି, ପ୍ରେମ୍, ଶ୍ୱେତା, ସିଦ୍ଧେଶ, ବନ୍ଧୁ ଓ ପରିବାରବର୍ଗ। ଧ-୧୬୩୦୪

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## ଶ୍ରୀଲଙ୍କାରେ ଫସିଥିବା ୧୧ ଓଡ଼ିଆ ଶ୍ରମିକ ଉଦ୍ଧାର

■ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ଧନ୍ୟବାଦ
■ 'ମୋ ପରିବାର' ହସ୍ତକ୍ଷେପ ଆଣିଲା ସଫଳତା

ଭୁବନେଶ୍ୱର,୧୯।୧(ବ୍ୟୁରୋ)

ଶ୍ରୀଲଙ୍କାରେ ଫସିଥିବା ୧୧ ଓଡ଼ିଆ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଏହି ଶ୍ରମିକମାନେ କାମ ଆଶାରେ ଠିକା ସଂସ୍ଥା ଦ୍ୱାରା ଶ୍ରୀଲଙ୍କା ଯାଇଥିଲେ। ସେଠାରେ ଦୈନିକ ୧୪ରୁ ୧୫ ଘଣ୍ଟା କାମ କରିବା ସହ ନିମ୍ନମାନର ଖାଦ୍ୟ ଗ୍ରହଣ କରୁଥିଲେ। ସ୍ୱାସ୍ଥ୍ୟହାନି ହେଲେ କେହି ଶୁଣିବାକୁ ନ ଥିଲେ। ଜନ୍ମମାଟିରୁ ଦୂରରେ ଥିବା ଏହି ଶ୍ରମିକମାନେ ସାମାଜିକ ଗଣମାଧ୍ୟମର ସହଯୋଗ ନେଇ ରାଜ୍ୟ ପ୍ରଶାସନକୁ ଯୋଗାଯୋଗ କରିଥିଲେ। ସେମାନେ ଫସିଥିବା ଜାଣି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଶ୍ରମିକମାନଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିଥିଲେ। ଏହାପରେ ସିଏମ୍‌ଓ ପକ୍ଷରୁ ବୈଦେଶିକ ମନ୍ତ୍ରଣାଳୟର ସହଯୋଗ ନିଆଯାଇ ସେମାନଙ୍କୁ ଉଦ୍ଧାର କରାଯାଇଥିଲା।

ଏହି ଶ୍ରମିକମାନେ ସୁରକ୍ଷିତଭାବେ ଉଦ୍ଧାର ହେବା ପରେ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟ ସଭା ଏମ୍‌ପି ତଥା ପାର୍ଲାମେଣ୍ଟ ବୈଦେଶିକ ମନ୍ତ୍ରଣାଳୟ ପରାମର୍ଶଦାତା କମିଟି ସଦସ୍ୟ ସସ୍ମିତ ପାତ୍ର ଏହି ଶ୍ରମିକମାନଙ୍କୁ ସୁରକ୍ଷିତଭାବେ ଫେରାଇ ଆଣିବା ପାଇଁ ଶ୍ରୀଲଙ୍କାରେ ଥିବା ଭାରତୀୟ ଦୂତାବାସ ସହ ପ୍ରତ୍ୟକ୍ଷ ମନିଟରିଂ କରିଥିଲେ। ଶ୍ରମିକମାନଙ୍କୁ ଉଦ୍ଧାର କରିସାରିବା ପରେ ଗଣମାଧ୍ୟମକୁ ସସ୍ମିତ କହିଛନ୍ତି ଯେ, ଯେଉଁ ଠିକାସଂସ୍ଥା ଅଥବା ବ୍ୟକ୍ତିବିଶେଷ ଶ୍ରମିକମାନଙ୍କୁ ନେଇ ଖଟାଉଛନ୍ତି, ଉପଯୁକ୍ତ ପାରିଶ୍ରମିକ, ସ୍ୱାସ୍ଥ୍ୟ ସୁବିଧା ଯୋଗାଉ ନାହାନ୍ତି ସେ ସମ୍ପର୍କରେ ଯାଞ୍ଚ କରାଯିବ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ଏହି ଶ୍ରମିକଙ୍କ ଆର୍ଥିକ ଏବଂ ସାମାଜିକ ଉନ୍ନତି ଆଣିବ ବୋଲି ସସ୍ମିତ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ ସଂଗଠନ 'ଓଡ଼ିଶା-ମୋ ପରିବାର' ଶ୍ରମିକଙ୍କୁ ଫେରାଇ ଆଣିବା ପାଇଁ କାର୍ଯ୍ୟ କରିଥିଲା। ଯୁବ ବିଜେଡି ସଙ୍ଗଠକ ଆଶିଷ ମିଶ୍ର ମଧ୍ୟ ଶ୍ରମିକମାନଙ୍କୁ ଉଦ୍ଧାର ସମ୍ପର୍କିତ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ। ପ୍ରଥମେ ଗତ ୧୧ ତାରିଖ ଦିନ ୪ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ପରବର୍ତ୍ତୀ ସମୟରେ ଅନ୍ୟ ୭ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଏହି ଶ୍ରମିକମାନେ ହେଉଛନ୍ତି- ଆଶିଷ କୁମାର ମହାରଣା, ପଙ୍କଜ ପ୍ରଧାନ, ବଳରାମ ରାଉତ, ଦେବରାଜ ନାୟକ, ସୁବାସ ପ୍ରଧାନ, ଆନନ୍ଦ ବେହେରା, କବି ଦାସ, ଲକ୍ଷ୍ମୀ ବେହେରା, ଲକ୍ଷ୍ମୀକାନ୍ତ ସାହୁ, ଶିବ ପ୍ରଧାନ ଏବଂ କିଶୋର ତରାଇ। ଏହି ଶ୍ରମିକମାନେ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ବାଣପୁର ଏବଂ ହରିଚନ୍ଦନପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଜନ୍ମମାଟିକୁ ଫେରିବା ପରେ ଶ୍ରମିକମାନେ କହିଛନ୍ତି ଯେ, କେତେକ ଠିକାଦାର ମାସିକ ୬୦,୦୦୦ ଟଙ୍କା ଦରମା ମିଳିବ ବୋଲି କହି ନେଇଥିଲେ। ହେଲେ ସେଠାରେ ୮ ଘଣ୍ଟା ବଦଳରେ ୧୫ରୁ ୧୬ ଘଣ୍ଟା କାମ କରିବାକୁ କୁହାଗଲା ଏବଂ କୁହାଯାଇଥିବା ପାରିଶ୍ରମିକଠାରୁ ଯଥେଷ୍ଟ କମ୍ ପାରିଶ୍ରମିକ ଦିଆଗଲା। ରାତିରେ ସମସ୍ତଙ୍କୁ ଗୋଟିଏ କୋଠରିରେ ବନ୍ଦ କରିଦିଆଯାଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ସେମାନେ ଭୋଗୁଥିବା ସମସ୍ୟା ସମ୍ପର୍କିତ ଭିଡିଓ ଭାଇରାଲ ହେବା ଘଟଣା ହିଁ ସେମାନଙ୍କ ମୁକ୍ତିର ବାଟ ଫିଟାଇଥିଲା। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ୧୧ ଜଣ ଓଡ଼ିଆ ଶ୍ରୀଲଙ୍କାର କୁରିନିଆୱାତା ନିକଟସ୍ଥ ଏକ ସ୍ଥାନରେ ଫସିଥିଲେ। ଦୀପକ ସାମନ୍ତରାୟ ଏବଂ ପ୍ରକାଶ ସାମନ୍ତରାୟ ଏହି ଶ୍ରମିକମାନଙ୍କୁ ଶ୍ରୀଲଙ୍କା ଚାଲାଣରେ ମଧ୍ୟସ୍ଥତା କରିଥିବା ଜଣାପଡ଼ିଛି।

## ରାସ୍ତାରେ ଜଳିଗଲା ଆଇରନ ବୋଝେଇ ଟ୍ରକ୍



ଠାକୁରମୁଣ୍ଡା,୧୯।୧(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଧୀନ କେନ୍ଦୁଝର-ଯଶୀପୁର ୪୯ନଂ. ଜାତୀୟ ରାଜପଥରେ ରବିବାର ସକାଳେ ଏକ ୧୨ଚକିଆ ଆଇରନ ବୋଝେଇ ଟ୍ରକ୍‌ରେ ନିଆଁ ଲାଗି ଜଳିଯାଇଛି। ଡ୍ରାଇଭର ଓ ହେଲ୍‌ପର ଅଳ୍ପକେ ବର୍ତ୍ତି ଯାଇଛନ୍ତି। କେନ୍ଦୁଝରରୁ ଆଇରନ ବୋଝେଇ କରି ଝାଡ଼ଖଣ୍ଡର ହୋତା ଅଞ୍ଚଳକୁ ଯାଉଥିବା ବେଳେ କୌଣସି କାରଣରୁ ଟ୍ରକ୍ (ନଂ.ଓଠ୯ଏଫ୍-୫୬୪୩)ରେ ନିଆଁ ଲାଗିଯାଇଥିଲା। ନିଆଁ ଲାଗିଯାଇଥିବା ଜାଣି ଡ୍ରାଇଭର ଟ୍ରକ୍‌କୁ ସୁରକ୍ଷିତ ଭାବେ ରାସ୍ତା କଡ଼ରେ ରଖି ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଯଶୀପୁର ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପକୁ ନେଇ ଏନ୍‌ଜିଟିରେ ମାମଲା

କଟକ ଅଫିସ, ୧୯।୧: କୋରାପୁଟ ଜିଲା ଡୁମୋଜୋରି ନିକଟରେ ନିର୍ମାଣ ଚାଲିଥିବା କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପକୁ ନେଇ ଏନ୍‌ଜିଟିରେ ମାମଲା ରୁଜୁ ହୋଇଛି। ମାମଲାର ଶୁଣାଣି କରି ଏନ୍‌ଜିଟିଙ୍କ ପକ୍ଷରୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟକୁ ୩ ସପ୍ତାହ ମଧ୍ୟରେ ତଦନ୍ତ ରିପୋର୍ଟ ମଗାଯାଇଛି। ଫେବୃୟାରୀ ୨୫କୁ ମାମଲାର ପରବର୍ତ୍ତୀ ତାରିଖ ପାଇଁ ଦିନଧାର୍ଯ୍ୟ ହୋଇଛି।

## ଫିରିଙ୍ଗିଆରେ ଯବାନ-ମାଓବାଦୀ ଗୁଳି ବିନିମୟ

ଫୁଲବାଣୀ ଅଫିସ, ୧୯।୧

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ଅଞ୍ଚଳରେ ମାଓବାଦୀମାନେ ସକ୍ରିୟ ରହିଛନ୍ତି। ଅଡନସୁଗା, ସାଉଲପଡ଼ା-ଲଦାପଦର ରାସ୍ତା ଓଡାବାଲି ଜଙ୍ଗଲରେ ଏସ୍‌ଓଜି ଯବାନ ଏବଂ ମାଓବାଦୀଙ୍କ ମଧ୍ୟରେ ଶୁକ୍ରବାର ସକାଳେ ଓ ସନ୍ଧ୍ୟାରେ ଦୁଇଥର ଗୁଳି ବିନିମୟ ହୋଇଥିଲା। ମାଓବାଦୀମାନେ ଛତ୍ରଭଙ୍ଗ ଦେବାପରେ ସେମାନଙ୍କର ଏକ କ୍ୟାମ୍ପ ଠାବ କରାଯାଇଛି। କେକେବିଏନ୍ ଏବଂ ବିଜିଏନ୍ ଡିଭିଜନର ସଦସ୍ୟ ସେଠାରେ ଏକାଠି ହୋଇଥିବା ଜଣାପଡ଼ିଛି। ମାଓବାଦୀ ନେତା ମମତା, ସୁକ୍ରୁ ଏବଂ ବଣ୍ଟି ଅଳ୍ପକେ ଖସି ଯାଇଛନ୍ତି। ଜଙ୍ଗଲ ମଧ୍ୟରେ ଠାବ ହୋଇଥିବା କ୍ୟାମ୍ପରୁ ୯ ଏମ୍‌ଏମ୍ ପିସ୍ତଲ, ବିସ୍ଫୋରକ, ଇନସାସ୍ ବନ୍ଧୁକର ଗୁଳି, ୱାକିଟକି, ରେଡିଓ, ଟର୍ଚ୍ଚ, ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ, ଔଷଧ, ୟୁନିଫର୍ମ ଆଦି ଜବତ କରାଯାଇଛି।

ସୁମରବନ୍ଧ ପଞ୍ଚାୟତ ରାତାମାସ୍କା, ଅଡାବାଲି ଆଦି ଅଞ୍ଚଳରେ ମାଓବାଦୀମାନେ ଖାଦ୍ୟ ସାମଗ୍ରୀ, ଡ୍ରେସ ଆଦି ନେଉଥିବା ଜଣାପଡ଼ିଥିଲା। ସେହି ଅଞ୍ଚଳରେ ସେମାନେ ମିଟିଂ କରିବା ଏବଂ ଏକତ୍ରିତ ହୋଇଥିବା ଖବର ମିଳିଥିଲା।



କ୍ୟାମ୍ପରୁ ଜବତ ସାମଗ୍ରୀ।

ଶୁକ୍ରବାର ଆମର ଏସ୍‌ଓଜି ଟିମ୍ କୋମ୍ବିଂ ଅପରେଶନରେ ବାହାରିଥିଲା। ସକାଳ ପ୍ରାୟ ସାଢ଼େ ୭ଟାବେଳେ ଅଡନସୁଗା ଜଙ୍ଗଲଠାରେ ଅଟୋମେଟିକ ରାଇଫଲ ଏକେ-୪୭ରୁ ମାଓବାଦୀମାନେ ଗୁଳି କରିଥିଲେ। ଏହାପରେ ଯବାନମାନେ ପାଲଟା ଆକ୍ରମଣ କରିଥିଲେ। ମାଓବାଦୀମାନେ ସେଠାରୁ ଚାଲି ଯିବାରୁ ସର୍ଚ୍ଚ ଅପରେଶନ ଜୋରଦାର କରାଯାଇଥିଲା। ପୁଣି ସନ୍ଧ୍ୟା ୫ଟାବେଳେ ସାଉଲପଡ଼ା-ଲଦାପଦର ରାସ୍ତା ଅଡାବାଲି ଜଙ୍ଗଲରେ

### ଖସି ଗଲେ ମାଓବାଦୀ ନେତା ମମତା, ସୁକ୍ରୁ, ବଣ୍ଟି

ଆଉ ଗୋଟିଏ ଟିମ୍ ସହ ମାଓବାଦୀଙ୍କ ମୁହାଁମୁହିଁ ହୋଇଥିଲା। ସେଠାରେ ମାଓବାଦୀ କ୍ୟାମ୍ପ ଠାବ କରାଯାଇଥିଲା। ସେଠାରେ କେକେବିଏନ ଏବଂ ବିଜିଏନର ମିଳିତ ମିଟିଂ ହୋଇଥିବା ଖବର ମିଳିଛି। ମାଓବାଦୀ ନେତା ମମତା, ସୁକ୍ରୁ ଏବଂ ବଣ୍ଟି ସେଠାରେ ଥିବା ଅନୁମାନ କରାଯାଉଛି। ଉଭୟ କମିଟିର ସଦସ୍ୟମାନେ ବଡ଼ଧରଣର ହିଂସା ଘଟାଇବା ପାଇଁ ମିଳିତ ହୋଇଥିଲେ। ମହିଳାଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ମାଓବାଦୀ ଉପସ୍ଥିତ ଥିବା ଅନୁମାନ କରାଯାଉଛି। ଏହି ଗୁଳି ବିନିମୟରେ ଆମର କିଛି ଯବାନଙ୍କୁ ସାମାନ୍ୟ ଆଘାତ ଲାଗିଛି। କୋମ୍ବିଂ ଅପରେଶନ ଚାଲୁ ରହିଛି ବୋଲି ଏସ୍‌ପି ପ୍ରତୀକ ଗୀତା ସିଂ ରବିବାର ଅପରାହ୍ନରେ ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

## ୨ ମାଛଧରା ବୋଟ୍ ମଧ୍ୟରେ ଧକ୍କା



ସମୁଦ୍ର କୂଳରେ ଲାଗିଥିବା ବଡ଼ବୋଟ୍।

■ ପହଁରି କୂଳରେ ପହଞ୍ଚିଲେ ୧୮ ମତ୍ସ୍ୟଜୀବୀ
■ କୁହୁଡ଼ି ଯୋଗୁ ଘଟିଲା ଦୁର୍ଘଟଣା

ଗୋପାଳପୁର,୧୯।୧: କୁହୁଡ଼ି ଯୋଗୁ ବିଭିନ୍ନ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟୁଥିବାବେଳେ ଗଞ୍ଜାମ ଜିଲା ଗୋପାଳପୁର ନିକଟରେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ୨ଟି ବୋଟ୍ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ୧୮ଜଣ ଧୀବର କଳେବଳେ କୂଳକୁ ପହଁରି ଚାଲିଆସିଥିବାବେଳେ ସେମାନଙ୍କ ମଧ୍ୟରୁ ୪ଜଣ ଗୁରୁତର ହୋଇଛନ୍ତି। ଡଙ୍ଗା ଦୁଇଟି ଭାଙ୍ଗି ଯାଇଥିବାବେଳେ ମାଛଧରା ଜାଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

ମତ୍ସ୍ୟଜୀବୀଙ୍କ କହିବା ପ୍ରକାରେ, ଗୋପାଳପୁର ଏନ୍‌ଏସିର ୯ଜଣ ଶନିବାର ସନ୍ଧ୍ୟାରେ ମାଛ ମାରିବାକୁ ବୋଟ୍ ଧରି ସମୁଦ୍ର ଭିତରକୁ ଯାଇଥିଲେ। ମାଛ ଧରିସାରିବା ପରେ ଲଙ୍ଗର ପକାଇ ସମୁଦ୍ର ଭିତରେ ଅଟକି ରହିଥିଲେ। ଅନ୍ୟଏକ ବୋଟ୍ ନେଇ ୯ ଜଣ ଧୀବର ରବିବାର ଭୋରରେ ଉକ୍ତ ମାଛ ଆଣିବାକୁ ସମୁଦ୍ର ଭିତରକୁ ଯାଇଥିଲେ। ଘନ କୁହୁଡ଼ି ଯୋଗୁ ଲଙ୍ଗର ପକାଇଥିବା ବୋଟ୍ ସହ ଏମାନଙ୍କ ବୋଟ୍‌ଟି ଜୋରରେ ପିଟି ହୋଇଯାଇଥିଲା। ଏଥିରେ ଗୋଟିଏ ବୋଟ୍ ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ଅନ୍ୟଟି ଓଲଟି ପଡ଼ିଥିଲା। ୧୮ ଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ଡେଇଁ ପହଁରି ପହଁରି କୂଳକୁ ଆସିଥିଲେ। ଉକ୍ତ ଦୁଇ ବୋଟ୍‌ରେ ଥିବା ଦୁଇଟି ମୋଟର, ୨ଟି ଜାଲ ବୁଡ଼ିଯାଇଥିଲା। କିଛି ସମୟପରେ ଦୁର୍ଘଟଣାଗ୍ରସ୍ତ ବୋଟ୍ କୂଳରେ ଲାଗିଥିଲା। ଅନ୍ୟ ଧୀବରମାନେ ଟାଣି ଉପରକୁ ଆଣିଥିଲେ। ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ହୋଇଥିବା ସେମାନେ କହିଛନ୍ତି। କ୍ଷତିଗ୍ରସ୍ତମାନେ ଗରିବ ଶ୍ରେଣୀର ହୋଇଥିବାବେଳେ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି। ସମୁଦ୍ର ମଧ୍ୟରେ ଘନ କୁହୁଡ଼ି ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା।

## ସାତକୋଶିଆ ଗଣ୍ଡ ଉପରେ ହେଲିକପ୍ଟର ଉଡ଼ିବା ଚର୍ଚ୍ଚା

ବନ୍ତଳା,୧୯।୧(ଡି.ଏନ.ଏ.)- ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଥିବା ଟିକରପଡ଼ା ମହାନଦୀ ଗଣ୍ଡ ଉପର ଦେଇ କମ୍ ଉଚ୍ଚତାରେ ରବିବାର ଏକ ହେଲିକପ୍ଟର ଉଡ଼ିଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଆଲୋଚନା ହେଉଛି। ଏହା ବନ୍ୟପ୍ରାଣୀ ଆଇନର ଉଲ୍ଲଂଘନ ହୋଇଥିବାରୁ ବନ ବିଭାଗ ତଦନ୍ତ କରିବାକୁ ପର୍ଯ୍ୟଟକମାନେ ଦାବି କରିଛନ୍ତି। ସାତକୋଶିଆ ଗଣ୍ଡରେ ବୋଟିଂ କରୁଥିବା କେତେଜଣ ପର୍ଯ୍ୟଟକ କହିଛନ୍ତି ଯେ, ସେମାନେ ଅଭୟାରଣ୍ୟର ସୌନ୍ଦର୍ଯ୍ୟ ଉପଭୋଗ କରୁଥିବା ବେଳେ ହଠାତ୍ ଜୋରଦାର ଶବ୍ଦ ହୋଇଥିଲା। ଏହା କୌଣସି ବୋଟ୍‌ର ଶବ୍ଦ ବୋଲି ସେମାନେ ଭାବି ନେଇଥିଲେ। ହେଲେ ଏକ ହେଲିକପ୍ଟର ଗଣ୍ଡର ଅତି ନିକଟରେ ଉଡୁଥିବା ଦେଖିବାକୁ ପାଇଥିଲେ। ପର୍ଯ୍ୟଟକଙ୍କ ମଧ୍ୟରେ ଏପରି ଚର୍ଚ୍ଚା ସମ୍ପର୍କରେ ସାତକୋଶିଆ ଡିଏଫ୍‌ଓ ରାମାସ୍ୱାମୀ ପି. କହିଛନ୍ତି, ସାତକୋଶିଆରେ କ'ଣ ଘଟିଛି ବୁଝିବା ପରେ ଯାହା କିଛି କହିପାରିବେ। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ପ୍ରଦୀପ ରାଜ କରାଟେ କହିଛନ୍ତି, କୋର ଅଞ୍ଚଳରେ ହେଲିକପ୍ଟର ବୁଲିବା ନିୟମ ନାହିଁ। ଏ ନେଇ ଡିଏଫଓଙ୍କୁ ପଚାରି ବୁଝିବେ।

DSPL-238

5T TRANSPARENCY TECHNOLOGY TEAMWORK TIME TRANSFORMATION

ଓଡ଼ିଶା ସରକାର

# ଅନ୍‌ଲାଇନ୍ ସମ୍ପତ୍ତି ଟିକସ ବ୍ୟବସ୍ଥା
(ଓଡ଼ିଶାରେ ପ୍ରଥମ ଥର ପାଇଁ)

ଓ

# ମ୍ୟୁନିସିପାଲ୍ ପ୍ରିମିୟର୍ ଲିଗ୍
(ପ୍ରଥମ ଥର ପାଇଁ ଏକ ଅଭିନବ ପ୍ରତିଯୋଗିତା)

MPL 2020



ଶୁଭାରମ୍ଭ

ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
୨୦ ଜାନୁଆରୀ ୨୦୨୦
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ

### ଅନ୍‌ଲାଇନ୍ ସମ୍ପତ୍ତି ଟିକସ ବ୍ୟବସ୍ଥା

- ଭୁବନେଶ୍ୱର ମହାନଗରରେ bhubaneswar.me ଜରିଆରେ ଟିକସ ଦିଆଯାଇ ପାରିବ।
- ଅନ୍ୟ ସମସ୍ତ ସହରାଞ୍ଚଳରେ www.ulbodisha.gov.in -property tax ରେ ଦିଆଯାଇପାରିବ।
- କ୍ରେଡିଟ କାର୍ଡ/ଡେବିଟ କାର୍ଡ, ନେଟ୍ ବ୍ୟାଙ୍କିଙ୍ଗ୍, ଇ-ୱାଲେଟ ଏବଂ ୟୁପିଆଇ ମାଧ୍ୟମରେ ଦିଆଯାଇପାରିବ।
- ଟିକସ ଦେବା ନିମନ୍ତେ ନିକଟସ୍ଥ ସାଧାରଣ ସୁବିଧା କେନ୍ଦ୍ର (ସି.ଏସ୍.ସି)ରେ ମଧ୍ୟ ଯୋଗାଯୋଗ କରିପାରିବେ।
- ଏହି ବ୍ୟବସ୍ଥା ସ୍ୱେଚ୍ଛାକୃତ ଭାବେ ଟିକସ ପ୍ରଦାନ କରିବାରେ ସହାୟକ ହେବ।

### ମ୍ୟୁନିସିପାଲ୍ ପ୍ରିମିୟର୍ ଲିଗ୍

- ରାଜ୍ୟର ୯ଟି ବୃହତ ସହରାଞ୍ଚଳରେ ପ୍ରଥମଥର ପାଇଁ ଟିକସ ଅଧିକାରୀଙ୍କ ମଧ୍ୟରେ ପ୍ରତିଯୋଗିତା।
- ଟିକସ ଆଦାୟ ବୃଦ୍ଧି।
- ଟିକସ ପ୍ରଦାନ କରିବା ଅଭ୍ୟାସ ବୃଦ୍ଧି।
- ସର୍ବୋତ୍କୃଷ୍ଟ ପ୍ରଦର୍ଶନକାରୀଙ୍କୁ ପୁରସ୍କାର।

13001/13/0022/1920

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

ଆମ ଭିତରେ ଯାହା ଥାଏ– ତାହା ହିଁ ଆମେ ଦେଖୁ ଅନ୍ୟମାନଙ୍କଠାରେ। ଆମେ ଯଦି ଆମ ଚତୁଃପାର୍ଶ୍ୱରେ କେବଳ ପଙ୍କ ଦେଖୁଥାଉ– ତେବେ ତାହା ହିଁ ପ୍ରମାଣିତ କରୁଛି ଯେ, ଆମ ନିଜ ଭିତରେ କୋଉଠି ପଙ୍କ ରହିଛି। –ଶ୍ରୀମା

# ଭୁଲ୍ ସମୟ, ଭୁଲ୍ କଥା

ସୁପ୍ରିମକୋର୍ଟର ଜଣାଶୁଣା ଓକିଲ ତଥା ମାନବ ଅଧିକାର କର୍ମୀ ଇନ୍ଦିରା ଜୟସିଂ ଏକ ଟୁଇଟ୍ ମାଧ୍ୟମରେ ନିର୍ଭୟାର ମା' ଆଶା ଦେବୀଙ୍କୁ ବଳାତ୍କାରୀ ହତ୍ୟାକାରୀଙ୍କୁ କ୍ଷମା ଦେବା ପାଇଁ ନିବେଦନ କରିଛନ୍ତି। ଉଦାହରଣ ଭାବେ ଦର୍ଶାଇବାକୁ ଯାଇ କହିଛନ୍ତି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ସୋନିଆ ଗାନ୍ଧୀ ଯେଉଁଭଳି ଭାବେ କ୍ଷମା କରିଛନ୍ତି, ସେହିଭଳି ଢଙ୍ଗରେ ନିର୍ଭୟା ହତ୍ୟାକାରୀଙ୍କୁ କ୍ଷମା କରିଦିଆଯିବା ଉଚିତ। ଉଲ୍ଲେଖଯୋଗ୍ୟ, ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ନଳିନୀ ଶ୍ରୀହରନ୍‌ଙ୍କୁ ସୋନିଆ କ୍ଷମା ଦେଇଥିଲେ। ଫଳରେ ନଳିନୀଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରାଯାଇଥିଲା। ଅନ୍ୟପକ୍ଷରେ ନିର୍ଭୟାର ମା' ଦୃଢ଼ ଭାବେ କହିଛନ୍ତି ଯେ, ଭଗବାନ୍ କହିଲେ ବି ସେ କ୍ଷମା ଦେବେ ନାହିଁ। ଏଥିରୁ ତାଙ୍କ ଯନ୍ତ୍ରଣା ବୁଝି ହୋଇଯାଉଛି।

ଏହା ସମସ୍ତଙ୍କୁ ଜଣା ଯେ, ଇନ୍ଦିରା ଜୟସିଂ ମୃତ୍ୟୁଦଣ୍ଡକୁ ବହୁଦିନରୁ ବିରୋଧ କରିଆସୁଛନ୍ତି। ତାଙ୍କ କହିବା ଅନୁଯାୟୀ, ଦୋଷୀଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଗଲେ ସମାଜରେ ପରିବର୍ତ୍ତନ ଆସିପାରିବ ନାହିଁ। ଅନେକ ସମୟରେ ଏହି ଚିନ୍ତାଧାରା ଯଥାର୍ଥ ବୋଲି ମନେ ହୋଇଥାଏ। କିନ୍ତୁ ଆଜିର ଭାରତକୁ ଦେଖିଲେ ନିର୍ଭୟା ଘଟଣାର ଦୋଷୀମାନଙ୍କୁ ଏତେ ଦୀର୍ଘ ସମୟ ବଞ୍ଚିବାକୁ ଦେବା ଆଇନ ବ୍ୟବସ୍ଥାର ଏକ ଜଘନ୍ୟ ପରିଚୟ। ଯେପରି ଭାବେ ବଳାତ୍କାରୀମାନେ ନିର୍ଭୟାଙ୍କୁ ଅତ୍ୟାଚାର କରିଥିଲେ, ତାହା ସଭ୍ୟ ସମାଜ ଆଗରେ ବର୍ଣ୍ଣନା କରାଯାଇପାରିବ ନାହିଁ। ୧୬ ଡିସେମ୍ବର ୨୦୧୨ରେ ନିର୍ଭୟାଙ୍କୁ ଚଳନ୍ତା ବସ୍‌ରେ ଗଣବଳାତ୍କାର କରାଯିବା ପରେ ଫିଙ୍ଗି ଦିଆଯାଇଥିଲା। ୧୪ ଦିନ ମୃତ୍ୟୁ ସହ ସଂଗ୍ରାମ କରିବା ପରେ ସିଙ୍ଗାପୁରର ଏକ ହସ୍ପିଟାଲରେ ସେ ଆଖି ବୁଜିଥିଲେ। ଗଣବଳାତ୍କାର ହେବା ଦିନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଯେଉଁ ଯନ୍ତ୍ରଣା ପାଇଥିଲେ ଓ ତାହା ଗଣମାଧ୍ୟମରୁ ଜାଣି ଦେଶବାସୀ ଯେଉଁଭଳି ସ୍ତବ୍ଧ ହୋଇଥିଲେ, ସେତେବେଳେ ଅଭିଯୁକ୍ତଙ୍କୁ ନରପିଶାଚ ବୋଲି ଆଖ୍ୟା ଦିଆଯାଇଥିଲା। ଇତିମଧ୍ୟରେ ୭ ବର୍ଷ ବିତିଯାଇଥିଲେ ମଧ୍ୟ ସେହି ଦିନଗୁଡ଼ିକୁ ଦେଶବାସୀ ଭୁଲି ନାହାନ୍ତି। ଫାଶୀ ଦିଆଯିବା ସମୟ ୨୨ ଜାନୁୟାରୀ ୨୦୨୦ରୁ ୧ ଫେବୃୟାରୀକୁ ଘୁଞ୍ଚିଯିବା ପରେ ଏବେ ଦେଶରେ ଘୋର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଭଳି ସ୍ଥଳେ ଇନ୍ଦିରା ଜୟସିଂଙ୍କ ନିବେଦନ ଦୋଷୀଙ୍କୁ ଦୟା ଦେଖାଇବାର ଅବକାଶ ସୃଷ୍ଟି କରୁନାହିଁ। ଏଥିସହିତ ସୋନିଆ ଗାନ୍ଧୀଙ୍କ ସହ ନିର୍ଭୟା ମା'ଙ୍କୁ ତୁଳନା କରାଯାଇପାରିବ ନାହିଁ। କାରଣ ରାଜୀବ କେବଳ ସୋନିଆଙ୍କ ସ୍ୱାମୀ ଭାବେ ସୀମିତ ନ ଥିଲେ। ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାବେ ସେ ଯେଉଁସବୁ ନିଷ୍ପତ୍ତି ନେଇଥିଲେ, ତାହା ଦ୍ୱାରା ଅନେକ ଲୋକ ନକାରାତ୍ମକ ପ୍ରଭାବର ଶିକାର ହୋଇଥିଲେ। ବିଶେଷକରି ତାଙ୍କୁ ହତ୍ୟା କରିଥିବା ଶ୍ରୀଲଙ୍କା ତାମିଲ ଭାରତୀୟ ସେନା ଦ୍ୱାରା ନିର୍ଯାତିତ ହୋଇଥିଲେ। ରାଜନୈତିକ ନିଷ୍ପତ୍ତିର ପରିଣାମ ଯୋଗୁ ରାଜୀବଙ୍କ ହତ୍ୟା ଘଟିଥିଲା। ଅପରପକ୍ଷରେ ଆଶା ଦେବୀଙ୍କ କନ୍ୟା ନିର୍ଭୟା ଜଣେ ନିର୍ଦ୍ଦୋଷ ଯୁବତୀ ଥିଲେ। ତାଙ୍କ ବିରୋଧରେ କାହାରି କୌଣସି ଆକ୍ରୋଶ ରହିବାର ସୁଯୋଗ ସୃଷ୍ଟି ହୋଇ ନ ଥିଲା। ସେଭଳି ସ୍ଥିତିରେ ତାଙ୍କୁ ଯେଉଁ କଷ୍ଟ ଦିଆଯାଇଥିଲା, ତାହାର କୌଣସି ତୁଳନା ନାହିଁ। ସେଥିପାଇଁ କୁହାଯାଇପାରିବ ଯେ, ଉଚ୍ଚପଦବୀ ପାଇଥିବା ବ୍ୟକ୍ତି ବିଶେଷଙ୍କ ଜୀବନ ସୁରକ୍ଷିତ ନ ଥିବା ହେତୁ ସେମାନଙ୍କୁ ସୁରକ୍ଷା ବଳୟରେ ରଖାଯାଏ। ଯେତେବେଳେ ଗୋଟେ ସାଧାରଣ ଯୁବତୀର ଜୀବନ ବିପଦରେ ପଡୁଛି, ସେତେବେଳେ ବୁଝିବାକୁ ହେବ ଯେ, ଦେଶରେ ସାଧାରଣ ନାଗରିକର ଜୀବନ ସୁରକ୍ଷିତ ନାହିଁ। ଭାରତବର୍ଷରେ ଅନେକ ବଳାତ୍କାର ଘଟଣା ପୋଲିସ ଦୃଷ୍ଟିକୁ ଅଣାଯାଏ ନାହିଁ। ଯେଉଁ କେତୋଟି ଘଟଣା ଆସେ, ସେଗୁଡ଼ିକ ମଧ୍ୟରୁ ଅଧିକାଂଶରେ ମୃତ୍ୟୁଦଣ୍ଡ ଦିଆଯାଏ ନାହିଁ। କିନ୍ତୁ ନିର୍ଭୟା ଘଟଣାର ଦୋଷୀଙ୍କୁ ଦୟା ଦେଖାଇବାର ଅର୍ଥ ହେଉଛି ଭାରତୀୟ ସମାଜରେ ସମସ୍ତଙ୍କୁ ଅସୁରକ୍ଷିତ କରିଦେବା। କାରଣ ଏହି ୪ ଦୋଷୀ ମୁକ୍ତି ପାଇଲେ ଆହୁରି ଅନେକଙ୍କ ମନରେ ଅନୁରୂପ ଜଘନ୍ୟ ଅପରାଧ କରିବାକୁ ମନୋବଳ ସୃଷ୍ଟି ହୋଇପାରେ। ସେଥିପାଇଁ ନିର୍ଭୟା ହତ୍ୟାକାରୀଙ୍କୁ ଅତିଶୀଘ୍ର ଫାଶୀ ଦିଆଯିବା ଉଚିତ। ତେବେ ଏଭଳି ଏକ ସମୟରେ ଏପରି ମନ୍ତବ୍ୟ ଦେବା ହେତୁ ଇନ୍ଦିରା ଜୟସିଂଙ୍କ ଟୁଇଟ୍ ଭୁଲ୍ ସମୟରେ ଭୁଲ୍ କଥା ବୋଲି ମନେହେଉଛି।

## ଚିରନ୍ତନୀ

ଲହରି ଆଘାତ ସଘନେ ବାଜି ଏ
ପରାଣ ପରେ
ଫିଟାଇଦେଇଛି କଣ୍ଠୁଁ ମୋହର
ଗୀତର ଧାରା!
ସବୁ ପ୍ରିୟ ସ୍ମୃତି ଅନୁଭୂତିମୟ
ଅତୀତ କାଳ
ତୋତେ ଚାହିଁ ଆଜି ପାସୋରି ଦେଲିରେ
ଶିମୁଳିପାଳ!
(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 8 | D | | 1 | | | | | 9 | 5 | |
| | | | 9 | | | | 6 | | | 5 | 1 | 0 | | |
| 4 | 6 | | 5 | | | | | | | C | | | | 8 |
| 1 | | | 7 | 0 | 4 | | | | | | 3 | | | |
| | | | | | | | | | A | 7 | 2 | | | |
| 2 | | | | 7 | | | D | 4 | | | | | | |
| 9 | | | | 1 | | | | 2 | | 8 | 4 | 7 | | |
| D | B | 8 | E | | | | A | | | 3 | | | | C |
| | | 1 | | | | 3 | | 8 | | 9 | | | 4 | B |
| | E | | 3 | | 8 | | 7 | B | 2 | | | 6 | | |
| | 5 | 2 | 4 | | | | B | C | | | 7 | | | |
| | 8 | | | 9 | | | | | | 1 | | | C | 6 |
| | | | 6 | | | D | 4 | | C | A | | | | 3 |
| | 3 | | | A | 1 | | 8 | | | E | 9 | | | |
| A | | | | D | 7 | 9 | | | B | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 4 | 7 | 9 | D | C | A | B | 6 | 5 | 3 | E | 0 | 1 | 8 |
| 9 | A | B | 8 | 5 | 1 | E | 2 | 3 | 0 | 6 | 7 | C | 4 | D |
| 1 | 3 | 0 | 2 | 6 | 7 | D | 9 | 8 | C | B | 4 | A | E | 5 |
| C | E | 5 | 4 | B | A | 1 | 7 | 0 | 8 | 2 | D | 6 | 3 | 9 |
| 8 | 6 | D | 3 | 0 | E | C | 5 | 4 | 9 | 1 | A | 7 | 2 | B |
| 5 | D | C | 1 | 3 | 6 | 4 | 0 | 2 | E | 7 | 8 | 9 | B | A |
| B | 8 | A | 7 | 9 | D | 5 | 6 | 1 | 2 | C | 3 | E | 0 | 4 |
| E | 2 | 6 | 0 | C | B | 9 | A | 7 | 4 | D | 5 | 1 | 8 | 3 |
| 7 | 9 | 4 | E | 8 | 5 | B | 3 | C | A | 0 | 1 | 2 | D | 6 |
| 3 | 0 | 1 | A | 4 | 2 | 8 | E | D | B | 9 | 6 | 5 | 7 | C |
| D | B | 2 | 6 | E | 0 | 3 | 8 | A | 7 | 5 | 9 | 4 | C | 1 |
| 0 | 5 | 3 | C | 7 | 4 | 2 | 1 | 9 | 6 | 8 | B | D | A | E |
| 6 | 1 | E | D | A | 8 | 7 | C | 5 | 3 | 4 | 2 | B | 9 | 0 |
| A | 7 | 8 | 5 | 1 | 9 | 0 | 4 | B | D | E | C | 3 | 6 | 2 |
| 4 | C | 9 | B | 2 | 3 | 6 | D | E | 1 | A | 0 | 8 | 5 | 7 |

ଗତକାଲିର ଉତ୍ତର



# ଅବିଦ୍ୟାର ଅନ୍ଧାରରେ ବିଦ୍ୟାର ଆରାଧନା

ଡ. ପ୍ରଫୁଲ୍ଲ କୁମାର ସାହୁ

ଖାଦ୍ୟ, ବସ୍ତ୍ର ଓ ବାସଗୃହ ପରେ ଶିକ୍ଷା ହେଉଛି ମଣିଷର ଚତୁର୍ଥ ଆବଶ୍ୟକତା। ଶିକ୍ଷାର ବିକାଶ ଉପରେ ନିର୍ଭର କରେ ଦେଶର ସର୍ବାଙ୍ଗୀଣ ଉନ୍ନତି। ମାର୍ଟିନ୍ ଲୁଥର କହିଥିଲେ, କୌଣସି ରାଷ୍ଟ୍ରର ଉନ୍ନତି ତା'ର ଜଳ, ଜମି, ଜଙ୍ଗଲ, ପାହାଡ଼, ପର୍ବତ ଓ ଖଣିଜ ପଦାର୍ଥ ଉପରେ ନିର୍ଭର କରେନାହିଁ, ବରଂ ନିର୍ଭର କରେ ରାଷ୍ଟ୍ରର ଚରିତ୍ର ଉପରେ। ରାଷ୍ଟ୍ରର ଚରିତ୍ର କହିଲେ ବୁଝାଯାଏ ତା'ର ଅଧିବାସୀମାନଙ୍କ ଚରିତ୍ର। ଅଧିବାସୀମାନଙ୍କ ଚରିତ୍ର ନିର୍ମାଣ କରିବାର ଦାୟିତ୍ୱ ବହନ କରେ ରାଷ୍ଟ୍ରର ଶିକ୍ଷା ବ୍ୟବସ୍ଥା। ଇତିହାସ କହେ ଏକଦା ଭାରତୀୟ ସମାଜ ଜୀବନ ଥିଲା ଖୁବ୍ ଶୃଙ୍ଖଳିତ ଓ ସଂସ୍କାରିତ। ନୈତିକତାକୁ ଅଗ୍ରାଧିକାର ଦେଇ ଭାରତୀୟମାନେ ବଞ୍ଚୁଥିଲେ ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନ। ଏହି ନୈତିକ ମୂଲ୍ୟବୋଧର ମେରୁଦଣ୍ଡ ଥିଲା ଆମ ବିକଶିତ ଶିକ୍ଷା ବ୍ୟବସ୍ଥା। ଇଂରେଜମାନେ ଏ ଦେଶକୁ ଶାସନ କରିବା ପରେ ବିପର୍ଯ୍ୟସ୍ତ ହେଲା ଆମ ବିକଶିତ ଶିକ୍ଷା ବ୍ୟବସ୍ଥା। କାରଣ ସେମାନେ ଜାଣିଥିଲେ ଭାରତୀୟମାନଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ପରାଧୀନ କରି ରଖିବାକୁ ହେଲେ ସେମାନଙ୍କ ରାଷ୍ଟ୍ରୀୟ ଅସ୍ମିତାର ମୂଳୋତ୍ପାଟନ ଆବଶ୍ୟକ, ଯାହା ନିର୍ଭର କରେ ଦେଶର ଶିକ୍ଷା ବ୍ୟବସ୍ଥା ଉପରେ। ତେଣୁ ଶ୍ରେଣୀଗୃହ ପାଠ୍ୟକ୍ରମରେ ନୈତିକ ଶିକ୍ଷାକୁ ଗୌଣ କରିଦିଆଗଲା ଅତି ଚତୁରତାର ସହିତ। ଉପନିବେଶକାଳୀନ ଶିକ୍ଷା ବ୍ୟବସ୍ଥାରେ ଆଉ ପ୍ରତିଫଳିତ ହେଲା ନାହିଁ ଭାରତୀୟ ସଂସ୍କୃତି, ପରମ୍ପରା, ଦର୍ଶନ ଓ ଇତିହାସର ଝଲକ। ଇଂରେଜମାନଙ୍କ ସଫଳ ପ୍ରୟାସ ସତ୍ତ୍ୱେ ରାଷ୍ଟ୍ରୀୟ ଅସ୍ମିତାଠାରୁ ଆଦୌ ଦୂରେଇ ଯାଇ ନ ଥିଲା ଭାରତୀୟ ସମାଜ ଜୀବନ। କାରଣ ଆମ ଉଚ୍ଚକୋଟୀର ଶିକ୍ଷା ବ୍ୟବସ୍ଥାର ମୂଳଦୁଆ ଥିଲା ଖୁବ୍ ଦମ୍ଭ। ସାଧାରଣତଃ ଶିକ୍ଷା ବ୍ୟବସ୍ଥାର ମୂଳଦୁଆ କହିଲେ ବୁଝାଯାଏ ପ୍ରାଥମିକ ବିଦ୍ୟାଳୟସ୍ତରୀୟ ଶିକ୍ଷା।

ପ୍ରତିବାଦର ଆଶଙ୍କା ନ ରଖି ଏକଥା କୁହାଯାଇପାରେ ଯେ, ଏବେ ପରିଣତ ବୟସରେ ପହଞ୍ଚିଥିବା ପ୍ରତ୍ୟେକ ଉଚ୍ଚଶିକ୍ଷିତ ବ୍ୟକ୍ତିଙ୍କର ବାଲ୍ୟଶିକ୍ଷା ଆରମ୍ଭ ହୋଇଥିଲା କେଉଁଠି ନା କେଉଁଠି ଏକ ଚାଟଶାଳୀରେ। ଚାଟଶାଳୀ ଏକ ନଡ଼ାଛପର ଘର। ସେଠାରେ ଶିକ୍ଷାଦାନ କରୁଥିଲେ ଜଣେ ଅଣତାଲିମପ୍ରାପ୍ତ ଅବଧାନ। ସରକାରଙ୍କ କର୍ତ୍ତୃତ୍ୱବାହାରେ ଗଢିଉଠିଥିବା ଏହି ଚାଟଶାଳୀରେ ଶ୍ରେଣୀଗୃହ ଶିକ୍ଷା ସହିତ ଯୋଡ଼ିହୋଇ ରହିଥିଲା ଶୃଙ୍ଖଳା ଓ କର୍ତ୍ତବ୍ୟନିଷ୍ଠା। ଅତି ନିଷ୍ଠାର ସହ ଶିକ୍ଷାଦାନ କରୁଥିବା ଅବଧାନ ବିଦ୍ୟାର୍ଥୀଙ୍କ ପାଇଁ ଖଞ୍ଜିଥିଲେ ଗୁରୁକୁଳ ଆଶ୍ରମର ଶୈକ୍ଷିକ ଶୃଙ୍ଖଳା। ଅବଧାନ ବିଦ୍ୟା ବିତରଣରେ ମଜ୍ଜିରହି ଅନୁଭବ କରୁଥିଲେ ପ୍ରଚୁର ଆନନ୍ଦ। ଶ୍ରେଣୀଗୃହ ଶିକ୍ଷାଦାନକୁ କେବେ ମାପୁ ନ ଥିଲେ ଗ୍ରାମବାସୀଙ୍କ ପାଖରୁ ପାଉଥିବା ପାଉଣା ତରାଜୁରେ। ଅବଧାନଙ୍କ ଅନୁଶାସନ ଖୁବ୍ କଠୋର ହେଲେ ବି ସେଥିରେ ଥିଲା ଏକ ଶ୍ରଦ୍ଧାଶୀଳ ଅନୁରାଗ, ଏକ କଲ୍ୟାଣକାରୀ ଭାବନା। ସେଥିପାଇଁ ସେତେବେଳେ ଏକ ଅନାବିଳ ଆତ୍ମୀୟତା ମନ୍ତ୍ରରେ ଅଭିମନ୍ତ୍ରିତ ହୋଇପଡ଼ିଥିଲା ଗୁରୁ–ଶିଷ୍ୟ ସମ୍ପର୍କ, ଯାହା ବିଦ୍ୟାର୍ଥୀର ସ୍ମୃତିପଟରେ ସାଇତା ହୋଇ ରହୁଥିଲା ସାରା ଜୀବନ। ସେତେବେଳେ 'ଭାଗବତ' ଥିଲା ଚାହାଳିର ପ୍ରଧାନ ପାଠ୍ୟପୁସ୍ତକ। ଭାରତୀୟ ସଂସ୍କୃତିରେ ଯାହା ମୂଳ ବା ମୂଲ୍ୟବାନ ତାହା ହିଁ ଭାଗବତର ସାରସଂଗ୍ରହ। ତା'ର ପ୍ରତ୍ୟେକଟି ପଦ ଓ ପାଦ ଶୁଦ୍ଧ ଜୀବନବୋଧର ଏକ ଏକ ମନ୍ତ୍ର।

ଏବେ ଆଉ ସେ ଚାହାଳି ନାହିଁ କି ବିଦ୍ୟାର୍ଥୀମାନେ ଆହରଣ କରୁନାହାନ୍ତି ଭାଗବତର ଦିବ୍ୟ ଜ୍ଞାନ। ଏବେ ଚାଟଶାଳୀ ବଦଳରେ ପ୍ରାୟ ସବୁ ଗାଁରେ ଗଢିଉଠିଛି ପ୍ରାଥମିକ ବିଦ୍ୟାଳୟ। ସର୍ବଶିକ୍ଷା ଯୋଜନା କାର୍ଯ୍ୟକାରୀ ହେବା ପରେ ବଦଳିଯାଇଛି ସବୁ ବିଦ୍ୟାଳୟର ଚେହେରା। ନଡ଼ାଛପର ଘର ପରିବର୍ତ୍ତେ ତିଆରି ହୋଇଛି କଂକ୍ରିଟ୍ ଛାତ ଥିବା ସୁଦୃଶ୍ୟ କୋଠାଘର। ମାତ୍ର ବିଦ୍ୟାଳୟ ପାଇଁ କୋଠାଘର ଅସଲ ସମ୍ବଳ ନୁହେଁ, ସମ୍ବଳ ହେଉଛି ଉତ୍ସର୍ଗୀକୃତ ଶିକ୍ଷକ। ବିଦ୍ୟାଳୟ ଧନରେ ଗଢାଯାଏନି, ସେଥିପାଇଁ ମନଟିଏ ଲୋଡ଼ା। ଯେଉଁ ବିଦ୍ୟାଳୟ ପାଇଁ ଶିକ୍ଷକ ମନପ୍ରାଣ ଢାଳିଦିଏ, ତାହା ପାଲଟିଯାଏ ନାଳନ୍ଦା, ତକ୍ଷଶିଳା ଓ ସତ୍ୟବାଦୀ ବନ ବିଦ୍ୟାଳୟ। ସେଠାରୁ ସୃଷ୍ଟି ହୁଅନ୍ତି ଆରୁଣି ଓ ଉପମନ୍ୟୁ ପରି ଅନେକ ଆଦର୍ଶ ଶିଷ୍ୟ। ସେଥିପାଇଁ କୁହାଯାଏ ଭଲ ମଣିଷଟିଏ ଗଢିବା ପାଇଁ ଭଲ ଶିକ୍ଷକଟିଏ ଲୋଡ଼ା। ଶିକ୍ଷାବ୍ୟବସ୍ଥା ପ୍ରତି ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆଭିମୁଖ୍ୟ ଯୋଗୁ ଶିକ୍ଷାକ୍ଷେତ୍ରରୁ ଧୀରେ ଧୀରେ ଅପସରି ଗଲେଣି ଉତ୍ସର୍ଗୀକୃତ ଶିକ୍ଷକ। କୌଣସି ମତେ କାମ ଚଳାଇନେବାର ପ୍ରବଣତା ଭିତରେ ହଜି ଯାଉଛି ଶିକ୍ଷାରେ ଗୁଣାତ୍ମକ ମାନବୃଦ୍ଧିର ଲକ୍ଷ୍ୟ। ସଚେତନତା ଦ୍ୱାରା ଶିକ୍ଷାମନସ୍କତା ସୃଷ୍ଟି କରିବା ପରିବର୍ତ୍ତେ ଖୋଜାଯାଉଛି ବିଦ୍ୟାଳୟରେ ପିଲାଙ୍କ ଉପସ୍ଥାନ ବଢାଇବାର ଉପାୟ। ନୈତିକତାକୁ ଅଗ୍ରାଧିକାର ଦେଇ ପାଠ୍ୟକ୍ରମ ପ୍ରସ୍ତୁତ ହେଉ ନ ଥିବାରୁ ଜ୍ଞାନ ଲାଭ କ୍ଷେତ୍ରରେ ଗୁଣାତ୍ମକ ଅଭିବୃଦ୍ଧିଜନିତ ସମସ୍ୟା କେବେ ବି ଖୋଜିପାଉନି ସମାଧାନର ପନ୍ଥା।

ଶିକ୍ଷା ଏକ ପଣ୍ୟ ନୁହେଁ, ମୌଳିକ ଅଧିକାର। ଆମ ସମ୍ବିଧାନ କହେ ଧନୀ–ଦରିଦ୍ର ନିର୍ବିଶେଷରେ ଏହା ସମସ୍ତଙ୍କ ପାଖରେ ପହଞ୍ଚିବା ଦରକାର। ମାତ୍ର ବିଡ଼ମ୍ବନାର ବିଷୟ ହେଉଛି ଦେଶରେ ଥିଲାବାଲା ଓ ନ ଥିଲାବାଲା ପିଲାଙ୍କୁ ଅଲଗା ଅଲଗା ଶ୍ରେଣୀଭୁକ୍ତ କରିବା ପାଇଁ ଶିକ୍ଷାକୁ ମିଳିଛି ବ୍ୟବସାୟର ଦର୍ଜା। ଶିକ୍ଷାବେପାରୀଙ୍କ ଦ୍ୱାରା ଚାରିଆଡ଼େ ଛତୁଫୁଟିଲା ଭଳି ଖୋଲୁଛି ଇଂଲିଶ ମାଧ୍ୟମ ବିଦ୍ୟାଳୟ, ଯେଉଁଠି ଶିକ୍ଷା ଏକ କିଣାବିକା ସାମଗ୍ରୀ। ଶିକ୍ଷାକ୍ଷେତ୍ରରେ ବ୍ୟୟଭାର ସଙ୍କୋଚନ ପାଇଁ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଅବହେଳା କରି ଶିକ୍ଷା ବଜାରକୁ ପ୍ରୋତ୍ସାହନ ଯୋଗାଉଛନ୍ତି ଖୋଦ୍ ସରକାର। ତେଣୁ ଦିନକୁ ଦିନ ବଢୁଛି ବେସରକାରୀ ବିଦ୍ୟାଳୟର ଚାହିଦା। ପିଲାକୁ ତିନିବର୍ଷ ନ ପୂରୁଣୁ ତା' ପାଇଁ ନାମୀଦାମୀ ସ୍କୁଲ ଖୋଜୁଛନ୍ତି ଆଧୁନିକ ପିତାମାତା, ଯେଉଁଠି ପାଠ ଅପେକ୍ଷା ଅଧିକ ଧ୍ୟାନ ଦିଆଯାଏ ପିଲାର ଆଡ଼ମ୍ବରପୂର୍ଣ୍ଣ ସାମାଜିକ ଚଳଣି ଉପରେ। ପିଲା ଏଠି ଆପଣା ଭାଷା–ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସହିତ ଯୋଡ଼ିହେବା ପରିବର୍ତ୍ତେ ପାରଙ୍ଗମ ହୁଏ ସୂଚନା ଓ ପ୍ରଯୁକ୍ତି ବିଦ୍ୟାରେ। ଏଭଳି ଶିକ୍ଷା ଦ୍ୱାରା ଜ୍ଞାନ, ବୁଦ୍ଧି ଓ କୌଶଳର ବିକାଶ ଘଟେ ସତ, କିନ୍ତୁ ଶୈଶବରୁ କକ୍ଷଚ୍ୟୁତ ହୁଏ ଚରିତ୍ର ଗଠନର ସମ୍ଭାବନା। ଏହି କାରଣରୁ ଆମ ଦେଶରେ ଯେଉଁ ପରିମାଣରେ ଶିକ୍ଷାର ପ୍ରସାର ଘଟୁଛି, ସେହି ମାତ୍ରାରେ ପ୍ରତୀୟମାନ ହେଉଛି ମୂଲ୍ୟବୋଧର ଅବକ୍ଷୟ।

ଏ ହେଉଛି ଆମର ସେହି ଅତୀତର ଆର୍ଯ୍ୟାବର୍ତ୍ତ, ଯେଉଁଠି ପିତାମାତାଙ୍କୁ କୁହାଯାଏ ଜୀବନ୍ତ ଦେବତା। ଏଠାରେ ପିତୃସତ୍ୟ ପାଳନ କରି ୧୪ବର୍ଷ ବନବାସ କରିଥିଲେ ପ୍ରଭୁ ରାମଚନ୍ଦ୍ର। ଏହି ପବିତ୍ର ମାଟିରେ ଜନ୍ମ ନେଇଥିଲେ ଶ୍ରବଣକୁମାର, ଯିଏ କାନ୍ଧରେ ବୋହୁଥିଲେ ଅନ୍ଧ ପିତାମାତାଙ୍କୁ। ଅଥଚ ସେହି ସଂସ୍କୃତିସମ୍ପନ୍ନ ମାଟିରେ ଏବେ ବଢିଚାଲିଛି ଜରାନିବାସ ସଂଖ୍ୟା। କାରଣ ଏବେ ଏଠି ଶ୍ରବଣକୁମାର ପରିବର୍ତ୍ତେ ସୃଷ୍ଟି ହେଉଛନ୍ତି ଫକୀରମୋହନଙ୍କ ଡାକମୁନ୍‌ସୀ ପରି ବାପକୁ ଇଂରେଜୀ ଭୁସି ମାରୁଥିବା ଉଚ୍ଚଶିକ୍ଷିତ ପୁଅ। ଆଜକୁ ୧୧୧ବର୍ଷ ତଳେ କାଳଜୟୀ ସ୍ରଷ୍ଟା ଫକୀରମୋହନ ସାହିତ୍ୟ ମାଧ୍ୟମରେ ଏହି ଘୋଡ଼ାମୁହାଁ ପୁଅମାନଙ୍କୁ ଯେଉଁ ତେରଛା ବାଣ ମାରିଥିଲେ, ସମାଜ ଏବେ ଅନୁଭବ କରୁଛି ତାହାର ପ୍ରାସଙ୍ଗିକତା। ସ୍ୱାମୀ ବିବେକାନନ୍ଦ କହିଥିଲେ, ଯେଉଁ ଶିକ୍ଷା ଚରିତ୍ର ସୁଦୃଢ଼ କରିପାରେ ନାହିଁ, ମାନବପ୍ରେମରେ ଯାହା ଉଚ୍ଛଳ ନୁହେଁ, ତାହାକୁ ଶିକ୍ଷା କହିବାର ଯଥାର୍ଥତା ନାହିଁ। ଏହି ଦୃଷ୍ଟିରୁ ବିଚାର କଲେ ଆମ ବିଦ୍ୟାଳୟ ସବୁ ପାଲଟି ଗଲାଣି ଆଡ଼ମ୍ବର ଓ ଆଟୋପର ନନ୍ଦନବନ। ଉପରେ ସବୁ ଠିକ୍‌ଠାକ୍ ଚାଲିଛି, କିନ୍ତୁ ଭିତରଟା ଶୂନ୍ୟ। ଅର୍ଥାତ୍ ଏବେ ଅବିଦ୍ୟାର ଅନ୍ଧାର ଭିତରେ ଚାଲିଛି ବିଦ୍ୟାଦେବୀଙ୍କ ଆରାଧନା।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ–୯୪୩୮୪୫୫୦୮୮



# କଳିଙ୍ଗପ୍ରାଣ ବିଚ୍ଛନ୍ଦଚରଣ

ଡ. ଉଦ୍ଧବ ଚରଣ ନାୟକ

ବିଚ୍ଛିନ୍ନ ଉତ୍କଳର ଏକତ୍ରୀକରଣ, ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର ତଥା ବିକାଶ କ୍ଷେତ୍ରରେ ଉତ୍କଳର ଅନ୍ୟତମ ବରପୁତ୍ର ସ୍ୱଦେଶପ୍ରେମୀ ବିଚ୍ଛନ୍ଦଚରଣ ପଟ୍ଟନାୟକଙ୍କ ଦାନ ଅବିସ୍ମରଣୀୟ। ଏହି ସମସ୍ତ କ୍ଷେତ୍ରରେ ତାଙ୍କ ମହନୀୟ ଅବଦାନକୁ ଲକ୍ଷ୍ୟକରି ଓଡ଼ିଶାର ଲବ୍ଧପ୍ରତିଷ୍ଠ ସାହିତ୍ୟିକ ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ଯଥାର୍ଥରେ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କୁ 'କଳିଙ୍ଗପ୍ରାଣ' ଭାବରେ ଆଖ୍ୟାୟିତ କରିଛନ୍ତି। ବିଚ୍ଛନ୍ଦଚରଣ ପଟ୍ଟନାୟକ ସମସ୍ତଙ୍କ ପାଖରେ ବିଚ୍ଛନ୍ଦବାବୁ ଭାବରେ ଥିଲେ ପରିଚିତ। ତାଙ୍କ ଜୀବନ ଚରିତ, ଚିନ୍ତା–ଚେତନା ଓ ଆଦର୍ଶ ପ୍ରତ୍ୟେକ ଉତ୍କଳୀୟ ପ୍ରାଣରେ ନୂତନ ସ୍ପନ୍ଦନ ସୃଷ୍ଟିକରେ। ବିଚ୍ଛନ୍ଦବାବୁ ଏକାଧାରରେ ଥିଲେ ଜଣେ ସାହିତ୍ୟିକ, କବି, ପଣ୍ଡିତ, ଅନୁବାଦକ, ସୁସଂଗଠକ, ସଂସ୍କୃତିବିତ୍, ସାମ୍ବାଦିକ ଓ ସ୍ୱାଧୀନତା ସଂଗ୍ରାମୀ।

ବିଚ୍ଛନ୍ଦବାବୁଙ୍କ ଜନ୍ମ ୧୯୦୧ ମସିହା ଜାନୁୟାରୀ ୨୦ ତାରିଖ ଦିନ ଖୋର୍ଦ୍ଧା ଅନ୍ତର୍ଗତ ଯାଆଁଳା ଗ୍ରାମର ଏକ ସମ୍ଭ୍ରାନ୍ତ କରଣ ପରିବାରରେ। ପିତା ଗୋପାଳକୃଷ୍ଣ ପଟ୍ଟନାୟକ ଥିଲେ ପ୍ରାଚୀନ ସାହିତ୍ୟ ବିନୋଦୀ। ଚାଣକ୍ୟ ଶ୍ଳୋକ ସମେତ ଅନେକ ସଂସ୍କୃତ ଶ୍ଳୋକ ସେ କଣ୍ଠସ୍ଥ କରି ରଖିଥିଲେ। ବିଚ୍ଛନ୍ଦବାବୁଙ୍କ ବଡ଼ଭାଇ ପଦ୍ମଚରଣ ପଟ୍ଟନାୟକ। ଜଣେ ଉତ୍ତମ ଶିକ୍ଷକ ଭାବରେ ସେ ଥିଲେ ପରିଚିତ। ବିଚ୍ଛନ୍ଦବାବୁଙ୍କ ବାଲ୍ୟ ଜୀବନ ଥିଲା ଅତ୍ୟନ୍ତ ଦୁଃଖପୂର୍ଣ୍ଣ। ପିଲାବେଳେ କୂଅରେ ପଡ଼ିଯାଇଥିବାରୁ ସେ ଛୋଟା ହୋଇ ଯାଇଥିଲେ। ବିଚ୍ଛନ୍ଦବାବୁ ଇଂଲିଶ କବି ବାଇରନଙ୍କ ପରି ବାଲ୍ୟକାଳରୁ ଥିଲେ ଖଞ୍ଜା। ବାରବର୍ଷ ଯାଏ ସେ ଚାଲିବୁଲି ପାରୁ ନ ଥିଲେ। ସେ ଖଞ୍ଜା ଥିଲେ ବୋଲି ସ୍ୱରଚିତ ତୁଳସୀ ରାମାୟଣ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି–

"ଜନ୍ମରୁ ଖଞ୍ଜା ମୋ ପୟର,
ଚାଲିବା ବଡ଼ କଷ୍ଟକର।"

ବିଚ୍ଛନ୍ଦବାବୁ ଦଶବର୍ଷରୁ କବିତା ରଚନା ଆରମ୍ଭ କରିଥିଲେ। ସେତେବେଳେ ତାଙ୍କ କବିତା ସେ ପଢୁଥିବା ସତ୍ୟବାଦୀ ସ୍କୁଲ ଓ ଖୋର୍ଦ୍ଧା ସ୍କୁଲ ପତ୍ରିକାରେ ପ୍ରକାଶ ପାଉଥିଲା। ୧୯୨୦ ମସିହାରେ ସତ୍ୟବାଦୀ ହାଇସ୍କୁଲରୁ ମାଟ୍ରିକ ପାସ୍ କରି କିଛିଦିନ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ। ୧୯୨୩ ମସିହାରେ ରେଭେନ୍ସା କଲେଜରେ ନାମ ଲେଖାଇ ଇଂଲିଶ୍ ଅନର୍ସ ସହ ବିଏ ପାସ୍ କଲେ। ସେ ଇଂଲିଶ ଭାଷା ସାହିତ୍ୟର ଥିଲେ ଜଣେ ମେଧାବୀ ଛାତ୍ର। ବିଏ (ଇଂଲିଶ ଅନର୍ସ) ଡିଗ୍ରୀ ଲାଭ କରି ସେ କୌଣସି ଉଚ୍ଚ ସରକାରୀ ଅଧିକାରୀ ଭାବରେ ଅଧିଷ୍ଠିତ ହୋଇପାରି ଥାଆନ୍ତେ। କିନ୍ତୁ ସେ ଅନୁଭବ କଲେ ଯେ, ଭାଷା ଓ ସଂସ୍କୃତି ହେଲା ଜାତିର ପିଣ୍ଡ, ଏସବୁର ସୁରକ୍ଷା ନ ହେଲେ ଜାତିର ସୁରକ୍ଷା ଓ ବିକାଶ ଅସମ୍ଭବ।

ସେହି ସମୟରେ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ପ୍ରଚେଷ୍ଟାରେ 'ପ୍ରାଚୀ–ସମିତି' ନାମରେ ଏକ ସଂସ୍ଥା ଗଠନ କରାଗଲା। ପ୍ରାଚୀ ସମିତି ଗଠନର ମହାନ୍ ଉଦ୍ଦେଶ୍ୟ ଥିଲା ଓଡ଼ିଶାର ପ୍ରାଚୀନ ପୋଥି ସଂଗ୍ରହପୂର୍ବକ ସେଗୁଡ଼ିକୁ ସଂକଳନ କରି ପ୍ରକାଶ କରିବା। ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଇଙ୍ଗିତରେ ବିଚ୍ଛନ୍ଦବାବୁ, ଗୁରୁଚରଣ ମହାନ୍ତି ଓ କରୁଣାକର କର ପ୍ରମୁଖ ଶିକ୍ଷିତ ଯୁବକମାନେ ପ୍ରାଚୀ ସମିତି

## ବିଚ୍ଛନ୍ଦ ଜୟନ୍ତୀ ଉପଲକ୍ଷେ

କାର୍ଯ୍ୟରେ ଓତପ୍ରୋତ ଭାବରେ ଜଡିତ ହେଲେ। ପ୍ରାଚୀ ସମିତିର ତ୍ରୈମାସିକ ଇଂଲିଶ୍ ପତ୍ରିକା ପ୍ରାଚୀର ସେ ସମ୍ପାଦନା ଦାୟିତ୍ୱ ବହନ କଲେ। ବିଚ୍ଛିନ୍ନ ଉତ୍କଳର ଏକତ୍ରୀକରଣ ନିମନ୍ତେ ଡାକ୍ତର ଗୋପାଳ ପଟ୍ଟନାୟକ ଓ ନୃସିଂହ ଚରଣ ମହାନ୍ତି ପ୍ରମୁଖ ଯୁବକମାନଙ୍କୁ ସଂଗଠିତ କରି ଉତ୍କଳ ଦେଶ ମିଶ୍ରଣ ସଂଘ ନାମରେ ଏକ ସଂଘ ପ୍ରତିଷ୍ଠା କଲେ। ୧୯୩୧ ମସିହାରେ ପ୍ରାଚୀ ପତ୍ରିକାରେ ମିଦିନାପୁର ସମ୍ବନ୍ଧରେ ତାଙ୍କ ଲିଖିତ ପ୍ରବନ୍ଧ "History's verdict against Bengal's unholy claim" ସମଗ୍ର ବଙ୍ଗଳାରେ ଚହଳ ପକାଇଦେଲା। ଦେଶପ୍ରାଣ ମଧୁସୂଦନ ଏହି ପ୍ରବନ୍ଧଟିକୁ ପାଠକରି ବ୍ୟକ୍ତିଗତ ଭାବରେ ବିଚ୍ଛନ୍ଦବାବୁଙ୍କ ପାଖକୁ ଆସି ଅଭିନନ୍ଦନ ଜଣାଇଲେ। ବିଚ୍ଛନ୍ଦବାବୁଙ୍କ ସମ୍ପାଦନାରେ ପ୍ରକାଶିତ ଏହି ପତ୍ରିକା ଦେଶବିଦେଶରେ ପ୍ରତିଷ୍ଠା ଲାଭ କରିଥିଲା। ପଣ୍ଡିତ ଜବାହରଲାଲ ନେହେରୁ ଆଦି ବିଶିଷ୍ଟ ବ୍ୟକ୍ତିମାନେ ଏହି ପତ୍ରିକାକୁ ଆଗ୍ରହ ସହକାରେ ପାଠ କରୁଥିଲେ। ଦୁଇ ବିଘା ଜମି କବିତାରେ ରବୀନ୍ଦ୍ରନାଥ ଓଡ଼ିଆମାନଙ୍କୁ ତାଚ୍ଛଲ୍ୟ କରି 'ଉଡେ' କହିଥିବାରୁ ବିଚ୍ଛନ୍ଦବାବୁଙ୍କ ଦ୍ୱାରା ପ୍ରାଚୀ ପତ୍ରିକାରେ ତୀକ୍ଷ୍ଣ ସମାଲୋଚନାର ଶରବ୍ୟ ହୋଇଥିଲେ।

ବିଚ୍ଛନ୍ଦବାବୁଙ୍କ ଦ୍ୱାରା ୧୯୪୪ ମସିହାରେ ଉତ୍କଳ ଛାତ୍ରସାହିତ୍ୟ ସମାଜ ଓ ୧୯୪୫ ମସିହାରେ କଳିଙ୍ଗଭାରତୀ ସାହିତ୍ୟ ଅନୁଷ୍ଠାନ ପ୍ରତିଷ୍ଠା ହୋଇଥିଲା। ଓଡ଼ିଶାର ପ୍ରାଚୀନ ସାହିତ୍ୟର ଉଦ୍ଧାର, ପ୍ରଚାର–ପ୍ରସାର ତଥା ଦେଶର ଭବିଷ୍ୟତ ନାଗରିକ ଛାତ୍ରସମାଜକୁ ପ୍ରାଚୀନ ରାଗରାଗିଣୀରେ ସାହିତ୍ୟ ସୃଷ୍ଟି କରିବାର ମୂଳ ଲକ୍ଷ୍ୟ ନେଇ ବିଚ୍ଛନ୍ଦବାବୁ ଏହି ଦୁଇଟି ଅନୁଷ୍ଠାନ ଗଠନ କରିଥିଲେ। ସେ ଉପେନ୍ଦ୍ର ଭଞ୍ଜଙ୍କର କେତୋଟି ଚମତ୍କାର ସଙ୍ଗୀତକୁ ଇଂଲିଶ ଭାଷାରେ ଅନୁବାଦ କରିଯାଇଛନ୍ତି। କବିସୂର୍ଯ୍ୟଙ୍କର କେତେକ କବିତା 'ଗ୍ଲିମ୍ପସେସ୍ ଇନ୍ ଟୁ କବିସୂର୍ଯ୍ୟ' ମଧ୍ୟ ରଚନା କରିଯାଇଛନ୍ତି। ଏହା ବ୍ୟତୀତ ସେ କଳିଙ୍ଗ, କବି ସମ୍ରାଟ ଓ କଳିଙ୍ଗ ଭାରତୀ ଆଦି କେତୋଟି ଇଂଲିଶ ପୁସ୍ତକର ରଚୟିତା।

ବିଚ୍ଛନ୍ଦବାବୁ ୧୯୪୨ ମସିହାରେ ଓକିଲାତି ବ୍ୟବସାୟ ତ୍ୟାଗକରି ଓଡ଼ିଶା ସରକାରଙ୍କର ଅତିରିକ୍ତ ଅନୁବାଦକ ଭାବରେ ନିଯୁକ୍ତ ହେଲେ। ଏହାପରେ ଓଡ଼ିଶା ସରକାରଙ୍କ ଲୋକ ସମ୍ପର୍କ ବିଭାଗର ଲେଖକ–ଅନୁବାଦକ ଓ ପ୍ରଡକ୍ସନ ଅଫିସର ଭାବେ କାର୍ଯ୍ୟକରି ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଦାୟିତ୍ୱ ମଧ୍ୟ ବହନ କରିଥିଲେ। ଏହି ସରକାରୀ କାର୍ଯ୍ୟରୁ ଅବ୍ୟାହତି ନେବା ପରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ରିସର୍ଚ୍ଚ ଆସିଷ୍ଟାଣ୍ଟ ଭାବରେ କିଛିଦିନ କାର୍ଯ୍ୟ କରିଥିଲେ। ବିଚ୍ଛନ୍ଦବାବୁଙ୍କର କବି ପ୍ରତିଭା ବିଂଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟ ଜଗତରେ ବିସ୍ମୟ ସୃଷ୍ଟିକରେ। ତାଙ୍କ ରଚିତ କବିତା କୁମୁଦ ଓ ଶତପତ୍ର କବିତା ଗ୍ରନ୍ଥଦ୍ୱୟ ଏହାର ଜ୍ୱଳନ୍ତ ନିଦର୍ଶନ। ତାଙ୍କର ଅନ୍ୟ କୃତିଗୁଡ଼ିକ ହେଲା ଆଦ୍ୟ ଅର୍ଘ୍ୟ, କବି ସମ୍ରାଟ ସ୍ମରଣିକା, ଶ୍ରୀଶ୍ରୀଜଗନ୍ନାଥ ଜଣାଣ ଓ ଭଜନ, ଓଡ଼ିଆ ସାହିତ୍ୟର ଇତିହାସ, ଭାବିନୀ–ଭାବନା (କବିତା ପୁସ୍ତକ), ତୁଳସୀ ରାମାୟଣ ଓ ବିନୟ ପତ୍ରିକାର ଓଡ଼ିଆ ଅନୁବାଦ। ଭାବିନୀ–ଭାବନା ତାଙ୍କର ଶ୍ରେଷ୍ଠ ଓ ଶେଷ କୃତି ଭାବେ ବିବେଚିତ। ୧୯୬୧ ଜାନୁୟାରୀ ୪ ତାରିଖରେ ସେ ଇହଧାମରୁ ବିଦାୟ ନେଇଥିଲେ।

ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ,
ଭୁବନେଶ୍ୱର, ମୋ–୯୪୩୮୨୯୯୧୭୪

## ଏଇ ଭାରତରେ

ସ୍କୁଲରେ ପିଲାମାନେ ଶିକ୍ଷକଙ୍କ ଅନୁଶାସନରେ ଚାଲନ୍ତି, କିନ୍ତୁ ଛତିଶଗଡ଼ର ଏକ ସରକାରୀ ସ୍କୁଲ୍ ପିଲାଙ୍କ କ୍ୟାବିନେଟ ନିଷ୍ପତ୍ତିକୁ ଶିକ୍ଷକ ଓ ଗ୍ରାମବାସୀ ମାନୁଛନ୍ତି। ରାୟପୁରଠାରୁ ୩୫୦ କିମି ଦୂର ସୁରଜପୁର ଜିଲା ଗୁନିୟାଡିହର ସରକାରୀ ପ୍ରିସେକେଣ୍ଡାରୀ ସ୍କୁଲର ପିଲାମାନଙ୍କ କ୍ୟାବିନେଟ ନିର୍ଦ୍ଦେଶ ପାଳନ କରାଯାଉଛି। ଏହି ସ୍କୁଲ୍‌ରେ ୬୬ ଜଣ ପିଲା ପଢୁଛନ୍ତି। ପିଲାମାନେ କ୍ୟାବିନେଟ ନିଷ୍ପତ୍ତି ଅନୁସାରେ ସ୍କୁଲକୁ ବସ୍ତାନିମୁକ୍ତ କରିପାରିଛନ୍ତି। ସେମାନଙ୍କ ନିଷ୍ପତ୍ତି ଅନୁସାରେ ଶିକ୍ଷକମାନଙ୍କ ପାଇଁ ଡ୍ରେସ୍‌କୋଡ୍ ଲାଗୁ କରାଯାଇଛି। କ୍ୟାବିନେଟରେ ପରିବେଶଠାରୁ ଆରମ୍ଭ କରି ଜଳ ସଂରକ୍ଷଣ ସମ୍ପର୍କିତ ନିଷ୍ପତ୍ତି ନେଉଛନ୍ତି ସେମାନେ। କ୍ୟାବିନେଟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ, ଉପପ୍ରଧାନମନ୍ତ୍ରୀ, ଖେଳମନ୍ତ୍ରୀ, ସ୍ୱଚ୍ଛତା ମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ ମଧ୍ୟ ନିଯୁକ୍ତ ହୋଇଛନ୍ତି। ପିଲାମାନଙ୍କ କ୍ୟାବିନେଟ ବୈଠକରେ ଶିକ୍ଷକ, ଗୁନିୟାଡିହ ପଞ୍ଚାୟତର ସରପଞ୍ଚ ଓ ୱାର୍ଡସଭ୍ୟମାନେ ଉପସ୍ଥିତ ଥାଆନ୍ତି। ସରକାରୀ ଯୋଜନାର ଅଡିଟ ମଧ୍ୟ ଏହି କ୍ୟାବିନେଟରେ କରାଯାଉଛି। ହିନ୍ଦୀ, ଗଣିତ, ବିଜ୍ଞାନ ଓ ଇଂଲିଶ ଲାଗି ସ୍ୱତନ୍ତ୍ର ଷ୍ଟଡି କର୍ନର ଖୋଲିଛନ୍ତି। ଏହାବାଦ କାନ୍ଥରେ ସରକାରୀ ଯୋଜନା, ପାଠ୍ୟକ୍ରମ ସମ୍ପର୍କରେ ସଚେତନତା ପାଇଁ ପ୍ରଦର୍ଶିତ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

### ୨୦ ଜାନୁୟାରୀ ୧୯୯୫

- ଶ୍ରୀଲଙ୍କା ରାଷ୍ଟ୍ରପତି ଚନ୍ଦ୍ରିକା କୁମାରତୁଙ୍ଗାଙ୍କ ବାସଭବନକୁ ବେଆଇନ ବିସ୍ଫୋରକ ପଦାର୍ଥ ନେଇଥିବା ଅଭିଯୋଗରେ ସୈନ୍ୟବାହିନୀର ୨ ଜଣ ଦେହରକ୍ଷୀ ଗିରଫ।
- ଓଡ଼ିଶାରେ ବିଦ୍ୟୁତ୍ ଗ୍ରାହକମାନଙ୍କୁ ସନ୍ତୁଷ୍ଟ କରିବା ଏବଂ ସେମାନଙ୍କ ବିଦ୍ୟୁତ୍ ବ୍ୟବହାର ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ନିମନ୍ତେ ଅନ୍ୟ ବିଦ୍ୟୁତ୍ ବୋର୍ଡ ପକ୍ଷରୁ ବଣ୍ଟନ ଦାୟିତ୍ୱ ସ୍ଥାନୀୟ କମ୍ପାନୀଗୁଡ଼ିକ ହାତରେ ନ୍ୟସ୍ତ କରିବାକୁ ନିଷ୍ପତ୍ତି।

## ସାପ୍ତାହିକ ପଞ୍ଜିକା

ଜାନୁୟାରୀ ୧୨– ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେରଳର କୋଚିସ୍ଥିତ ୪ଟି ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟକୁ ମାଟିରେ ମିଶାଇ ଦିଆଯାଇଛି। ପରିବେଶ ନିୟମ ଉଲ୍ଲଂଘନକାରୀଙ୍କୁ ଏହା ଏକ ଶକ୍ତ ବାର୍ତ୍ତା।

୧୩– ପାକିସ୍ତାନର ପୂର୍ବତନ ସାମରିକ ଶାସକ ପରଭେଜ ମୁଶ୍‌ରଫଙ୍କୁ ରାଜଦ୍ରୋହ ମାମଲାରେ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ଏହାକୁ ଲାହୋର ହାଇକୋର୍ଟ ରଦ୍ଦ କରିଛନ୍ତି।

୧୪– ମାଇକେଲ ଦେବବ୍ରତ ପାତ୍ର ଭାରତୀୟ ରିଜର୍ଭ ବ୍ୟାଙ୍କର ନୂଆ ଡେପୁଟି ଗଭର୍ନରଭାବେ ଅବସ୍ଥାପିତ ହୋଇଛନ୍ତି।

୧୫– ଉତ୍ତର କଶ୍ମୀରର ଏକ ଗ୍ରାମରେ ଜଣେ ଗର୍ଭବତୀ ମହିଳାଙ୍କୁ ସେନା ଯବାନମାନେ ଅଣ୍ଟାଏ ଗଭୀର ତୁଷାର ମଧ୍ୟରେ ପାଖାପାଖି ୫ କିଲୋମିଟର ବୋହିନେଇ ହସ୍ପିଟାଲରେ ପହଞ୍ଚାଇବା ପରେ ଉକ୍ତ ମହିଳା ଏକ ସୁସ୍ଥ ଶିଶୁ ଜନ୍ମ ଦେଇଛନ୍ତି।

୧୬– ରୁଷିଆର ନୂଆ ପ୍ରଧାନମନ୍ତ୍ରୀ ଭାବେ ମିଖାଇଲ ମିଶିଷ୍ଟିନଙ୍କ ନାମକୁ ପାର୍ଲାମେଣ୍ଟ ଅନୁମୋଦନ କରିଛି।

୧୭– ଭାରତର ଉଚ୍ଚଶକ୍ତିସମ୍ପନ୍ନ ଯୋଗାଯୋଗ ଉପଗ୍ରହ ଜିସାଟ୍–୩୦କୁ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରାଯାଇଛି।

* ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଭାରତରତ୍ନ ପ୍ରଦାନକରିବା ଲାଗି ହୋଇଥିବା ଜନସ୍ୱାର୍ଥ ମାମଲାକୁ ସୁପ୍ରିମ୍‌କୋର୍ଟ ଅଗ୍ରାହ୍ୟ କରି ଔପଚାରିକ ମାନ୍ୟତାଠାରୁ ଗାନ୍ଧିଜୀ ବହୁ ଉଚ୍ଚ ସମ୍ମାନର ଅଧିକାରୀ ବୋଲି କହିଛନ୍ତି।

## ଆମ ସମସ୍ୟା

### ଗାଁ ରାସ୍ତା ମରଣଯନ୍ତା

ମହାଶୟ,

ପ୍ରାୟ ଦୁଇବର୍ଷ ହେଲାଣି ଗୋପବନ୍ଧୁଙ୍କ ଜନ୍ମପୀଠକୁ ଯାଇଥିବା ଚନ୍ଦନପୁର ବ୍ରାଞ୍ଚ କେନାଲ ପିଚୁ ରାସ୍ତା ଏବଂ ଉତ୍କଳମଣି ସେତୁଠାରୁ ଭାର୍ଗବୀ ନଦୀବନ୍ଧରେ ସୁଆଣ୍ଡୋ ଗ୍ରାମ ମୁଣ୍ଡକୁ ଯାଇଥିବା ରାସ୍ତା ଖାଲଖମାପୂର୍ଣ୍ଣ ଓ ଖଣ୍ଡିଆ ହୋଇ ରହିଛି। ଏହି ରାସ୍ତାରେ ଜନସାଧାରଣ, ପଥର–ବାଲିବୁହା ଟ୍ରକ୍ ଓ ଟ୍ରାକ୍ଟର, ୧୦୮ ଆମ୍ବୁଲାନ୍ସ, ଅକ୍ଷୟ ପାତ୍ର ଖାଦ୍ୟ ଗାଡ଼ି, ସରକାରୀ ଗାଡ଼ି, ସହସ୍ର ବାଇକ୍, ସାଇକେଲ ଆରୋହୀ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜଳସମ୍ପଦ ବିଭାଗ ଓ ରାସ୍ତା ନିର୍ମାଣ ବିଭାଗ କର୍ଣ୍ଣପାତ କରୁ ନ ଥିବା ଜନସାଧାରଣଙ୍କୁ ବ୍ୟଥିତ କରୁଛି। ତୁରନ୍ତ ରାସ୍ତା ମରାମତି କରିବାକୁ ଦାବି ହେଉଛି।

ଶ୍ରୀରାମଚନ୍ଦ୍ର ଦାଶ, ଦୟାନିଧି ସାହୁ, ଗଦାଧର ପଣ୍ଡା, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ

### ଏସ୍‌ଏଚ୍‌ଜିମାନଙ୍କୁ ତାଲିମ ଦିଆଯାଉ

ରାଜ୍ୟରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ କନା ଓ କାଗଜ ବ୍ୟାଗ ପ୍ରସ୍ତୁତି ପାଇଁ ସରକାରୀ ପ୍ରୋତ୍ସାହନ ତଥା ତାଲିମ ପ୍ରଦାନ କରାଯାଉ। ତା' ଛଡା ଯେଉଁ କମ୍ପାନୀମାନେ ପଲିଥିନ ପ୍ରସ୍ତୁତ କରୁଛନ୍ତି ସେମାନେ ବିକଳ୍ପ ବ୍ୟାଗ ପ୍ରସ୍ତୁତ କରି ବଜାରକୁ ଛାଡନ୍ତୁ, ଯେପରି ପରିବେଶ ପ୍ରଦୂଷଣ ହେବ ନାହିଁ। ପଲିଥିନ ବ୍ୟବହାର ଯୋଗୁ ମାଟି, ପାଣି ଓ ପବନ ପ୍ରଦୂଷିତ ହେଉଛି। ରାଜ୍ୟରେ ପଲିଥିନ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବାର ବେଳ ଆସିଛି।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା



**ଭୁବନ, ୧୯।୧(ଡି.ଏନ୍.ଏ.):** ଭୁବନ ବ୍ଲକ ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ ଏବଂ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ରବିବାର ମଣିପୁରସ୍ଥିତ ସ୍ଥାନୀୟ ବାଜି ରାଉତ ସ୍ମୃତି ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ସଭାପତି ଭାବେ ରବୀନ୍ଦ୍ର ରାଉତ, ସମ୍ପାଦକ ବିପିନ ବିହାରୀ ସାହୁଙ୍କୁ ମନୋନୀତ କରାଯାଇଛି। ପ୍ରଫୁଲ୍ଲ କୁମାର ସାହାଣୀ, ବିମ୍ବାଧର ସାହୁ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପଦେଷ୍ଟା ମଣ୍ଡଳୀରେ ସ୍ଥାନ ପାଇଛନ୍ତି। ଏହି ଅବସରରେ ଶ୍ରୀଅରବିନ୍ଦ ବିଦ୍ୟା ନିକେତନର ଶାରୀରିକ ଶିକ୍ଷା ଶିକ୍ଷକ ରବିନାରାୟଣ ପଟ୍ଟନାୟକଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଇଥିଲା। ମାର୍ଥାପୁର ହାଇସ୍କୁଲର ଶିକ୍ଷକ ସୁବ୍ରତ କୁମାର ମିଶ୍ରଙ୍କ ଢେଙ୍କାନାଳ ଏଲ୍ଏମ୍ ହାଇସ୍କୁଲକୁ ବଦଳି ହୋଇଥିବାରୁ ତାଙ୍କୁ ମଧ ସମ୍ମାନିତ କରାଯାଇଥିଲା।

### ଢେଙ୍କାନାଳ ବିଜୟୀ

**ଢେଙ୍କାନାଳ ଅଫିସ, ୧୯।୧:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଆମ୍ବବାହାଲି ଗ୍ରାମରେ ପାରିଜାତ ଯୁବକ ସଂଘ ଆନୁକୂଲ୍ୟରେ ରବିବାର ଉଦ୍‌ଘାଟିତ ହୋଇଛି ୨୦ତମ ରାଜ୍ୟସ୍ତରୀୟ ମା' ଭୁଆସୁଣୀ କ୍ରିକେଟ ପ୍ରତିଯୋଗିତା। ପୂର୍ବତନ ସରପଞ୍ଚ ନିରୁପମା ରାଉତ, ଡା. ସ୍ୱାଧୀନ ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ତମାଣ୍ଡୋକୁ ୪୯ ରନ୍‌ରେ ହରାଇ ଢେଙ୍କାନାଳ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ଢେଙ୍କାନାଳ ସମସ୍ତ ଉଇକେଟ ହରାଇ ସଂଗ୍ରହ କରିଥିଲା ୨୪୫ ରନ୍। ଜବାବରେ ତମାଣ୍ଡୋର ୧୯୬ ରନ୍‌ରେ ସୀମିତ ରହିଯାଇଥିଲା। ୫୭ ରନ୍ କରିବା ସହ ୪ ଉଇକେଟ ନେଇଥିବା ବିଜୟୀ ଦଳର ଦୀପକ କୁମାର 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ସୋମବାର ମାର୍ଥାପୁର ଏବଂ ମେଣ୍ଢାଶାଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

# 'ମେଧା ସୃଷ୍ଟି ପାଇଁ ଉପଯୁକ୍ତ ସ୍ଥାନ'

**କାମାକ୍ଷାନଗର, ୧୯।୧(ଡି.ଏନ୍.ଏ.)**

- ଜନ୍ତାରିବୋଲ ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ
- ବିଚାରଧାରା ସୃଷ୍ଟି କରେ ଆଦର୍ଶ ବ୍ୟକ୍ତିତ୍ୱ: ଏମ୍‌ପି
- ଜ୍ୟୋତିର୍ମୟୀ ଶ୍ରେଷ୍ଠ ଛାତ୍ରୀ, ଶୃଙ୍ଖଳାରେ କ୍ରିଷ୍ଣାକଲ୍ୟାଣୀ

ଗ୍ରାମାଞ୍ଚଳରୁ ମେଧା ସୃଷ୍ଟି ପାଇଁ ଆଦର୍ଶ ବିଦ୍ୟାଳୟ ଉପଯୁକ୍ତ ସ୍ଥାନ। ମନ୍ଦିର ନିର୍ମାଣ ଅପେକ୍ଷା ବିଦ୍ୟାଳୟ ଭଳି ଅନୁଷ୍ଠାନର ବିକାଶ ପାଇଁ ସମସ୍ତେ ଚେଷ୍ଟିତ ହେଲେ ସୁନାର ଦେଶ ଗଠନ ହୋଇପାରିବ ବୋଲି କହିଛନ୍ତି ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। କାମାକ୍ଷାନଗର ଜନ୍ତାରିବୋଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରବିବାର ଅନୁଷ୍ଠିତ ୩ୟ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ନିଜର ଅଭିଭାଷଣରେ ଏହା କହିଥିଲେ।

ଅନୁଷ୍ଠାନର ଅଧ୍ୟକ୍ଷ ଟୁନା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟବକ୍ତା ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ବିଚାରଧାରା ଆଦର୍ଶ ବ୍ୟକ୍ତିତ୍ୱ ସୃଷ୍ଟି କରେ। ଶିକ୍ଷାର ମାନଦଣ୍ଡ ବାସ୍ତବ ବିଚାରଧାରରେ ପହଞ୍ଚିଲେ ଆଦର୍ଶ ବିଦ୍ୟାଳୟରୁ ଆଦର୍ଶ ବ୍ୟକ୍ତିତ୍ୱ ସୃଷ୍ଟି ହୋଇପାରିବ। ବିଇଓ ଅଜୟ କୁମାର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ତଥା ପୂର୍ବତନ ନଗରପାଳ ଧର୍ମାନନ୍ଦ ପରିଡ଼ା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ।

ଚଳିତ ବର୍ଷ ଶ୍ରେଷ୍ଠ ଛାତ୍ରୀ ଭାବେ ଜ୍ୟୋତିର୍ମୟୀ ଲେଙ୍କା, ଶୃଙ୍ଖଳା ପାଇଁ କ୍ରିଷ୍ଣାକଲ୍ୟାଣୀ ସାହୁ, ଆଜ୍ଞାଧୀନା ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ, କନିଷ୍ଠ ବର୍ଗ କ୍ରୀଡ଼ାରେ ଲକ୍ଷ୍ମୀପ୍ରିୟା ଗଡ଼ନାୟକ, ରାଜେଶ ନାୟକ, ବରିଷ୍ଠରେ ନୂପୁର ନିବେଦିତା ନାୟକ, ରୀତେଶ ପାତ୍ର ଶ୍ରେଷ୍ଠ ବିବେଚିତ ହୋଇଥିଲେ। କୃତୀ ପ୍ରତିଭାମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅଭିସ୍ମିତା ସାହୁ ଅତିଥି ପରିଚୟ, ଲକ୍ଷ୍ମୀପ୍ରିୟା ନାୟକ ବିବରଣୀ ପାଠ ଏବଂ କବିତା ଚୌହାନ ଧନ୍ୟବାଦ ପ୍ରଦାନ କରିଥିଲେ।

ଏହି ଅବସରରେ ଶିକ୍ଷାନୁଷ୍ଠାନର କଳାକାରଙ୍କ ଦ୍ୱାରା ନାଟକ 'ମା' ଏବଂ ଏହାପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲକ୍ଷୀଧର ଦାସ, ଶର୍ମିଷ୍ଠା ପରିଡ଼ା, ସୁଜାତା ଦାସ, ରଞ୍ଜିତ ସାହୁ, ଶ୍ରୀକାନ୍ତ ବର୍ମା, ଶୁଭରଞ୍ଜନ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଜଣେ କୃତୀ ଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ପଥର ବ୍ଲାଷ୍ଟିଂକୁ ବିରୋଧ



ମହିଳାମାନେ ଧାରଣାରେ ବସିଛନ୍ତି।

**ପରଜଙ୍ଗ, ୧୯।୧(ଡି.ଏନ.ଏ.)**

- ଫାଟିଲାଣି ଘରଦ୍ୱାର, ବଢୁଛି ଅସନ୍ତୋଷ
- ଧାରଣାରେ ବସିଲେ ଶତାଧିକ ମହିଳା
- ସମାଧାନ ନ ହେଲେ ତୀବ୍ର ହେବ ଆନ୍ଦୋଳନ

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ତହସିଲ ଅଧୀନ ଝିଲ୍ଲୀ ଗ୍ରାମ ନିକଟରେ ଥିବା ପଥର ଖଣିରେ ବ୍ଲାଷ୍ଟିଂକୁ ନେଇ ତାତିଛନ୍ତି ଅଞ୍ଚଳବାସୀ। ଏହାର ପ୍ରତିବାଦରେ ଶତାଧିକ ମହିଳା ରବିବାର ଖଣି ଆଗରେ ଧାରଣାରେ ବସିଥିଲେ।

ଲୋକଙ୍କ କହିବା କଥା, ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ଦାୟିତ୍ୱରେ ଥିବା କୁନାଲ ଷ୍ଟ୍ରକ୍ଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ କମ୍ପାନୀ ଉକ୍ତ ଖଣିରୁ ମେଟାଲ, ଚିପ୍ସ ଉତ୍ତୋଳନ କରୁଛି। ଖାଦାନରେ ରାତିଅଧିଆ ପଥର ବ୍ଲାଷ୍ଟିଂ କରାଯାଉଛି। ଫଳରେ ଗ୍ରାମର ଅନେକ ଘର ଫାଟିଯାଇଛି। ଅଞ୍ଚଳବାସୀଙ୍କ ଜୀବନପ୍ରତି ବିପଦ ସୃଷ୍ଟି ହୋଇଛି। ଏ ନେଇ ସେମାନେ ଦୁଇଥର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ବେଆଇନ ବ୍ଲାଷ୍ଟିଂ ବନ୍ଦ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ଜୋନ୍ ନଂ. ୨ର ଜିଲା ପରିଷଦର ସଭ୍ୟା ସୁକାନ୍ତି ପ୍ରଧାନ ଧାରଣାରେ ସାମିଲ ହୋଇଥିଲେ।

ଏ ନେଇ ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, ଗ୍ରାମବାସୀ ପଥର କ୍ୱାରିର ଲିଜ୍ ଅବଧି ସରିଯାଇଥିବା ଅଭିଯୋଗ କରୁଛନ୍ତି। ହେଲେ ଏହା ଭିତ୍ତିହୀନ। ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ପଥର ଖଣି ଲିଜ୍ ନେଇଥିଲେ। ଏହାପରେ ରାସ୍ତା କାମ ନେଇଥିବା କୁନାଲ କନ୍‌ଷ୍ଟ୍ରକ୍ସନ କମ୍ପାନୀକୁ ସେ ଆଇନତଃ ଲିଜ୍ ହସ୍ତାନ୍ତର କରିଛନ୍ତି। କଙ୍କଡ଼ାହାଡ଼ରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ କେତେଜଣ ମହିଳା ବ୍ଲାଷ୍ଟିଂ କାରଣରୁ ଘର ଫାଟୁଥିବା ଅଭିଯୋଗ କରିଥିଲେ। ଏହାର ତଦନ୍ତ କରାଯାଇଛି। ସ୍ଥାନୀୟ ଜଣେ ଜନପ୍ରତିନିଧିଙ୍କ ତତ୍ତ୍ୱାବଧାନରେ କ୍ଷତିଗ୍ରସ୍ତ ଘର ମରାମତି କରିବାକୁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ମହିଳାମାନେ ପଥର ଖଣି ଆଗରେ ଧାରଣାରେ ବସିବା ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନ ଥିବା ଉପଜିଲାପାଳ କହିଛନ୍ତି।

# ଗଛକୁ ସନ୍ତାନ ଭଳି ପାଳିବାକୁ ଶପଥ



**କାମାକ୍ଷାନଗର, ୧୯।୧(ଡି.ଏନ୍.ଏ.)**

କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ବନ ସୁରକ୍ଷା ସମିତିର ବାର୍ଷିକ ବୈଠକ ରବିବାର ଅନନ୍ତପୁର ସଂରକ୍ଷିତ ଜଙ୍ଗଲର ବାଙ୍କମଞ୍ଜରୀରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ୨୧୩ଜଣ ସଭ୍ୟାସଭ୍ୟ ଯୋଗଦେଇ ବାର୍ଷିକ ଆୟବ୍ୟୟ, ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସମିତିର ସଦସ୍ୟାସଦସ୍ୟ ଗଛକୁ ସନ୍ତାନ ଭଳି ପାଳିବାକୁ ଶପଥ ନେଇଥିଲେ। ବୈଠକରେ ସମ୍ପାଦକ ମଦନ ରାଉତ, ଦୋଳଗୋବିନ୍ଦ ବେହେରା, ରମେଶ ଚନ୍ଦ୍ର ରାଉତ, ଅଭୟ ରାଉତ, ମନୋଜ ରାଉତ, ଅପର୍ତ୍ତି ରାଉତ, ଡମ୍ବରୁଧର ରାଉତ, ରବି ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଦୀର୍ଘଦିନ ହେଲା ଅଞ୍ଚଳର ଶତାଧିକ ଲୋକେ ଜଙ୍ଗଲର ସୁରକ୍ଷା କରି ଆସୁଛନ୍ତି। ସକାଳ ବେଳା ୮ ଏବଂ ରାତିରେ ୮ ଜଣ ପାଳି କରି ଜଗୁଛନ୍ତି। ଫଳରେ ଏକଦା ଉଜୁଡ଼ି ଯାଇଥିବା ଜଙ୍ଗଲ ଏବେ ୨୦୦ ହେକ୍ଟର ଯାଏ ପରିବ୍ୟାପ୍ତ ହୋଇପାରିଛି। ଆଗାମୀ ଦିନରେ କାଠ ମାଫିଆଙ୍କ କବଳରୁ ଜଙ୍ଗଲକୁ ସୁରକ୍ଷା ଦେବାକୁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

**FORM NO.: 13**

**BEFORE THE DEBTS RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK, ODISHA
O.A. No.: 176 of 2019

**Bank of Baroda, Main Branch, Cuttack** ...Applicant.
Versus
**M/s. Sharp India Engineering & Others** ...Defendants.

1. **M/s. Sharp India Engineering,** Represented through its Proprietor. Regd. Office - At - Basanta Vihar, Link Road, P.O: Arunodaya Market, Town/Dist- Cuttack-12, Odisha. Factory- At/Po- Patapur, P.S.- Barang, Dist- Cuttack.
2. **Sri Santosh Kumar Mohanty,** S/o- Samir Kumar Mohanty, At- Basanta Vihar, Link Road, P.O: Arunodaya Market, Town/Dist- Cuttack- 753012.

**SUMMONS BY PAPER PUBLICATION FOR SHOWING AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.: 176/2019** in the court of The Debts Recovery Tribunal, Cuttack for recovery of **Rs. 81,84,004/- only** together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **28.02.2020 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **9th day of January 2020.**

**Sd/- Manoj Kumar Patnaik**
**Registrar**




# ନିଶାରେ କରିଥିଲେ ହତ୍ୟା

**ଶେଷଦେବ ହତ୍ୟାକାଣ୍ଡର ପର୍ଦ୍ଦାଫାଶ**

- ଅଭିଯୁକ୍ତ ଦିଲୀପ ସିଂ ଗିରଫ
- ଆଜି ହେବେ କୋର୍ଟ ଚାଲାଣ

**ପରଜଙ୍ଗ, ୧୯।୧(ଡି.ଏନ୍.ଏ.)**

ବହୁଚର୍ଚ୍ଚିତ ଶେଷଦେବ ବେହେରା (୧୯) ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାଶ ହୋଇଛି। ମାମଲାର ଅଭିଯୁକ୍ତ ଦିଲୀପ ସିଂଙ୍କୁ ପୋଲିସ ଗିରଫ କରିଛି। ସାମାନ୍ୟ ବଚସାରୁ ମଦ ନିଶାରେ ଶେଷଦେବଙ୍କୁ ପଥରରେ ଛେଚି ହତ୍ୟା କରିଥିବା ଅଭିଯୁକ୍ତ ସ୍ୱୀକାର କରିଥିବା ଥାନାଧିକାରୀ ବିଜୟ କୁମାର ହାଇବ୍ରୁ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଧୀନ ଡିହଡ଼ୋଳ-ମହାବିରୋଡ଼ ପୂର୍ତ୍ତ ବିଭାଗ ରାସ୍ତାର ବାଲିଜୁରୀ ନାଳ ନିକଟ ଜଙ୍ଗଲରୁ ଗତ ଗୁରୁବାର ଅପରାହ୍ନରେ ଶେଷଦେବଙ୍କ କ୍ଷତାକ୍ତ ମୃତଦେହକୁ ଜବତ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟା ବୋଲି ପୋଲିସ ଜାଣିବାକୁ ପାଇଥିଲା। ମୃତକଙ୍କ ବାପା ଡିଲ ବେହେରା କୁଟୁରିଆ ଗ୍ରାମର ଦିଲୀପଙ୍କୁ ହତ୍ୟା ଅଭିଯୁକ୍ତ ବୋଲି ଏତଲାରେ ଦର୍ଶାଇଥିଲେ। ଏ ନେଇ ନଂ. ୯/୨୦୨୦ରେ ହତ୍ୟା ମାମଲା ରୁଜୁ କରାଯିବା ସହ ପୋଲିସ ଛାନଭିନ୍ ଆରମ୍ଭ କରିଥିଲା। ଘଟଣା ଦିନ ଅର୍ଥାତ ୧୩ ତାରିଖରେ ଶେଷଦେବ ଏବଂ ଦିଲୀପ ମିଶି ମଦ ପିଇବାକୁ ଯାଇଥିଲେ। ମଦ ପିଇସାରିବା ପରେ ଶେଷଦେବ ଚାଲି ଚାଲି ଘରକୁ ଆସୁଥିଲେ। ତାଙ୍କ ପଛରେ ଦିଲୀପ ସାଇକେଲ ଧରି ଆସୁଥିଲେ। ରାସ୍ତାରେ ଦିଲୀପଙ୍କୁ ଶେଷଦେବ ଅଟକାଇ ତାଙ୍କୁ ସାଇକେଲରେ ନେବାକୁ ଜିଦ୍ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ହାତାହାତି ଯାଏ କଥା ଯାଇଥିଲା। ଶେଷଦେବ ତଳେ ପଡ଼ିଯିବା ପରେ ଦିଲୀପ ତାଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତଦେହ ଲୁଚାଇବାକୁ ଡାଳପତ୍ର ଘୋଡ଼ାଇ ଦେଇଥିଲେ। ଏହାପରେ ସାଇକେଲରେ ଘରକୁ ଆସି ସ୍ତ୍ରୀପିଲାଙ୍କୁ ନେଇ ଢେଙ୍କାନାଳ-କେନ୍ଦୁଝର ସୀମାନ୍ତ ବିମଳାସ୍ଥିତ ଭଉଣୀଘରେ ଛାଡ଼ିଦେଇଥିଲେ। ପୁଣି ସେଠାରୁ ଘରକୁ ପଳାଇ ଆସିଥିଲେ। ଶୁକ୍ରବାର ରାତିରେ ନାଟ ଦେଖିବାକୁ ବିମଳା ଯିବା ରାସ୍ତାରେ ସୂଚନା ପାଇ ଥାନାଧିକାରୀ ବିଜୟ କୁମାର ହାଇବ୍ରୁ, ଫାଣ୍ଡି ଅଧିକାରୀ ପଦ୍ମନାଭ ଲେଙ୍କା ସଦଳବଳ ତାଙ୍କୁ କାବୁ କରିଥିଲେ। ପଚରାଉଚୁରା ପରେ ସମସ୍ତ ଘଟଣା ପଦାକୁ ଆସିଥିଲା। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।



DADLS-89



## ବିପ୍ଳବୀ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

## ୨୦ ଜାନୁଆରୀ, ୨୦୨୦

**ସମୟ – ସକାଳ ଘ.୭.୩୦.ମି.**
କଳ୍ପନା ଛକସ୍ଥିତ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ)ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧାସୁମନ ଅର୍ପଣ ।

ସାଧାରଣ ସଭା
ସମୟ – ସଂଧ୍ୟା ଘ.୫.୩୦ ମିନିଟ୍ ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ,** ମାନ୍ୟବର ମନ୍ତ୍ରୀ, ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି – **ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ,** ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ
**ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତି,** ପୂର୍ବତନ ବାଚସ୍ପତି ଏବଂ ସଭାପତି, ଚାଖିଖୁଣ୍ଟିଆ (ଚନ୍ଦନ ହଜୁରୀ) ସ୍ମୃତି ସମିତି
**ଡଃ. ଲେନିନ୍ ମହାନ୍ତି,** ସମ୍ପାଦକ, ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ

ମୁଖ୍ୟ ବକ୍ତା – **ଡଃ. ଗିରିଶ ପ୍ରସାଦ ସ୍ୱାଇଁ,** ବିଶିଷ୍ଟ ଶିକ୍ଷାବିତ୍

ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସଭା ପରେ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ) ସ୍ମୃତି ସମିତି, ପୁରୀଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ) ସ୍ମୃତି ସମିତି, ପୁରୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0124/1920

## ସଂକ୍ଷେପରେ

### ଶାଗୁଆନ କାଠ ଜବତ

ବନ୍ତଲା, ୧୯।୧(ଡି.ଏନ.ଏ.)- ବନ୍ତଲା ଥାନା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ବେଆଇନ ଭାବେ ଏକ ପିକ୍‌ଅପ ଭ୍ୟାନ (ନଂ. ଓଡ଼ି୨୫ଏ-୭୯୨୩)ରେ ଚାଲାଣ ହେଉଥିବା ଶାଗୁଆନ କାଠକୁ ଜବତ କରାଯାଇଛି। ଡିଏସ୍‌ପି ସୌରଭ ଓତା ଗାଡ଼ିର ପିଛା କରିଥିଲେ ହେଁ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ପୋଲିସ ଗାଡ଼ି ଓ କାଠକୁ ଜବତ କରି ବନ୍ତଲା ରେଞ୍ଜ ଅଫିସକୁ ହସ୍ତାନ୍ତର କରିଥିଲା। ଏ ସଂକ୍ରାନ୍ତରେ ବନ୍ତଲା ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ବନ୍ତଲା ରେଞ୍ଜର ବିନ୍ଦୁପ୍ରସାଦ ପ୍ରଧାନ କହିଛନ୍ତି, ଦୁଇ ଦିନ ପୂର୍ବରୁ କାଠ ଚାଲାଣ ହେବ ବୋଲି ଖବର ପାଇ ଜଗି ରହିଥିଲୁ। ଶନିବାର ତାହା ଚାଲାଣ ବେଳେ ଚଢ଼ାଉ କରାଯାଇ ଜବତ କରାଯାଇଛି।

### ଟ୍ରକ୍ ଧକ୍କାରେ ଶିକ୍ଷୟିତ୍ରୀ ମୃତ

ତାଳଚେର,୧୯।୧(ନି.ପ୍ର.)- ତାଳଚେର ବସ୍‌ଷ୍ଟାଣ୍ଡ ନିକଟରେ ରବିବାର ଏକ ଦୁର୍ଘଟଣାରେ ଅନୁଗୋଳ ଗୀତାଗ୍ରାମର ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦାସଙ୍କ ମୃତ୍ୟୁ ଘଟିଛି। ସେ ତାଳଚେର ବ୍ଲକ କୁକୁଡଲା ହାଇସ୍କୁଲରେ ଶିକ୍ଷୟିତ୍ରୀ ଥିଲେ। ଡେରା ହାଇସ୍କୁଲରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ସେ ତାଳଚେର ବସ୍‌ଷ୍ଟାଣ୍ଡକୁ ଯାଉଥିବା ବେଳେ ଏକ ଟ୍ରକ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ଅନ୍ୟ ଜଣେ ମଧ୍ୟ ଆହତ ହୋଇଛନ୍ତି। ଖବରପାଇ ତାଳଚେର ପୋଲିସ ପହଞ୍ଚି ଅନୁସନ୍ଧାନ ଚଳାଇଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି।

### ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଛେଣ୍ଡିପଦା,୧୯।୧(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ୍ ଦୁର୍ଗାପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ସାହୁ ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରିଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡାରେ ଅଂଶଗ୍ରହଣ କରିଥିଲେ। ଖେଳ ଶିକ୍ଷକ ନିର୍ମଳ ଚନ୍ଦ୍ର ପ୍ରଧାନ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶିକ୍ଷକ ଅଶୋକ ତ୍ରିପାଠୀ, ମୁବାଲା ଶତପଥୀ, ରାକେଶ ସାହୁ, ଅମିତ ସାହୁ, ପୁରାତନ ଛାତ୍ର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶିକ୍ଷକ ଅଶୋକ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

### ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ

ମାଧପୁର,୧୯।୧-ଆଠମଲ୍ଲିକ ବ୍ଲକ ଲାଉପାଳ ଭଗାମୁଣ୍ଡା ଛକ ନିକଟରେ ଥିବା ଆମ୍ବ ଗଛରେ ଶନିବାର ରାତିରେ ଏକ ଟ୍ୟାଙ୍କର (ନଂ.ଓଡି୦୫ୱାଇ-୮୧୮୯) ଦୁର୍ଘଟଣାଗ୍ରସ୍ତ ହେଇଛି। ଉକ୍ତ ଟ୍ୟାଙ୍କରଟି ବୌଦ୍ଧରୁ ଆଠମଲ୍ଲିକ ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ପିଚିହୋଇ ଯାଇଥିଲା। ଖବରପାଇ ଆଠମଲ୍ଲିକ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### ଏଟିଏମ୍ ସ୍ଥାପନ ଦାବି

ମାଧପୁର,୧୯।୧-ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତରେ ଏଟିଏମ ସ୍ଥାପନ ପାଇଁ ଦାବି ହୋଇଛି। କିଆକଟା ପଞ୍ଚାୟତକୁ ବୌଦ୍ଧ, ସମ୍ବଲପୁର ଏବଂ ସୋନପୁର ଜିଲା ସଂଯୋଗ କରୁଛି। ଏହା ଏକ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବାବେଳେ ଥାନା, ଆରଆଇ ଅଫିସ ସହ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଆଦି ରହିଛି। କିନ୍ତୁ ଏଟିଏମ ନ ଥିବାରୁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

# 'ଛାତ୍ରୀଛାତ୍ରଙ୍କୁ ମାନସିକସ୍ତରରେ ସମୃଦ୍ଧ କର'

**ଭୁବନ, ୧୯।୧(ଡି.ଏନ୍.ଏ.)**

ଭୁବନସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ ସ୍ଥାନୀୟ ପାଲାମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଲଳିତ କଳା ଏକାଡେମୀର ସଦସ୍ୟ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଛାତ୍ରୀଛାତ୍ର ହେଉଛନ୍ତି କଞ୍ଚାମାଟି। ସେମାନଙ୍କୁ ଗଢ଼ିବା ଏବଂ ମାନସିକଭାବେ ସମୃଦ୍ଧ କରିବା ଦାୟିତ୍ୱ ଶିକ୍ଷକ ଏବଂ ଅଭିଭାବକଙ୍କର। ଶିକ୍ଷା କେବଳ ପୁସ୍ତକ ଭିତରେ ସୀମିତ ରହିବା ଅନୁଚିତ। ପିଲାମାନଙ୍କ ଶାରୀରିକ, ବୌଦ୍ଧିକ ବିକାଶ ହେବା ଭଳି ଶିକ୍ଷାଦେଲେ



ବାର୍ଷିକ ଉତ୍ସବ ସମାରୋହକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସେମାନଙ୍କ ଭବିଷ୍ୟତ ଚଲାପଥ କୁସୁମିତ ହେବ। ଏହା ସେମାନଙ୍କୁ ଶୀର୍ଷସ୍ଥାନରେ ପହଞ୍ଚାଇବାରେ ସହାୟ ହେବ ବୋଲି ମୁଖ୍ୟଅତିଥି ନିଜ ଅଭିଭାଷଣରେ କହିଥିଲେ।

ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଶିଶୁ ବିଜ୍ଞାନ କଂଗ୍ରେସର ସଂଯୋଜକ ଦେବୀପ୍ରସାଦ ମିଶ୍ର, ଅନ୍ୟତମ ବକ୍ତା ବରିଷ୍ଠ ବିଜ୍ଞାନ ଶିକ୍ଷକ ରଞ୍ଜନ କୁମାର ରଣା, ସମ୍ମାନିତ ଅତିଥି ଏନ୍‌ସିସି ଶିକ୍ଷକ ଦିଲୀପ କୁମାର ତ୍ରିପାଠୀ, ଅବସରପ୍ରାପ୍ତ ନୌସେନା ଅଧିକାରୀ ବୀରେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଇଥିଲେ। ଚଳିତବର୍ଷ ଶିକ୍ଷାନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ 'ଧୂମ ମିଠା, ମିଠା ଧୂମ' ପରିବେଷଣ କରାଯାଇଥିଲା। ତୁଷାରକାନ୍ତି ମିଶ୍ର, ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣାନନ୍ଦ ମିଶ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଳସୀ ମାଳି,
ଭିତରେ ଭିତରେ ସଲାସୁତର,
ବାହାରେ ଲାଗିଛି କଳି।**


ନିଜ ନିଜ ମଧ୍ୟରେ ବୁଝାମଣା ଏକଦମ୍ ଠିକ୍ ଅଥଚ ଲୋକ ଦେଖିବାକୁ ଦୁହିଁଙ୍କ ମଧ୍ୟରେ ପ୍ରବଳ ଶତ୍ରୁତା । କପଟୀ ବ୍ୟକ୍ତିଙ୍କ ଏପରି ଭିତିରିଆ ମନ୍ଦ ସ୍ୱଭାବକୁ ବାହାର ଲୋକେ ସହଜରେ ଜାଣି ନ ପାରି ଧୋକା ଖାଇଯାଇଥାନ୍ତି। ଛଳନାପୂର୍ଣ୍ଣ ବ୍ୟକ୍ତିଙ୍କଠାରେ ଏପରି ଲକ୍ଷଣ ଦେଖାଦେଉଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ତୁ ଡାଳେ ଡାଳେ ଗଲେ
ମୁଁ ପତରେ ପତରେ ଯିବି ।**

ଅନେକ ସମୟରେ ପରସ୍ପର ମଧ୍ୟରେ ଟକରା ଟକରି ଚାଲୁଥିବାର ଦେଖିବାକୁ ମିଳିଥାଏ। ଦୁଇଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋଭାବ ସୃଷ୍ଟି ହେଉଥିବା ବେଳେ କେହି କାହାରିକୁ ସହଜରେ ଛାଡ଼ି ନ ଥାନ୍ତି। ଜଣେ ଆଉ ଜଣଙ୍କ ଠାରୁ ବୁଦ୍ଧିରେ ବଳିଯିବା ବା ଟପିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଭାଷାର ସୁରକ୍ଷା ପାଇଁ ଆହ୍ୱାନ



ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରାଯାଉଛି।

**ଅନୁଗୋଳ ଅଫିସ, ୧୯।୧**

ତାଳଚେର ଟାଉନଶିପ୍‌ରୁ ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା ଗୋଧୂଳିଲଗ୍ନର ୪୧ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତାଳଚେର ଗସ୍ତରେ ଥିବା କେନ୍ଦ୍ର ସାର ଓ ରସାୟନ ମନ୍ତ୍ରଣାଳୟ ସଚିବ ଛବିଳେନ୍ଦ୍ର ରାଉଳ, ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଏସ୍‌ଡିପିଓ ସିଦ୍ଧାର୍ଥ କାଟାରିଆ ଏବଂ ତାଳଚେର ଫର୍ଟିଲାଇଜର ଯୌଥ ଉଦ୍ୟୋଗର ମୁଖ୍ୟ କାର୍ଯ୍ୟ ନିର୍ବାହୀ ପାର୍ଥ ଜାନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଉଳ କହିଥିଲେ ଯେ, ଗୋଟିଏ ସାହିତ୍ୟ ପତ୍ରିକାର ଉଚ୍ଚମାନ ରକ୍ଷା କରି ଦୀର୍ଘ ୪୦ ବର୍ଷ ଧରି ପ୍ରକାଶନ ଏକ ପ୍ରଶଂସନୀୟ ଉପଲବ୍ଧି। ପତ୍ରିକାର ସମ୍ପାଦକ ଡକ୍ଟର ପ୍ରସନ୍ନ କୁମାର ବରାଳଙ୍କୁ ଏଥିପାଇଁ ସେ ଶୁଭେଚ୍ଛା ଜଣାଇଥିଲେ। ସାମ୍ପ୍ରତିକ ସମୟରେ ସାହିତ୍ୟ ଓ ଭାଷା ନାନା ଆହ୍ୱାନର ସମ୍ମୁଖୀନ ହୋଇଥିବାରୁ ଏହାର ସୁରକ୍ଷା ଓ ସଂରକ୍ଷଣ ପାଇଁ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା।

## ସୋଲାର ଷ୍ଟ୍ରିଟ୍‌ଲାଇଟ୍ ଅଚଳ

**ବଇଣ୍ଡା,୧୯।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କଦଳୀମୁଣ୍ଡା ଗ୍ରାମରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲଗାଯାଇଥିବା ଷ୍ଟ୍ରିଟ୍ ଲାଇଟ ୨ ମାସ ହେବ ଅଚଳ ହୋଇପଡ଼ିଛି। ବାରମ୍ବାର ଅଭିଯୋଗ ପରେ ବି ମରାମତି କରାଯାଉ ନ ଥିବା ଯୋଗୁ ରାତିରେ ସ୍ଥାନୀୟ ଅଞ୍ଚଳ ଅନ୍ଧାରରେ ରହୁଛି। ଗ୍ରାମବାସୀ କହିଛନ୍ତି, ନଭେମ୍ବର ମାସରେ ଏହି ଷ୍ଟ୍ରିଟଲାଇଟ ଏକ ଠିକାସଂସ୍ଥା ଲଗାଇଥିଲା। ୩ ଦିନ ଜଳିବା ପରେ ତାହା ଅଚଳ ହୋଇପଡ଼ିଥିଲା। ନିମ୍ନମାନର ବ୍ୟାଟେରି ଲଗାଯାଇଥିବା ଯୋଗୁ ସୋଲର ମାଧ୍ୟମରେ ତାହା ଚାର୍ଜ ହେଉନାହିଁ। ଏ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଛି। ଏ ନେଇ ନୁନୁକାପଶି ସରପଞ୍ଚ ଜଳଧର ସାହୁ କହିଛନ୍ତି, ପଞ୍ଚାୟତରେ କେଉଁଠି ସୋଲାର ଷ୍ଟ୍ରିଟ ଲାଇଟ ଲଗାଯାଇଛି ଠିକାସଂସ୍ଥା ଜଣାଇନାହିଁ। ମରାମତି ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

# ପାଣି ପଞ୍ଚାୟତକୁ ରାଜନୀତିରୁ ଊର୍ଦ୍ଧ୍ୱରେ ରଖ

**କାମାକ୍ଷାନଗର, ୧୯।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଜିରିଡ଼ାମାଳି ପାଣି ପଞ୍ଚାୟତ ଗୃହ ପରିସରରେ ରବିବାର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ନିର୍ବାହୀ ଯନ୍ତ୍ରୀ ଇଂ. ମୀନକେତନ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଜଳସେଚନ ପାଇଁ ପାଣିର ସୁଷମ ବଣ୍ଟନ ନିହାତି ଆବଶ୍ୟକ। ଏହାଦ୍ୱାରା ଚାଷୀମାନେ ଉପକୃତ ହୋଇପାରିବେ। ମୁଖ୍ୟବକ୍ତା ଭାବେ ବିଧାୟକ ଡା. ନୃସିଂହ ଚରଣ ସାହୁ ଯୋଗଦେଇ କହିଲେ, ପାଣି ପଞ୍ଚାୟତ ଭଳି ଅନୁଷ୍ଠାନକୁ ରାଜନୀତିରୁ ଊର୍ଦ୍ଧ୍ୱରେ ରଖି କାମ କଲେ କୃଷିକ୍ଷେତ୍ରର ସାମୂହିକ କଲ୍ୟାଣ ହେବ।

ରେଙ୍ଗାଳି ବାମ କେନାଲ ମୁଖ୍ୟ ଯନ୍ତ୍ରୀ ଇଂ. ଭାରତ ଭୂଷଣ ଦାସ, ଅଧୀକ୍ଷଣ ଯନ୍ତ୍ରୀ ଦୀପ୍ତିରଞ୍ଜନ ପଣ୍ଡା, ଭଇରପୁର ଆପେକ୍ସ କମିଟି ସଭାପତି ଦେବରାଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କେନାଲର ରକ୍ଷଣାବେକ୍ଷଣରେ ପାଣି ପଞ୍ଚାୟତର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ଦୀପ କୁମାର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପାଣି ପଞ୍ଚାୟତର ବହୁ କର୍ମକର୍ତ୍ତା ଏବଂ ଚାଷୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଗୋଲାପ ଦେଇ ସଚେତନ




ଛେଣ୍ଡିପଦା ଥାନା ତତ୍ତ୍ୱାବଧାନରେ ବାହାରିଥିବା ଶୋଭାଯାତ୍ରା।

**ଛେଣ୍ଡିପଦା,୧୯।୧(ସ୍ୱ.ପ୍ର.)**

ଛେଣ୍ଡିପଦା ପୋଲିସ ଓ ଜରପଡା ପୋଲିସ ପକ୍ଷରୁ ଶୁକ୍ରବାର ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଛେଣ୍ଡିପଦା ଥାନା ଅଧିକାରୀ ସତ୍ୟବ୍ରତ ରାଉତଙ୍କ ତତ୍ତ୍ୱାବଧାନରେ ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ। ପରେ ଥାନା ସମ୍ମୁଖରେ ଜନସାଧାରଣଙ୍କୁ ଗୋଲାପ ଦେଇ ବିଭିନ୍ନ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରିଥିଲେ। ସେହିପରି ଜରପଡା ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜରପଡା ପତିତପାବନ ମହାବିଦ୍ୟାଳୟରେ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଛି। ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ସମ୍ମୁଖରେ ବିଭିନ୍ନ ଗାଡିଚାଳକଙ୍କୁ ସଚେତନ କରିଥିଲେ।

# ସ୍ମୃତି ଦିବସରେ ରକ୍ତଦାନ

**ଅନୁଗୋଳ ଅଫିସ, ୧୯।୧**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଜାପିତା ବ୍ରହ୍ମାବାବାଙ୍କ ସ୍ମୃତି ଦିବସ ସ୍ଥାନୀୟ ଶାନ୍ତି ଅନୁଭୂତି ଧାମ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଶୋଭନୀୟ ସମାଜ ନିର୍ମାଣରେ ପିତାଶ୍ରୀଙ୍କ ତ୍ୟାଗ, ସେବା, ବଳିଷ୍ଠ ସଙ୍କଳ୍ପ ତଥା ପରମାତ୍ମା ଶିବଙ୍କ ପ୍ରତି ଥିବା ଗଭୀର ଆସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ତ୍ୟାଗ, ଦାନ ଓ ସେବାର ପ୍ରତୀକ ରୂପେ ଏକ ରକ୍ତଦାନ ଶିବିର ଅନୁଗୋଳ ସେବାକେନ୍ଦ୍ର ଠାରେ ଆୟୋଜନ କରିଥିଲେ। ଏଥିରେ ବିଭିନ୍ନ ସ୍ଥାନରୁ ଆସିଥିବା ବ୍ରହ୍ମାକୁମାରୀ ଓ ବ୍ରହ୍ମାକୁମାରମାନଙ୍କ ସହିତ ଅନୁଗୋଳ ସହରର ବହୁ ବ୍ୟକ୍ତି ରକ୍ତଦାନ କରିଥିଲେ। ଜିଲା ରକ୍ତ ଭଣ୍ଡାରର କର୍ମକର୍ତ୍ତାମାନେ ଏହାକୁ ସୁଚାରୁରୂପେ ସମ୍ପାଦନ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ପତଞ୍ଜଳି ଯୋଗ ସମିତିର ଜିଲା ଆବାହକ ଅଭୟ ରାୟ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଗୋଳ ବ୍ରହ୍ମକୁମାରୀଜ୍ ସେବା କେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ ମିନତୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



## ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ

**ବଇଣ୍ଡା,୧୯।୧(ଡି.ଏନ.ଏ.)**

କିଶୋରନଗର ଗାଁ ବଇଣ୍ଡା ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗାଁ ବଇଣ୍ଡା ସରପଞ୍ଚ ମାନସ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଧାନ ଶିକ୍ଷକ ଦୈତାରୀ ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ୩୦୦ ଛାତ୍ରୀଛାତ୍ର ଯୋଗଦେଇ ୧୦୦, ୨୦୦ ମିଟର ଦୌଡ଼, ଲମ୍ଫଡିଆଁ, ଉଚ୍ଚଡିଆଁ ଭଳି ଅନେକ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ପ୍ରଦୀପ ପ୍ରଧାନ, ବାସୁଦେବ ସାହୁ, ସସ୍ମିତା ସାହୁ ପରିଚାଳନା କରିଥିଲେ।

# ମ୍ୟାଲେରିଆ ସଚେତନତା ଅଭିଯାନ

**ତାଳଚେର,୧୯।୧(ନି.ପ୍ର.)**

ତାଳଚେର ବ୍ଲକ ପଦ୍ମାବତୀପୁର ପଞ୍ଚାୟତ କନ୍ଧବେରେଣୀ ଆଶ୍ରମ ବିଦ୍ୟାଳୟ ପରିସରରେ ଏକ ମ୍ୟାଲେରିଆ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଗୋଡିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ କେଦାର ଚନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ବିଭୂତି ଭୂଷଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ମା' ହିଙ୍ଗୁଳା ପାଠାଗାର ସଭାପତି ହାଡିବନ୍ଧୁ ପ୍ରଧାନ ଓ ବିଶ୍ୱଜିତ୍ କର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ନାରାୟଣ ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା, ମଶାରୀ ବ୍ୟବହାର କରିବାକୁ ଅତିଥିମାନେ




ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ପରେ ଡା.ଶ୍ରଦ୍ଧାମୟୀ ଜେନା, ଅନୁପମା ନାୟକ, ଡା.ସୁଶାନ୍ତ କୁମାର ପ୍ରଧାନ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ମ୍ୟାଲେରିଆ ସମ୍ବନ୍ଧିତ ଏକ କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସଚେତନତା ଅଭିଯାନରେ ଶିକ୍ଷକ ଲକ୍ଷ୍ମୀଧର ବେହେରା, କନକ କିସାନ, ସୁମିତା ଗଡନାୟକ, ଦେବକୀ ପାତ୍ରଙ୍କ ସମେତ ସ୍ଥାନୀୟ ଆଶାଦିଦି ଉପସ୍ଥିତ ରହି ସହଯୋଗ କରିଥିଲେ। ଶିକ୍ଷକ ଘନଶ୍ୟାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୁଣାଅମାଙ୍ଗରେ ମକରମେଳା

**ଢେଙ୍କାନାଳ ଅଫିସ, ୧୯।୧**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପୁରୁଣାଅମାଙ୍ଗ ଗ୍ରାମରେ ଚାଲିଥିବା ମକରମେଳା ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବ୍ରାହ୍ମଣୀ ନଦୀ କୂଳରେ ୧୨ ତାରିଖରୁ ଏହି ମେଳା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ କଳସ ଶୋଭାଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମାନସୀ ପାତ୍ର ଏବଂ ସାଥୀଙ୍କ ଭଜନ ସନ୍ଧ୍ୟା, କାଳିନ୍ଦୀ ହାତୀଙ୍କ ପ୍ରବଚନ ଶୁଣିବାକୁ ବହୁ ଜନସମାଗମ ହୋଇଥିଲା। ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ପୂଜା ପ୍ରତିଷ୍ଠାନ ସଭାପତି ବିବେକାନନ୍ଦ ପତି, ସମ୍ପାଦକ ଶ୍ରୀକାନ୍ତ ଖଟୁଆ, ଉପସଭାପତି ମିହିର ମଲ୍ଲଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ବିଶ୍ୱଶାନ୍ତି ମହାଯଜ୍ଞରେ ଭିକାରୀ ଚରଣ ଜେନା କର୍ତ୍ତା, ପଣ୍ଡିତ ନାରାୟଣ ତ୍ରିପାଠୀ ଏବଂ କୃଷ୍ଣଚନ୍ଦ୍ର ପାତ୍ର ପୁରୋଧା ଦାୟିତ୍ୱ ତୁଲାଇଥିଲେ।

# ୟୁଥ୍ ହଷ୍ଟେଲ ଆସୋସିଏଶନ୍ ପକ୍ଷରୁ ଟ୍ରାକିଂ

**ବନ୍ତଲା, ୧୯।୧ (ଡି.ଏନ୍.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଟିକରପଡ଼ା ଠାରେ ନାଲକୋ ୟୁନିଟ୍ ଅନୁଗୋଳ ଓଡ଼ିଶା ଷ୍ଟେଟ୍ ବ୍ରାଞ୍ଚ ନେତୃତ୍ୱରେ ୟୁଥ୍ ହଷ୍ଟେଲ ଆସୋସିଏଶନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଶନିବାର ଓ ରବିବାର ଟ୍ରାକିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅନୁଗୋଳ ୟୁନିଟ୍‌ର ସଭାପତି ଭବାନୀ ପ୍ରସାଦ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଷ୍ଟେଟ୍ ବ୍ରାଞ୍ଚ ଚେୟାରମ୍ୟାନ ପି.ଏନ୍. ଡାଭେ, ଷ୍ଟେଟ ସେକ୍ରେଟାରୀ ପି.ସି. ପଟ୍ଟନାୟକ, ସୁରୋଜ ଦାସ, ଅନୁଗୋଳ ୟୁନିଟ୍ ସେକ୍ରେଟାରୀ ଦିଲୀପ ଦାଶ, ପ୍ରହ୍ଲାଦ ପଟ୍ଟନାୟକ, ଜଟଣୀ ୟୁନିଟ୍‌ର ସେକ୍ରେଟାରୀ ଉମ୍ବରୁଧର ବେହେରା, କଟକ ୟୁନିଟ୍‌ର ଭବତୋଶ ପତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଟିକରପଡ଼ା ଘାଟସାହିରେ ପରିବେଶକୁ ପ୍ଲାଷ୍ଟିକ ମୁକ୍ତ ନିମନ୍ତେ ଟିକରପଡ଼ା ଓ ପୁରୁଣାକୋଟ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ରବିବାର ସଚେତନତା କାର୍ଯ୍ୟକ୍ରମ ସହିତ ହାତୀବାରି ଠାରୁ କନ୍ଧଅଇଡ଼ା ୱାଚଟାୱାର ପର୍ଯ୍ୟନ୍ତ ଟ୍ରାକିଂ କରାଯାଇଥିଲା। ଜଙ୍ଗଲକୁ ନିଆଁ ଦାଉରୁ, ବନ୍ୟଜନ୍ତୁଙ୍କୁ ଶିକାରୀମାନଙ୍କ ଠାରୁ କିପରି ସୁରକ୍ଷା ଦିଆଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା।




ଟ୍ରାକିଂକୁ ଉଦ୍‌ଘାଟନ କରାଯାଉଛି।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଁଅରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

ଧରିତ୍ରୀ DHARITRI
ଢେଙ୍କାନାଳ, ସୋମବାର, ୨୦ ଜାନୁୟାରୀ, ୨୦୨୦

# ମାଟ୍ରିକ ପରୀକ୍ଷା ସାଥୀ ୭



## ଦ୍ୱିତୀୟ ଭାଷା ଇଂରାଜୀ (SECOND LANGUAGE ENGLISH)

**Time: 2:30 Hours** **Full Marks - 100**

*Candidates are required to write the answers in their own words as far as practicable. The figures in the right-hand margin indicate marks. Answer all questions as directed.*

### PART – I (OBJECTIVE)

1. **Answer the following questions, each in a word or a phrase.** [1×5=5
(i) Why did Lencho go out ?
(ii) What, according to Nehru, is indivisible ?
(iii) What did, at times, bring Kapil's early dismissal ?
(iv) What are used in industries to produce steam ?
(v) What is not easily secured ?

2. **Answer the questions, each in a word or a phrase.** [1×5=5
(i) How are rushes used ?
(ii) When does the girl take her porringer to the churchyard ?
(iii) What are the colours of the bridal robes ?
(iv) What does the brook carry for the happy lovers?
(v) Why is the rose sweet ?

3. **Fill in the blanks with right words.** [1×5=5
(i) The little things described in the poem "All Things Bright and Beautiful" are ______.
(ii) The little girl sings song for her ______.
(iii) The mother wants her daughter to enjoy the ______.
(iv) The brook slips between the ______.
(v) The wedding of ______ is referred to in the poem "Virtue".

4. **Answer the following questions, each in a word or a phrase.** [1×5=5
(i) How many elephants were there in the hunting party?
(ii) Who brought up Timothy when he was young?
(iii) Who was 'Sergei' in the story "The Beggar"?
(iv) What would Samjhoo carry to the town market?
(v) Who was the writer of the story "A Grain As Big As a Hen's Egg"?

5. **Fill in the blanks with correct words.** [1×5=5
(i) Grandfather discovered the tiger cub hiding among the intricate roots of a ______.
(ii) Jumman and his wife treated the old aunt harshly and ______.
(iii) Vodka is a Russian ______.
(iv) A person making humble request is called a ______.
(v) The very old peasant came to the king with the help of ______.

6. **Fill in the blanks using the correct forms of words given in brackets.** [1×5=5
(i) Mother tried her best to ______ (peace) the crying baby.
(ii) The old man uttered a few ______ (die) words.
(iii) Be ______ (consider) to everybody.
(iv) Dr. S. K. Acharya was an ______ (education)
(v) It would help them ______ (consider)

7. **Do as directed.** [1×5=5
(i) I want you to go ahead. (Make it imperative)
(ii) People get deceased in a ______ atmosphere. (pollute)
(Use the appropriate participle of the verb given in the bracket)
(iii) I took bath in this river in my childhood .
(Rewrite it using 'used to')
(iv) Your answer is ______ (relevant).
(Fill in the gap adding suitable negative prefix to the word given in the brackets)
(v) She is a singer. She is a dancer.
(Join the sentences using 'not only.......but also')

8. **Do as directed.** [1×5=5
(i) Tomorrow ______ (be) Monday.
(Correct the verb given in the bracket)
(ii) People elected him chairman.
(Write the pattern of the sentence)
(iii) I didn't see you ______ your hand.
(Fill in the gap with correct non-finite form of the verb 'raise')
(iv) Bacteria ______ (cause/causes) diseases.
(Choose the correct verb)
(v) I am ashamed ______ my misdeeds.
(Fill in the gap with a preposition)

9. **Do as directed.** [1×5=5
(i) At last the enemy soldiers surrendered.
(Replace the underlined verb with a phrasal verb)
(ii) The boy is our monitor. I borrowed his book.
(Join the sentences making one of them as a relative clause)
(iii) He behaved as if he knew nothing.
(Mention the type of adverb clause)
(iv) Who broke it? (Make it passive)
(v) My friend said, "Hello, how are you ?"
(Turn into indirect speech)

10. **Translate into English.** [1×5=5
ଗୋଟିଏ ଘଞ୍ଚ ଅରଣ୍ୟରେ ଗୋଟିଏ ବଡ଼ ସିଂହ ବାସ କରୁଥିଲା । ସେ ବହୁତ ଶକ୍ତିଶାଳୀ ଥିଲା । ଜଙ୍ଗଲର ସମସ୍ତ ପଶୁପକ୍ଷୀ ତାକୁ ବହୁତ ଭୟ କରୁଥିଲେ । ସେ ଦୈନିକ ଅନେକ ପଶୁଙ୍କୁ ମାରି ଦେଉଥିଲା । ଏଣୁ ସବୁ ପଶୁପକ୍ଷୀ ସେହି ଜଙ୍ଗଲ ଛାଡ଼ି ଚାଲିଗଲେ ।

Or,
ରାମ – ସୁପ୍ରଭାତ, ଶ୍ୟାମ !
ଶ୍ୟାମ – ସୁପ୍ରଭାତ, ରାମ !
ରାମ – ତୁମେ କିପରି ଅଛ ?
ଶ୍ୟାମ – ବହୁତ ଭଲ । ମାତ୍ର ମୁଁ ମୋ ପରୀକ୍ଷା ପାଇଁ ବ୍ୟସ୍ତ ଅଛି ।

### PART – II (SUBJECTIVE)

11.(i) What did the postmaster do not to shake Lencho's faith in God? [5
Or, How, according to Nehru, can we redeem our pledge in full ?
(ii) Describe briefly Kapil's achievement in the match against Zimbabwe in the Prudential World Cup. [5
Or, What, according to Lord Percy, should the students do to build their character ?

12. Write an essay, in about 250 words, on any one of the following topics, keeping to the outline given. [12
(i) **The Teacher You Love Most**
(The school you are a student in – your favourite teacher, his/her age, health – the subject he/she teaches – his/her style of teaching – how you are benefitted – personally how you will remember him/her for ever)
(ii) **Summer Season**
(Period of summer – description of nature in summer – hardship and sufferings caused to people and animals – summer fruits – examination times in early summer – conclusion.)
(iii) **Water and Its Uses**
(Introduction – formation of water – sources from which we get water – uses of water in our day-to-day lives – misuses of water – conclusion )

13. Suppose you are Somya Rajan Jena, a student of class X at Salipur High School, Salipur in the district of Cuttack. You love nature and want to be an active member in the ECO Club of your school. Write an application, in about **100** words, to your Headmaster requesting him to allow you to join the same. [10
Or,
Suppose you are Dibyarupa Jena of Rayagada. Your friend Mitali Swain of Mohana in the district of Gajapati has won the state level chess competition. Write a letter, in about **100** words, to Mitali congratulating her on her superb victory.

14. **Read the passage and write its summary in about 60 (sixty) words.** [8
People who live in regions covered with forests and surrounded by hills and rivers may find to difficult to imagine what a desert is really like. The popular belief is that it is an endless stretch of sand where no rain falls, and therefore, no vegetation grows. It is dry, hot, waterless and without shelter. But this is not entirely correct. For those who have studied it, the desert can be a beautiful place. It is the home of a variety of people, animals and plants that have learnt to live under very hot and dry conditions.

True, the ground is not always hidden by a cover of grass, plants and trees as it is in other climates. But whenever it rains, which is rare, desert flowers bloom and the sight can be worth-watching. A desert may have mountains and hills. It may have an oasis, big or small. An oasis is like a green island in the middle of a desert where a spring or a well gives plants and trees a better chance to grow.

Or,
Suppose you are Ratnakar Behera working as a reporter for 'Orissa Post'. Prepare a report, in about 60 words, on the Blood Donation Camp organized by N.C. Vidyapitha, Jajpur on the 70th Republic Day.

15. **Read the passage carefully and answer the questions that follow, each in about 20 words.** [2×5
A poor man one day brought home two little puppies. He treated one of them with great kindness. He always gave him good food and a soft bed to sleep on. He always saved him from the burning rays of the sun. To the other puppy he gave only coarse rice, and he always kept him out of doors. The two puppies soon became full-grown dogs. One day the poor man called his sons and said to them, "See these two dogs and tell me which of them you consider best." Some pointed out the one and some the other, till at last the father came forward, and said, "We will test them." In front of the dogs a rich dinner was placed in a plate and a little hare was at once let loose. The first dog who had become idle and indolent did not like to take the trouble of the hare hunt. So he fell upon the dish greedily. The other dog at once fell upon the hare and killed him on the spot.

**Questions**
(i) What did the poor man bring home ?
(ii) How did he treat one of them ?
(iii) How did he treat to the other puppy?
(iv) What did he ask his sons?
(v) Why didn't first dog like to take the trouble of the hare hunt?

### ANSWERS - PART – I (OBJECTIVE)

1. **(i)** To have the pleasure of feeling the rain on his body. **(ii)** Peace **(iii)** loose shots **(iv)** coal, coke and furnace oil **(v)** success
2. **(i)** for making mats and baskets **(ii)** after the sunset when it is light and fair **(iii)** silver and saffron **(iv)** forget-me-nots **(v)** for its bright colour
3. **(i)** little bird and little flower **(ii)** deceased brother and sister **(iii)** worldly pleasure **(iv)** ridges **(v)** the earth and the sky
4. **(i)** fifteen elephants **(ii)** the author's cook, Mahmoud **(iii)** an advocate **(iv)** ghee and sugar **(v)** Leo Tolstoy
5. **(i)** banyan tree **(ii)** rudely **(iii)** drink **(iv)** suppliant **(v)** two crutches
6. **(i)** pacify **(ii)** dying **(iii)** considerate **(iv)** educationist **(v)** considerably
7. **(i)** Go ahead. **(ii)** polluted **(iii)** I used to take bath in this river in my childhood. **(iv)** irrelevant **(v)** She is not only a singer but also a dancer.
8. **(i)** is **(ii)** SVOC **(iii)** raise **(iv)** cause **(v)** of
9. **(i)** gave in **(ii)** The boy whose book I borrowed is our monitor. **(iii)** Adverb clause of manner **(iv)** By whom was it broken? **(v)** My friend greeted me and asked how I was.
10. There lived a big lion in a dense forest. He was a mighty animal. All the birds and animals of the forest were afraid of him. Everyday he killed a number of animals. Therefore all the birds and animals ran away from that forest.

Or,
Ram – Good Morning, Shyam !
Shyam – Good Morning, Ram !
Ram – How do you do ?
Shyam – Very nice. But I am busy for my examination.

### ANSWERS - PART – II (SUBJECTIVE)

11.(i) The postmaster wanted to answer the letter. What he needed badly was more than good will, ink and paper. He collected money from his employees. He himself gave a part of his salary and several friends of his were obliged to part away some. He put the money in an envelope and sent it to Lencho.

Or,
According to Nehru, in order to redeem our pledge in full, we have to work very hard. We have to fight and end poverty, ignorance and disease. We have to build up a prosperous, democratic and progressive nation. We have to create social, economic and political institutions which will ensure justice and fullness of life.

ii) In the match against Zimbabwe in the Prudential World Cup India had lost five wickets for 17 runs. Kapil Dev went on to bat. He played a very responsible innings. His first 70 to 80 runs were really calculated. After he had enough confidence, he scored at will. He made 175 not out. Then he came on to bowl four overs of tight medium pace bowling and gave no chance to Zimbabwe to win the match.

Or,
According to Lord Percy in order to build character the students have to be truthful in all things, considerate to everybody and fair to their rivals. Besides they should be kind and helpful to the weak and suffering and should have courage to stand up for good, pure and noble. They have to avoid gambling in any form.

12.(i) I go to Ravenshaw Collegiate School, Cuttack. It is a premier educational institute. The school has had a good academic record. Netaji Subhas Chandra Bose began his illustrious learning career in this school. I am proud of being a part of this historical school.

The teachers in this school are well-versed in their individual subjects. They have won distinction in their teaching. The teacher I like most from the bottom of my heart is Mr Ranjit Panda, a talented B.A., B.Ed. scholar. He is fair, handsome, tall and strong. He looks still young even if he has crossed fifty.

Mr Panda teaches us English. He is a resourceful teacher. He knows his responsibility as a sincere and dedicated teacher. In him we see a true guide and a faithful instructor. He teaches his lessons in a very simple and direct way. Even the back-benchers go down well with his teaching. He doesn't believe in the power of cane. He keeps on explaining his topic till the last one in the class understands him fully. He puts emphasis on our spelling of different words, pronunciation and word power.

I owe a lot to him. But for his motivational teaching, I wouldn't have become a solid performer of English. Whenever I seek his service, he guides me properly. Before each examination, he helps me remove my doubts and improve my writing skill. Today I am an orator and a good writer. I feel obliged to my dearest Panda sir for all these I have inherited from him.

I can never forget the services of my favourite English teacher. I pray to God to grant him a long life so that many students like me will benefit a lot from him.

(ii) Summer follows winter. It is the hottest season of the year. Beginning in April, summer continues till the end of June. May and June though, are known as the months of summer, we experience its blazing effect over a period of four months.

As soon as summer appears, heat spreads unrelentingly. The sunrays fall directly on the earth. So the earth becomes bone dry in summer. Tanks, wells, rivers, canals dry up. Water becomes scarce. People stand in a long queue to get drinking water. The sky looks all blue without a patch of dark cloud. Some trees look cheerless with dry leaves.

As the sun goes in the sky, the heat of the day grows. The noons and afternoons become unbearable. Birds rest in their nests. Stray cattle like to lie down under the shade of trees. Children and old people are confined indoors. Village roads and streets of towns appear deserted. The fear of sunstroke increases as temperature in the body drops drastically. Workers rarely go to their places of work if they are open.

Summer is the time of some fruit, like mangoes, jackfruits, pineapples. These tasty fruit dominate the markets. Mango, the king of fruits, finds itself in unprecedented demand. People enjoy flavour of this delectable fruit. The rich and the poor enjoy feasting on various mangoes.

This is the time when school and college examinations are held. In spite of severe heat, students have to work hard for their examinations. Power failure in the time adds to their agony coupled with intense heat.

This season is somehow good for the rich. With the help of fans, coolers and air-conditioners, they escape from the grueling heat. The poor, on the other hand, perish. On the whole, it is a season of the clean surroundings. The occasional rains in the afternoons reduce the discomfort of the people.

(iii) Water is life. As water is the major constituent in our body, without it life is simply unimaginable. It is the greatest and most essential gift of nature. For animals and plants, water continues to be the major sustainer of their existence. More than two-third of the total area of the earth is covered with this life-saving element of nature.

Water is available mainly in two forms. They are surface water and underground water. Surface water is available in ponds, rivers, streams and seas. Underground water is found in the form of wells, sunken wells or taps. Surface water gets evaporated by the sun rays in form of water vapours in the process of condensation where it begins to rise up and form clouds. When these vapours become heavy and cold, they fall to the ground in form of rain or snow.

Water has multi-dimensional uses. The most demanding aspect of water is its potentiality of offering life to the animal and plant kingdom. Man needs water for drinking, bathing, washing up utensils. Farmers benefit a lot from water through irrigation from canals. India is traditionally an agricultural country. Farmers who are our true feeders, raise crops of varieties taking the help of water from the monsoonal rain or canal water.

Despite its various uses, water recently has become the victim of man-made evil deeds. Water pollution has begun to threat our very existence in modern times. With growing industrialisation and population explosion, surface water is being highly polluted.

It is, therefore, necessary that efforts should be made to make pure water available for human consumption. Mass awareness should be created so that people make proper use of water. Rainwater harvest should be the priority. We should prevail upon the people to preserve this indispensable gift of nature.

13.
Salipur High School
Salipur
02 January 2020

To
The Headmaster
Salipur High School
Salipur, Cuttack

Sub: Seeking permission to join the ECO Club

Sir,

I have the honour to state that that I am a student of Class-X. Some of my classmates are going to join in the ECO Club of our school. Since I am an ardent lover of nature I want to be an active member in the club. I am prepared to spare my service for the protection of the environment. I assure that I will dedicate my service for the plantation programmes arranged by the club.

I should be grateful to you if you would allow me to join the same.

Yours
faithfully,
**Somya Ranjan Jena**
Class-X

Or,
Rayagada
12 January 2020

Dear Mitali,

Congratulation for your superb victory in the state level Chess Competition held at Khandagiri High School, Bhubaneswar. You have won the state level chess competition. Your sincere efforts and regular practices have brought you this glorious victory. This great success has opened up golden opportunities for your future career in chess. Your victory has brought glory not only to your school but also to your family.

Please do write to me about your feelings after winning the competition.

May God shower blessings on you for your bright future.

Lovingly yours
**Dibya**

**Address**

| **From :** | **To :** |
|---|---|
| Dibyarupa Jena | Mitali Swain |
| At/Po: Rayagada | At/Po: Mohara |
| Dist: Rayagada,Odisha | Dist: Gajapati, Odisha |

14. **Title - Deserts**
People living in forests and surrounded by hills and rivers have little idea about desert. They believe that it is an endless stretch of sand were no rain falls. It is dry and without shelter. But some people, animals and plants live in it. When it rains, desert flowers bloom. It may have oasis which is like a green island in the middle of the desert.

Or,
Jajpur
The 26th February, 2020

To
The Editor
The Orissa Post
Blood Donation Camp at N.C. Vidyapitha, Jajpur

The students and staff of N.C. Vidyapitha, Jajpur organised a blood donation camp on the school premises on the 70th Republic Day. A team of doctors from City Hospital and S.C.B Medical College and Hospital, Cuttack conducted the camp. About 50 volunteers participated in the camp and donated their valuable blood voluntarily. The local Tahasildar graced the occasion. The collected blood was sent to the District Red Cross Society.

**Ratnakar Behera**
Reporter

15. (i) The poor man brought home two little puppies.
(ii) He treated one of them with great kindness.
(iii) He gave only coarse rice to the other puppy and always kept him out of doors.
(iv) He asked his sons to tell him which one of them they considered the best.
(v) The first dog didn't like to take the trouble of hare hunt because he had become idle and indolent.

❑❑❑



ପ୍ଲେବେକ୍ ସିଙ୍ଗର ନେହା କକ୍କର ଓ ଆଦିତ୍ୟ ନାରାୟଣଙ୍କ ବିବାହକୁ ନେଇ ସୋସିଆଲ ମିଡିଆଠୁ ନେଇ ସବୁ ମଞ୍ଚରେ ଜୋର୍‌ସୋର୍ ଚର୍ଚ୍ଚା ଚାଲିଛି। ଏହାକୁ ନେଇ ଆଦିତ୍ୟଙ୍କ ବାପା ଉଦିତ୍ ନାରାୟଣ କହିଛନ୍ତି, ନେହା ଜଣେ ଭଲ ଝିଅ। ଆମ ଘରକୁ ଜଣେ ଫିମେଲ୍ ସିଙ୍ଗର ବୋହୂ ହୋଇ ଆସିଲେ ଖୁସି ହେବି।

# ୪୩ ଦେଶରେ ବାଣ୍ଟିଲେଣି ଅଙ୍ଗଦାନ ବାର୍ତ୍ତା



ଦଧୀଚି ସାଜିଛନ୍ତି ଦମ୍ପତି

**ୱାଶିଂଟନ:** ମୃତ୍ୟୁପରେ ଶରୀର ନଷ୍ଟ ହେବା ଆଗରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପ୍ରତ୍ୟାରୋପଣ ଏବେ ରୋଗୀଙ୍କୁ ଦେଉଛି ନୂଆ ଜୀବନ। ଅଙ୍ଗଦାନକୁ ନେଇ ସଚେତନ ହେଲେଣି ଅନେକେ। ସରକାରୀସ୍ତରରେ ଏପରି ମହତ୍ କାର୍ଯ୍ୟକୁ ପ୍ରୋତ୍ସାହିତ କରିବାକୁ ଆରମ୍ଭ ହେଲାଣି ସ୍ୱତନ୍ତ୍ର ଯୋଜନା। ତଥାପି ଅଙ୍ଗଦାନ କ୍ଷେତ୍ରରେ ଆଖିଦୃଶିଆ ଅଗ୍ରଗତି ଦେଖିବାକୁ ମିଳୁନାହିଁ। ତେବେ ଅଙ୍ଗଦାନ ଭଳି ମହଦାକାଙ୍କ୍ଷା କାର୍ଯ୍ୟକୁ ଏବେ ଅଭିଯାନ ଭାବେ ଗ୍ରହଣ କରିଛନ୍ତି ପ୍ରବାସୀ ଭାରତୀୟ ଦମ୍ପତି। ଲୋକଙ୍କ ମଧ୍ୟରେ ଏଥିପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅନିଲ ଶ୍ରୀବାସ୍ତବ ଏବଂ ତାଙ୍କ ସ୍ତ୍ରୀ ଦୀପାଳି ୪୦୦ଦିନରେ ୭୩ ଦେଶ ପରିକ୍ରମା କରିସାରିଲେଣି। କେବଳ ଏତିକି ନୁହେଁ, ଦୁହେଁ ୪୩ହଜାର ଲୋକଙ୍କ ସହ ମତ ବିନିମୟ କରି ନିଜର ଆଭିମୁଖ୍ୟର ପ୍ରଚାର କରୁଛନ୍ତି। ଏପରି କାର୍ଯ୍ୟ ପାଇଁ ଉଭୟେ ଏବେ ସୋସିଆଲ ମଡିଆରେ ପାଲଟିଛନ୍ତି ଚର୍ଚ୍ଚିତ ଚେହେରା। କେତେଜଣ ତାଙ୍କୁ ଆଧୁନିକ ସମୟର ଦଧୀଚି ବୋଲି କହିବା ମଧ୍ୟ ଆରମ୍ଭ କଲେଣି।

ଅନିଲ କୁହନ୍ତି, ୨୦୧୪ରେ ସେ ନିଜର କିଡ୍‌ନୀ ତାଙ୍କ ଭାଇଙ୍କୁ ଦାନ କରିସାରିଛନ୍ତି। ଭାଇଙ୍କ ପ୍ରତି ଥିବା ଗଭୀର ଭଲପାଇବା ହିଁ ତାଙ୍କୁ ଏହି ଅଭିଯାନ ପାଇଁ ପ୍ରେରିତ କରିଛି। ଅଙ୍ଗଦାନ ଯେ କେହି ବି କରିପାରିବେ। ଏହାକୁ ମଣିଷ ପ୍ରତି ଅକୁଣ୍ଠ ଭଲପାଇବା ବୋଲି ବିଚାର କରାଯାଇପାରେ। ପରିଚିତ, ଅପରିଚିତ ସମସ୍ତଙ୍କୁ ଜଣେ ଚାହିଁଲେ ନିଜ ଶରୀରର ଯେକୌଣସି ଅଙ୍ଗଦାନ କରିପାରିବ। ଏପରି ମହାନ୍ କାର୍ଯ୍ୟ ଜଣଙ୍କୁ ଆହୁରି ମହନୀୟ କରି ଗଢ଼ିତୋଳିବ। ତାଙ୍କର ଅଭିଯାନ ଭିନ୍ନ ଧରଣର। ଏଥିଲାଗି ଏକ କାର୍‌କୁ ହିଁ ଘର କରିଦେଇଛନ୍ତି ଦୁହେଁ। ଦୀପାଳି ଗାଡ଼ିରେ ହିଁ ରୋଷେଇ କରନ୍ତି। ରାସ୍ତାପାର୍ଶ୍ୱରେ ଖାଲି ଜାଗା ଦେଖି ରାତି ବିତାଇଥାନ୍ତି। ତା' ପରଦିନର କାର୍ଯ୍ୟକ୍ରମ ରାତିରେ ହିଁ ସ୍ଥିର ହୋଇଥାଏ। ବର୍ଷେ ହେଲା ଏପରି ଜୀବନ ଚାଲିଛି, ଯାହା ବେଶ୍ ଆତ୍ମସନ୍ତୁଷ୍ଟି ଦେଉଛି ବୋଲି କହିଛନ୍ତି ଅନିଲ।

ଏକ ଆମେରିକୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ, ଅନିଲ ଏବଂ ଦୀପାଳି ହଜାର ହଜାର ସ୍କୁଲ, କଲେଜ, ରୋଟାରି କ୍ଲବ, ଗୋଷ୍ଠୀ କେନ୍ଦ୍ର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଅଙ୍ଗଦାନ ସଚେତନତା ସମ୍ପର୍କିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିସାରିଲେଣି। ଦୁହେଁ ନୈତିକ ଏବଂ ଆଇନଗତଃ ଭାବେ ଅଙ୍ଗଦାନର ନୀତିନିୟମ ବିଷୟରେ ବୁଝାଉଛନ୍ତି। ଅନିଲ ୧୯୯୭ରୁ ୨୦୦୬ ଯାଏ ନିଜର ନାମକୁ 'ଲିମ୍‌କା ବୁକ୍ ଅଫ୍ ରେକର୍ଡ'ରେ ସ୍ଥାନିତ କରିସାରିଛନ୍ତି। ସେ ନିଜର ପରବର୍ତ୍ତୀ ଅଭିଯାନ ମାର୍ଚ୍ଚରୁ ଆରମ୍ଭ କରିବେ। ଏହି ଅଭିଯାନ ନ୍ୟୁୟର୍କରୁ ଆରମ୍ଭ ହୋଇ ଆର୍ଜେଣ୍ଟିନାରେ ସରିବ, ଯାହାର ନାମ ରଖାଯାଇଛି 'ଗିଫ୍ଟ ଅଫ୍ ଲାଇଭ୍ ଆଡ୍‌ଭେଞ୍ଚର'।

# ଚନ୍ଦ୍ରରେ ନିର୍ମାଣ ହେବ କବକ ଘର



**ନ୍ୟୁୟର୍କ:** ଆମେରିକୀୟ ମହକାଶ ଗବେଷଣା ସଂସ୍ଥା ନାସା ଏବେ କବକରେ ଘର ନିର୍ମାଣ କରିବାର ଜ୍ଞାନକୌଶଳ ବିକାଶ କରିବାର ଗବେଷଣାରେ କିଛି ସଫଳତା ପାଇଛି। ଏଥିରେ ଚନ୍ଦ୍ର ଓ ମଙ୍ଗଳରେ ଘର ନିର୍ମାଣ କରାଯାଇପାରିବ ବୋଲି ନାସା ପକ୍ଷରୁ ପ୍ରକାଶ କରାଯାଇଛି। ପ୍ରତିକୂଳ ପରିସ୍ଥିତିରେ ପୃଥିବୀଠାରୁ ବହୁ ଦୂରରେ ରହୁଥିବା ମହାକାଶଚାରୀଙ୍କୁ ଭଲରେ ରହିବା ଲାଗି ଭବିଷ୍ୟତରେ ଉକ୍ତ ଘର ସାହାଯ୍ୟ କରିବ । କାଲିଫର୍ନିଆସ୍ଥିତ ନାସାର ଆମେସ ରିସର୍ଚ୍ଚ ସେଣ୍ଟରର ମାଇକୋ- ଆର୍କିଟେକ୍‌ଚର ପ୍ରୋଜେକ୍ଟ ମାଧ୍ୟମରେ ଘର ନିର୍ମାଣର ଡିଜାଇନ ବିକାଶ କରାଯାଉଛି। କବକର ମୁଖ୍ୟ ଅଂଶ ଓ ମାଟି ତଳେ ରହିଥିବା ସୂତା ଭଳି ମାୟସେଲିଆ ଦ୍ୱାରା ଘର ନିର୍ମାଣ କରାଯିବ । ମାୟଲେସିଆ ଦ୍ୱାରା ଛତୁ ଯେଭଳି ବିକଶିତ ହୁଏ ଠିକ୍ ସେହିଭଳି ନୂଆଜ୍ଞାନ କୌଶଳରେ ଏହା ଦ୍ୱାରା ଘର ନିର୍ମାଣ ହେବ। କବକ ଦ୍ୱାରା ନିର୍ମାଣ ହେବାକୁ ଥିବା ଘର କଂକ୍ରିଟଠାରୁ ବି ମଜଭୁତ ହେବ। ଏହାକୁ ମରାମତି ମଧ୍ୟ କରାଯାଇପାରିବ। ଏହାମଧ୍ୟ ଉତ୍ତମ ଇନ୍‌ସୁଲେଟର ଓ ଅଗ୍ନିନିରୋଧୀ ହୋଇପାରିବ। ଚନ୍ଦ୍ର କମ୍ବା ମଙ୍ଗଳରେ କବକ ପହଞ୍ଚିବା ପରେ ସେଠାରେ ଆଲୋକ ସଂଶ୍ଳେଷଣ ବ୍ୟାକ୍ଟେରିଆ ଦ୍ୱାରା ଏହାକୁ ବିକଶିତ କରାଯାଇପାରିବ ବୋଲି କହିଛନ୍ତି ବୈଜ୍ଞାନିକମାନେ। ଯେଉଁ ଆକାର ଚାହିଁବ ସେମିତି କବକକୁ ବଢାଇହେବ ଓ ପରେ ଏହାକୁ ଉତ୍ତପ୍ତ କରି ମାରିଦିଆଯିବ। ବୈଜ୍ଞାନିକମାନେ ଏମିତି ଉପାୟ ବିକଶିତ କରୁଛନ୍ତି , ଯେଉଁଥିରେ କବକ ଘର ମହାକାଶଚାରୀଙ୍କୁ ବିକିରଣରୁ ରକ୍ଷା କରିବା ସହ ଘର ମଧ୍ୟରେ ଅମ୍ଳଜାନ ମଧ୍ୟ ପ୍ରଦାନ କରିପାରିବ। ଅନ୍ୟ ଗ୍ରହରେ ଘର ନିର୍ମାଣ କରାଯିବାର ଡିଜାଇନ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି ବୋଲି କହିଛନ୍ତି ଗବେଷକ ଲିନ୍ ରାଥସ୍‌ଚାଇଲ୍ଡ। ଏବେ ଗବେଷକମାନେ କବକର ମାୟସେଲଆ। ଦ୍ୱାରା ଇଟା ଓ ଷ୍ଟୁଲ ନିର୍ମାଣ କରିବାରେ ସଫଳ ହୋଇଛନ୍ତି। ମାଇକୋ ଆର୍କିଟେକ୍‌ଚର ପ୍ରୋଜେକ୍ଟ ମାଧ୍ୟମରେ ଷ୍ଟାନଫୋର୍ଡ ଓ ବ୍ରାଉନ ୟୁନିଭର୍ସିଟିର ଗବେଷକ ଟିମ୍ ୨୦୧୮ରେ ମାୟସେଲିୟା କବକ ଉପଯୋଗ କରି ଏକ ଷ୍ଟୁଲ୍ ନିର୍ମାଣ କରିଥିଲେ।



# ଏକାଠି ହେବେ ଶାହରୁଖ-କରୀନା

**ମୁମ୍ବାଇ:** କିଙ୍ଗ୍ ଖାନଙ୍କ ଫ୍ୟାନ୍‌ମାନଙ୍କ ପାଇଁ ଏକ ଖୁସି ଖବର। ଖୁବ୍‌ଶୀଘ୍ର ଫ୍ୟାନ୍‌ମାନଙ୍କ ଡିମାଣ୍ଡ ପୂରଣ କରିବାକୁ ଯାଉଛନ୍ତି ବଲିଉଡ୍ ବାଦ୍‌ଶାହ ଶାହରୁଖ ଖାନ। ଦୀର୍ଘଦିନ ପରେ ପୁଣି ସେ ବଡ଼ପରଦାରେ ନଜରକୁ ଆସିବେ। ଗତ କିଛିବର୍ଷ ହେଲା ତାଙ୍କ ଫିଲ୍ମଗୁଡ଼ିକ ସେଭଳି ଆଖି ଦୃଶିଆ ବ୍ୟବସାୟ କରି ନ ଥିବାବେଳେ ଏଥର କିନ୍ତୁ ସେ ବ୍ଲକ୍‌ବଷ୍ଟର ଫିଲ୍ମ ଦେବେ ବୋଲି ଆଶା କରାଯାଉଛି। ବେଶ୍ କିଛିଦିନ ହେଲା ସୋସିଆଲ ମିଡିଆରେ ଶାହରୁଖଙ୍କ ଫିଲ୍ମ ଦେଖିବାକୁ ଫ୍ୟାନ୍‌ମାନଙ୍କ ଡିମାଣ୍ଡ ଥିଲା। ଏପରି କି, ଯଥାଶୀଘ୍ର ଶାହରୁଖ ନିଜ ଆଗାମୀ ଫିଲ୍ମ ନେଇ ଘୋଷଣା ନ କଲେ, ଜଣେ ଫ୍ୟାନ୍ ଆତ୍ମହତ୍ୟା କରିବେ ବୋଲି ମଧ୍ୟ ସୋସିଆଲ ମିଡିଆରେ ଚେତାବନୀ ଦେଇଥିଲେ। ଗୋଟିଏ ପଟେ ଏଭଳି ପରିସ୍ଥିତି ଚାଲିଥିବାବେଳେ ଏବେ ଶାହରୁଖଙ୍କ ଅପ୍‌କମିଂ ଫିଲ୍ମ ଆସୁଥିବା ଖବର ଚର୍ଚ୍ଚା ହେଉଛି। ତେବେ ଯେଉଁ ଫିଲ୍ମକୁ ନେଇ ଏତେ ଚର୍ଚ୍ଚା, ଏଯାବତ ତା'ର ଟାଇଟଲ ଘୋଷଣା କରାଯାଇନାହିଁ। ହେଲେ ଏକ ଜାତୀୟ ଗଣମାଧ୍ୟମର ଖବର ଅନୁଯାୟୀ, ଫିଲ୍ମଟି ହେଉଛି ଲୋକପ୍ରିୟ ଫିଲ୍ମ ନିର୍ମାତା ରାଜକୁମାର ହିରାନୀଙ୍କର, ଯେଉଁଥିରେ ପୁଣିଥରେ ଶାହରୁଖ-କରୀନା କପୁର ଖାନଙ୍କ ଯୋଡ଼ି ଦେଖିବାକୁ ମିଳିବ।

ଯଦି ଖବରଟି ସତ, ତେବେ ଦୀର୍ଘଦିନ ପରେ ଏହି ଯୋଡ଼ି ପରଦାକୁ ଫେରିବ। ଫିଲ୍ମ 'ରା-ୱାନ୍'ରେ ଏହି ଯୋଡ଼ି କମାଲ୍ କରିଥିଲା। ବିଶେଷକରି ଫିଲ୍ମର 'ଛମକ୍ ଛଲ୍ଲୋ...' ଗୀତଟି ପାଇଁ ଦର୍ଶକେ ଉଭୟଙ୍କୁ ଖୁବ୍ ଭଲପାଇବା ଦେଇଥିଲେ। ଏବେ ପୁଣି ଏହି ଯୋଡ଼ି ବକ୍ସ ଅଫିସ୍‌ରେ ଯାଦୁ କରିବ ବୋଲି ଆଶା କରାଯାଉଛି। ଏହାଛଡ଼ା ଫିଲ୍ମ 'ଅଶୋକା', 'କଭି ଖୁସି କଭି ଗମ୍' ଓ 'ଲକ୍ ବାଇ ଚାନ୍ସ'ରେ ମଧ୍ୟ ଶାହରୁଖ, କରୀନାଙ୍କୁ ଦେଖିବାକୁ ମିଳିଥିଲା। ନିକଟରେ ରିଲିଜ୍ ହୋଇଥିବା ଫିଲ୍ମ 'ଗୁଡ୍ ନ୍ୟୁଜ୍'ରେ କରୀନାଙ୍କ ଅଭିନୟ ଏବଂ ଷ୍ଟାଇଲ୍‌କୁ ଖୁବ୍ ପ୍ରଶଂସା ମିଳିଛି। ଅନ୍ୟପଟେ ୨୦୧୮ରେ ରିଲିଜ୍ ଫିଲ୍ମ 'ଜିରୋ'ରେ ଶାହରୁଖ ଶେଷଥର ପାଇଁ ବଡ଼ପରଦାରେ ନଜରକୁ ଆସିଥିଲେ।

## କଣ୍ଟାକ୍ଟ ଲେନ୍ସରେ ଜିପିଏସ୍

# ଦେଖିହେବ ହାର୍ଟ ବିଟ୍

**କାଲିଫର୍ନିଆ:** ଆମେରିକା କାଲିଫର୍ନିଆର ଷ୍ଟାର୍ଟଅପ୍ ମୋଜୋ ଭିଜନ ପକ୍ଷରୁ ଏକ ପ୍ରକାର କଣ୍ଟାକ୍ଟଲେନ୍ସ ତିଆରି କରାଯାଇଛି। ଏଥିରେ ଜିପିଏସ୍ ଜ୍ଞାନକୌଶଳକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହାକୁ ଆଖିରେ ଲଗାଇଲେ ଦେଖିବା ସମସ୍ୟା ଦୂର ହେବା ସହିତ ହାର୍ଟ ବିଟ୍ କରୁଥିବାର ମଧ୍ୟ ଦେଖି ହେବ। ଏହି କଣ୍ଟାକ୍ଟଲେନ୍ସ ସମୟ, ପାଣିପାଗ ସୂଚନା ସମ୍ପର୍କରେ ମଧ୍ୟ ଜଣାଇଦେଇ ପାରିବ।

# ବଣ୍ଟାହେଲେ ସ୍ୱାମୀ

**ରାଞ୍ଚି:** ସମ୍ପତି, ଘର, ଜମିବାଡ଼ି ଭାଗବଣ୍ଟା କଥା ତ ସମସ୍ତେ ଜାଣିଛନ୍ତି। ଏପରି କି ବୃଦ୍ଧ ମା'ବାପାଙ୍କୁ ମାସିଆରି ରଖିବା ଆଜିର ସମାଜରେ ସାଧାରଣ ହେଲାଣି। ହେଲେ ଏବେ ଏପରି ଏକ ଘଟଣା ନଜରକୁ ଆସିଛି, ଯାହା ଅବିଶ୍ୱସନୀୟ। ରାଞ୍ଚିରେ ଦୁଇଜଣ ସଉତୁଣୀ ନିଜ ସ୍ୱାମୀକୁ ଭାଗ ବାଣ୍ଟିଛନ୍ତି, ତାହା ବି ଥାନାରେ ଏବଂ ଆପୋସ ବୁଝାମଣା ମାଧ୍ୟମରେ।

ସମ୍ପୂର୍ଣ୍ଣ ଘଟଣା ଏହିପରି। ରାଞ୍ଚିସ୍ଥିତ ସଦର ଥାନାରେ ଜଣେ ବ୍ୟକ୍ତିଙ୍କ ଦ୍ୱିତୀୟ ସ୍ତ୍ରୀ ସ୍ୱାମୀଙ୍କ ନାମରେ ଅଭିଯୋଗ କରିଥିଲେ। ସେ ନିଜର ଏତଲାରେ ଦର୍ଶାଇଥିଲେ ଯେ, ପୂର୍ବରୁ ହୋଇଥିବା ଚୁକ୍ତିକୁ ଅବମାନନା କରି ସ୍ୱାମୀ ରାଜେଶ ୫ଦିନ ହେଲା ଘରକୁ ଆସିନାହାନ୍ତି। ସେ ନିଜର ପ୍ରଥମ ସ୍ତ୍ରୀଙ୍କ ସହ ରହିବା ଆରମ୍ଭ କରିଛନ୍ତି। ମହିଳାଙ୍କ ଏପରି ଅଭିଯୋଗ ପରେ ଚିନ୍ତାରେ ପଡ଼ିଥିଲା ପୋଲିସ। ପୋଲିସ ରାଜେଶଙ୍କୁ ଥାନାକୁ ଡକାଇ ମାମଲାର ସମାଧାନ କରିବାକୁ ଉଦ୍ୟମ କଲା। ଏହାପରେ ରାଜେଶ ଥାନାରୁ ଦ୍ୱିତୀୟ ସ୍ତ୍ରୀଙ୍କ ସହ ଚାଲିଗଲେ।

ଏଥିପୂର୍ବରୁ ପୋଲିସ ଉପସ୍ଥିତିରେ ରାଜେଶ ଏବଂ ତାଙ୍କ ଦୁଇ ସ୍ତ୍ରୀଙ୍କୁ ନେଇ ବୁଝାମଣା ହୋଇଥିଲା। ଏଥିରେ ରାଜେଶ ଉଭୟଙ୍କ ପାଖରେ ୩ଦିନ ଲେଖାଏ ରହିବାକୁ ସହମତି ଜଣାଇଥିଲେ। ସପ୍ତାହର ପ୍ରଥମ ୩ଦିନ ପ୍ରଥମ ସ୍ତ୍ରୀ ଏବଂ ଏହାପର ୩ଦିନ ଦ୍ୱିତୀୟ ସ୍ତ୍ରୀଙ୍କ ପାଖରେ ରହିବେ। ବଳକା ଗୋଟିଏ ଦିନ ନିଜର ବ୍ୟକ୍ତିଗତ କାମ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରଥମ ସ୍ତ୍ରୀଙ୍କ ପାଖରେ ଲଗାତର ୫ଦିନ ରହିବା ପରେ ଦ୍ୱିତୀୟ ସ୍ତ୍ରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ସ୍ୱାମୀଙ୍କୁ ଏପରି ଭାଗବଣ୍ଟା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି ।



# ଆୟକର ନୋଟିସ ୧୩୪ କୋଟିର

**ଭୋପାଳ:** ଜଣେ ବ୍ୟକ୍ତିଙ୍କର ମାସିକ ଆୟ ୭ ହଜାର ଟଙ୍କା , କିନ୍ତୁ ୧୩୪ କୋଟିର ଆୟକର ନୋଟିସ ଆସିବା ଭଳି ଅଜବ ଘଟଣା ଘଟିଛି ମଧ୍ୟପ୍ରଦେଶରେ। ଭିଣ୍ଡ ଜିଲା ମୋହନା ଅଞ୍ଚଳ ନିବାସୀ ୨୯ ବର୍ଷୀୟ ରବି ଗୁପ୍ତା ନାମକ ଜଣେ ବ୍ୟକ୍ତିଙ୍କୁ ମିଳିଛି ଏଭଳି ଏକ ଅଜବ ନୋଟିସ। ଆୟକର ବିଭାଗ ବ୍ୟକ୍ତିଙ୍କ ପିନ୍ ନମ୍ବର ସହ ୧୩୪ କୋଟିର ଦେଣନେଣ ସମ୍ପର୍କିତ ହିସାବ ମାଗିଛି। ତାଙ୍କ ଅଗୋଚରରେ ଏହି ଅର୍ଥ ୨୦୧୧ ସେପ୍ଟେମ୍ବର ୧୩ରୁ ଫେବୃୟାରୀ ୨୦୧୨ ମଧ୍ୟରେ ମୁମ୍ବାଇର ଏକ ଘରୋଇ ବ୍ୟାଙ୍କ ଆକାଉଣ୍ଟରେ ନେଣଦେଣ ହୋଇଥିଲା ଓ ସେଥିରେ ପିନ୍ କୋଡ ବି ଯୋଡା ଯାଇଥିଲା। ଏହି ସମୟରେ ଇନ୍ଦୋରର ଏକ ଘରୋଇ କମ୍ପାନୀରେ କାମ କରି ମାସକୁ ମାତ୍ର ୭ ହଜାର ଟଙ୍କା ରୋଜଗାର କରୁଥିଲେ ଓ ତାହାକୁ ନଗଦ ଆକାରରେ କମ୍ପାନୀଠାରୁ ଗ୍ରହଣ କରୁଥିଲେ ବୋଲି କହିଛନ୍ତି ଗୁପ୍ତା। କିନ୍ତୁ ଆୟକର ବିଭାଗ କହିଛି ଯେ, ଏହି ସମୟରେ ତାଙ୍କ ରୋଜଗାର ଆୟକର ଯୋଗ୍ୟ ହୋଇଥିଲା। ଗୁପ୍ତା ଏହାର ଖୋଳତାଡ କରିବା ପରେ ଏହି ଆକାଉଣ୍ଟରେ ଏକ ଡାଇମଣ୍ଡ ଟ୍ରେଡିଙ୍ଗ କମ୍ପାନୀ କାରବାର କରିଥିବା ଜାଣିପାରିଥିଲେ। ଆକାଉଣ୍ଟରେ ଯେଉଁ ପିନ କୋଡ୍ ଦର୍ଶାଯାଇଛି ସେଥିରେ ତାଙ୍କ ଦସ୍ତଖତ ଜାଲ୍ କରାଯାଇଛି ଏବଂ ତାଙ୍କ ସ୍ଥାନୀୟ ଠିକଣା ମଧ୍ୟ ସେଥିରେ ନାହିଁ ବୋଲି କହିଛନ୍ତି ଗୁପ୍ତା। ଏବେ ମଧ୍ୟପ୍ରଦେଶ ସାଇବର ସେଲ୍, ମହାରାଷ୍ଟ୍ର ପୋଲିସ, ପିଏମ୍‌ଓ ଏବଂ ଆୟକର ବିଭାଗ ଅଧିକାରୀଙ୍କୁ ଏ ସମ୍ପର୍କରେ ତଦନ୍ତ କରି ଏହି ମାମଲାରୁ ମୁକ୍ତ କରିବାକୁ ସେ ଲିଖିତ ଭାବେ ଜଣାଇଛନ୍ତି। ମାର୍ଚ୍ଚ ୩୦ ,୨୦୧୯ରେ ରବିଙ୍କୁ ପ୍ରଥମେ ଏହି ନୋଟିସ ମିଳିଥିଲା। ସେତେବେଳେ ତାଙ୍କ ଦରମା କର ଯୋଗ୍ୟ ନ ଥିବାରୁ ସେ ତାହାକୁ ଅଣଦେଖା କରିଥିଲେ। କିନ୍ତୁ ପରେ ପୁଣି ଜୁଲାଇରେ ଦ୍ୱିତୀୟ ଓ ତୃତୀୟ ନୋଟିସ ମିଳିଥିଲା। ଏବେ ପୁଣି ଆୟକର ବିଭାଗ ତାଙ୍କ ସମ୍ପତ୍ତି ଜବତ କରିବା ଲାଗି କହିଛି।

ମାସକୁ ରୋଜଗାର ୭ ହଜାର ଟଙ୍କା



# ଟଙ୍କା ବାହାରିବା ପରେ ବ୍ୟାଗ୍ ଫେରସ୍ତ

**ୱାଶିଂଟନ:** ଆଜିର ସମୟରେ ସଚ୍ଚୋଟ ବ୍ୟକ୍ତିଙ୍କ ସଂଖ୍ୟା ହାତଗଣତି। ଏହି ଯେମିତି କିଛି ଜିନିଷ ହଜିଗଲେ ପାଇଥିବା ଖୁବ କମ ଲୋକ ଏହାକୁ ଫେରାଇଥାନ୍ତି। ମାତ୍ର ଆମେରିକାର ସେଣ୍ଟ୍ରାଲ ମିଚିଗାନ୍ରେ ରହୁଥିବା ୫୦ ବର୍ଷୀୟ ହାୱାର୍ଡ କିବି ସଚ୍ଚୋଟତାର ପରିଚୟ ଦେଇଛନ୍ତି। କିଛିଦିନ ତଳେ ହାୱାର୍ଡ ସେକେଣ୍ଡ ହ୍ୟାଣ୍ଡ ଶପିଂ ସେଣ୍ଟରରୁ ଏକ ବ୍ୟାଗ କିଣି ଘରକୁ ଆଣିଥିଲେ। ଯେତେବେଳେ ତାଙ୍କ ଝିଅ ବ୍ୟାଗ୍‌ଟିକୁ ଖୋଲିଲେ ଏଥିରେ ଟଙ୍କା ଭର୍ତ୍ତି ଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏଥିରେ ୩୦ ଲକ୍ଷ ୫୪ ହଜାର ଟଙ୍କା ଥିବା ଦେଖିବାକୁ ମିଳିଥିଲା। ଏକ ରିପୋର୍ଟ ଅନୁଯାୟୀ, ପରିବାର ଲୋକେ ଏତେ ପରିମାଣର ଟଙ୍କା ଦେଖି ଏଥିରେ କ'ଣ କରିବେ କିଛି ବୁଝିପାରିଲେ ନାହିଁ। ହାୱାର୍ଡ ପ୍ରଥମେ ଭାବିଲେ ଏହି ଟଙ୍କାରେ ଘରର କରଜ ଶୁଝିଦେବେ। ଆଉ କିଛି ଟଙ୍କାରେ ବିଳାସମୟ ଜୀବନ ବିତାଇବେ। ଏଥିପାଇଁ ସେ ତାଙ୍କ ଓକିଲଙ୍କ ପରାମର୍ଶ ନେଲେ। ଓକିଲ କହିଲେ, ଏହି ଟଙ୍କା ତୁମ ପାଖରେ ରଖ। ତୁମେ ତ କେଉଁଠୁ ଚୋରି କରିନା ଯେ,ତୁମକୁ ପୋଲିସ ବାନ୍ଧିବ। କିନ୍ତୁ ହାୱାର୍ଡଙ୍କ ହୃଦୟ ବାଧା ଦେଲା। ସେ ଚାହିଁଲେ ବ୍ୟାଗ୍‌ଟି ଯେଉଁଠୁ କିଣିଥିଲେ ସେଠାରେ ଫେରାଇ ଦେବେ। ଶେଷରେ ସେଇୟା ହିଁ କଲେ। ଏହି ବ୍ୟାଗ୍‌ଟି ନ୍ୟୁବେରିର ଏକ ପରିବାରର। ତାଙ୍କ ପିତାଙ୍କ ମୃତ୍ୟୁ ପରେ ବ୍ୟାଗ୍‌ଟି ଆଣି ସେକେଣ୍ଡ ହ୍ୟାଣ୍ଡ ଶପିଂ ସେଣ୍ଟରରେ ଦାନ କରିଦେଇଥିଲେ। ତେବେ ଦୋକାନ ମାଲିକ ହାୱାର୍ଡଙ୍କ ଏପରି ସଚ୍ଚୋଟତା ଦେଖି ତାଙ୍କୁ ଖୁବ ପ୍ରଶଂସା କରିଛନ୍ତି।



# ବୃଦ୍ଧ ସମ୍ମିଳନୀରେ ପୁଅଙ୍କୁ ଶିକ୍ଷା

**ଗ୍ୱାଲିୟର:** ବୃଦ୍ଧ ମାତାପିତାଙ୍କୁ ଅଣଦେଖା କରି ଉଠ୍‌ବସ ହେବାସହ ପୁଅମାନେ ବୃଦ୍ଧ ସମ୍ମିଳନୀରେ ପିତାଙ୍କ ଗୋଡ ଧରିବା ଭଳି ଘଟଣା ସାମ୍ନାକୁ ଆସିଛି ମଧ୍ୟପ୍ରଦେଶର ଗ୍ୱାଲିୟର ଜିଲାରେ। ବୃଦ୍ଧ ମାତାପିତାଙ୍କୁ ଅବହେଳା କରୁଥିବା ପୁଅମାନଙ୍କୁ ସୁଧାରିବା ଲାଗି ଗ୍ୱାଲିୟର ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା ବୃଦ୍ଧ ସମ୍ମିଳନୀ। ଏଥିରେ ମୋଟ ୩୩୬ଟି ଅଭିଯୋଗ ବୃଦ୍ଧମାନଙ୍କ ପକ୍ଷରୁ କରାଯାଇଥିଲା। ଏହି ଅଭିଯୋଗ ସେମାନଙ୍କ ପୁଅମାନଙ୍କ ବିରୋଧରେ ହିଁ ଥିଲା। ଅଭିଯୋଗଗୁଡିକ ମଧ୍ୟରୁ ୧୨୪ଟି କେବଳ ଭରଣପୋଷଣ ସମ୍ପର୍କିତ ଥିଲା। ତେବେ ଏହାକୁ ନେଇ ସମୁଦାୟ ୧୮୪ଟି ମାମଲାର ସମାଧାନ ଏଠାରେ କରାଯାଇଛି । ଜନଶୁଣାଣି ହଲ୍‌ରେ କେସ୍‌ର ରେଜିଷ୍ଟ୍ରେଶନ ପରେ ଏ ସମ୍ବନ୍ଧିତ ଅଧିକାରୀମାନେ ଏହାର ଶୁଣାଣି କରିଥିଲେ। ସମ୍ମିଳନୀରେ ବହୁ ପରିବାର କେଉଁଠି ବୃଦ୍ଧମାନଙ୍କୁ ଆଦରି ନେଇଥିଲେ ତ ଆଉ କେଉଁଠି ପୁଅମାନେ ସେମାନଙ୍କ ଭୁଲ୍ ସ୍ୱୀକାର କରି ଉଠ୍‌ବସ ହୋଇଥିଲେ। ଏପରିକି ପିତାଙ୍କ ଗୋଡ ଧରି କ୍ଷମା ପ୍ରାର୍ଥନା ମଧ୍ୟ କରିଥିଲେ। ଏହି ସମ୍ମିଳନୀରେ ଗ୍ୱାଲିୟର ଜିଲାପାଳ ଅନୁରାଗ ଚୌଧୁରୀ, ଏସ୍‌ପି ନବନୀତ ଭସିନ୍ ଓ ସ୍ମାର୍ଟ ସିଟି ସିଇଓ ଉପସ୍ଥିତ ରହିଥିଲେ।



**୪ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କଲା ଶ୍ରୀଲଙ୍କା ନୌସେନା**

ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ତାମିଲନାଡୁର ୪ ଜଣ ମତ୍ସ୍ୟଜୀବୀଙ୍କୁ ଶ୍ରୀଲଙ୍କା ନୌସେନା ଉଦ୍ଧାର କରିଛି। ରବିବାର ସେମାନେ ଶ୍ରୀଲଙ୍କା ନିକଟବର୍ତ୍ତୀ ସମୁଦ୍ରରେ ଥିବାବେଳେ ପ୍ରବଳ ବେଗରେ ପବନ ବହିବାରୁ ସେମାନଙ୍କ ବୋଟ୍ ବୁଡ଼ିଯାଇଥିଲା। ସେତେବେଳେ ସେମାନେ ଶ୍ରୀଲଙ୍କାଠାରୁ ୩୨ ନଟିକାଲ ମାଇଲ ଦୂର ନେଦୁନ୍ତିଭୁଠାରେ ମାଛ ଧରୁଥିଲେ। ବୋଟ୍ ବୁଡ଼ିଯାଉଥିବା ଦେଖି ଶ୍ରୀଲଙ୍କା ନୌସେନାର ପାଟ୍ରୋଲ ଟିମ୍ ସେମାନଙ୍କୁ ଉଦ୍ଧାର କରିବାକୁ ଧାଇଁ ଆସିଥିଲେ।





ନୂଆଦିଲ୍ଲୀରେ ରବିବାର ଶୀତୁଆ ସକାଳରେ ନିଆଁରେ ସେକି ହେଉଛନ୍ତି ଛୋଟ ଛୋଟ କୁକୁର।



ମୁମ୍ବାଇରେ ଟାଟା ମୁମ୍ବାଇ ମାରାଥନକୁ ଉଦ୍‌ଘାଟନ କରୁଛନ୍ତି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ (ମଝି)।

# ସିଏଏ ଅନାବଶ୍ୟକ, କିନ୍ତୁ ...

ଦୁବାଇ,୧୯।୧(ପି.ଟି.)



**ନାଗରିକତ୍ୱ ଆଇନ ଭାରତର ଆଭ୍ୟନ୍ତରୀଣ ବ୍ୟାପାର।**
**-ଶେଖ୍ ହାସିନା, ବାଂଲାଦେଶ ପ୍ରଧାନମନ୍ତ୍ରୀ**


ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଭାରତର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କହିଛନ୍ତି। ତେବେ ଏଭଳି ଆଇନର ଆବଶ୍ୟକତା ନ ଥିଲା ବୋଲି ସେ ମତ ଦେଇଛନ୍ତି। ସିଏଏ ଅନୁଯାୟୀ ଧର୍ମୀୟ ବିଦ୍ୱେଷର ଶିକାର ହୋଇ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ତାନରୁ ଆସିଥିବା ସଂଖ୍ୟାଲଘୁ ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବ। ଏହି ବିବାଦୀୟ ଆଇନକୁ ନେଇ ସାରା ଦେଶରେ ଆନ୍ଦୋଳନ ଜାରି ରହିଛି।

ଗଲ୍ଫ ନ୍ୟୁଜ୍‌କୁ ସାକ୍ଷାତ୍‌କାର ଦେଇ ହାସିନା କହିଛନ୍ତି, ଭାରତ ସରକାର କ'ଣ ପାଇଁ ଏଭଳି ଆଇନ ଆଣିଲେ ତାହା ସେ ବୁଝିପାରୁନାହାନ୍ତି। ଏହାର କୌଣସି ଆବଶ୍ୟକତା ନ ଥିଲା। ପୂର୍ବରୁ ବାଂଲାଦେଶର ବହିର୍ବ୍ୟାପାର ମନ୍ତ୍ରୀ ଏ.କେ. ଅବଦୁଲ ମୋମେନ ମଧ୍ୟ ସିଏଏ ଏବଂ ଏନ୍‌ଆର୍‌ସିକୁ ଭାରତର ଆଭ୍ୟନ୍ତରୀଣ ବ୍ୟାପାର କହିଥିଲେ। ତେବେ ଭାରତରେ ଏହାକୁ ନେଇ ଅନିଶ୍ଚିତତା ଦେଖାଦେଲେ ପଡୋଶୀ ଦେଶ ପ୍ରଭାବିତ ହେବେ ବୋଲି ସେ ଚିନ୍ତା ପ୍ରକଟ କରିଥିଲେ। ବାଂଲାଦେଶର ୧୬ କୋଟି ଲୋକଙ୍କ ମଧ୍ୟରୁ ୧୦.୭ ପ୍ରତିଶତ ହିନ୍ଦୁ ଓ ୦.୬ ପ୍ରତିଶତ ବୌଦ୍ଧ। ଧର୍ମୀୟ ବିଦ୍ୱେଷକୁ ନେଇ କୌଣସି ସଂଖ୍ୟାଲଘୁ ଭାରତ ଯାଇନାହାନ୍ତି। ସେହିପରି ଭାରତ ଯାଇଥିବା କୌଣସି ଶରଣାର୍ଥୀ ଫେରି ନ ଥିବା ବାଂଲାଦେଶ ପକ୍ଷରୁ କୁହାଯାଇଛି। ତେବେ ଭାରତରେ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ସତ୍ତ୍ୱେ ସିଏଏ ଏବଂ ଏନ୍‌ଆର୍‌ସି ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ବୋଲି ହାସିନା ସ୍ପଷ୍ଟ କରିଦେଇଛନ୍ତି। ଭାରତ ଓ ବାଂଲାଦେଶ ମଧ୍ୟରେ ସମ୍ପର୍କ ବର୍ତ୍ତମାନ ବହୁତ ଭଲ ରହିଛି। ବିଭିନ୍ନ କ୍ଷେତ୍ରରେ ଉଭୟ ପରସ୍ପରକୁ ସହଯୋଗ କରୁଥିବା ହାସିନା କହିଛନ୍ତି।

## କେରଳ ସରକାରଙ୍କୁ ରିପୋର୍ଟ ମାଗିଲେ ରାଜ୍ୟପାଳ

ଥିରୁଭାନନ୍ତପୁରମ୍,୧୯।୧(ପି.ଟି.)


ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ କେରଳର ବାମସାମ୍ମୁଖ୍ୟ ସରକାର ଏବଂ ରାଜ୍ୟପାଳ ଅରିଫ ମହମ୍ମଦ ଖାନ୍‌ଙ୍କ ମଧ୍ୟରେ ବିବାଦ ଅଧିକ ତୀବ୍ର ହୋଇଛି। କେରଳ ସରକାର ସିଏଏ ବିରୋଧରେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିବାବେଳେ ରାଜ୍ୟପାଳ ଏନେଇ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ସେ ନୀରବ ଦର୍ଶକ ନ ହୋଇ ରାଜ୍ୟରେ ଆଇନକୁ କାର୍ଯ୍ୟକାରୀ କରିବେ ବୋଲି ରାଜ୍ୟପାଳ କହିଛନ୍ତି। ସମ୍ବିଧାନକୁ ବଜାୟ ରଖିବାକୁ ହେବ। ଏହା ବ୍ୟକ୍ତିଗତ ସଂଘର୍ଷ ନୁହେଁ ବୋଲି ବେଙ୍ଗାଲୁରୁଠାରେ ରାଜ୍ୟପାଳ ଖାନ୍ ଖବରଦାତାମାନଙ୍କୁ କହିଛନ୍ତି। ରାଜ୍ୟ ସରକାର ତାଙ୍କ ସହ ପରାମର୍ଶ ନ କରି ସୁପ୍ରିମକୋର୍ଟ ଯାଇଥିବାରୁ ସେ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ମାଗିଛନ୍ତି।



**ନୀରବ ଦର୍ଶକ ନ ସାଜି ନାଗରିକତ୍ୱ ଆଇନକୁ ରାଜ୍ୟରେ କାର୍ଯ୍ୟକାରୀ କରିବି।**
**- ଅରିଫ ମହମ୍ମଦ ଖାନ**

## 'ସାମ୍ବିଧାନିକ ଘୋଷଣା ହେଲେ ସିଏଏକୁ ରାଜ୍ୟ ବିରୋଧ କରିବା ସମସ୍ୟା ହେବ'

**ମତ ବଦଳାଇଲେ କପିଳ ଶିବଲ**



ନୂଆଦିଲ୍ଲୀ,୧୯।୧(ପି.ଟି.) ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ପ୍ରତ୍ୟାହାର ପାଇଁ ସଂକଳ୍ପନାମା ଗୃହୀତ କରାଇବା ପ୍ରତି ରାଜ୍ୟ ବିଧାନସଭାର ସାମ୍ବିଧାନିକ ଅଧିକାର। ତେବେ ଯଦି ସୁପ୍ରିମକୋର୍ଟ ଏହି ଆଇନକୁ ସାମ୍ବିଧାନିକ ଘୋଷଣା କରନ୍ତି ତେବେ ଏହାକୁ ବିରୋଧ କରିବା ରାଜ୍ୟଗୁଡ଼ିକ ପାଇଁ ସମସ୍ୟା ହେବ ବୋଲି ବରିଷ୍ଠ କଂଗ୍ରେସ ନେତା କପିଳ ଶିବଲ କହିଛନ୍ତି। ସିଏଏ ପାର୍ଲାମେଣ୍ଟରେ ଗୃହୀତ ହୋଇସାରିଥିବାରୁ ଏହାକୁ କାର୍ଯ୍ୟକାରୀ କରିବା ବ୍ୟତୀତ ରାଜ୍ୟଗୁଡ଼ିକ ପାଖରେ ଅନ୍ୟ ବିକଳ୍ପ ନାହିଁ ବୋଲି ଦିନକ ପୂର୍ବରୁ ଶିବଲ କହିଥିଲେ। ଏହି ଆଇନ ଅସାମ୍ବିଧାନିକ ବୋଲି ତାଙ୍କର ବିଶ୍ୱାସ ରହିଛି। ତେଣୁ ରାଜ୍ୟ ବିଧାନସଭା ସିଏଏ ବିରୋଧରେ ପ୍ରସ୍ତାବ ଗୃହୀତ କରାଇ ଏହାକୁ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିପାରିବେ। ଯେତେବେଳେ ଏବଂ ଯଦି ସିଏଏକୁ ସର୍ବୋଚ୍ଚ ଅଦାଲତ ସାମ୍ବିଧାନିକ ଘୋଷଣା କରିବେ, ସେତେବେଳେ ଏହାକୁ ବିରୋଧ କରିବା ସମସ୍ୟା ହେବ। ତେବେ ବିରୋଧ ଜାରି ରହିବା ଆବଶ୍ୟକ ବୋଲି କଂଗ୍ରେସ ନେତା ଟୁଇଟ୍ କରିଛନ୍ତି।

ଶନିବାର କେରଳ ସାହିତ୍ୟ ଉତ୍ସବ (କେଏଲ୍‌ଏଫ୍)ରେ ଶିବଲଙ୍କ ମନ୍ତବ୍ୟକୁ ନେଇ କେରଳ, ରାଜସ୍ଥାନ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ସମେତ ଅଣଭାଜପା ଶାସିତ ରାଜ୍ୟଗୁଡ଼ିକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଫଳରେ ସେ ରବିବାର ତାଙ୍କ ମତ ବଦଳାଇଥିବା କୁହାଯାଉଛି।

## ୬ ବର୍ଷରେ ନାଗରିକତ୍ୱ ପାଇଛନ୍ତି ୨୮୩୮ ପାକିସ୍ତାନୀ ଶରଣାର୍ଥୀ

ଚେନ୍ନାଇ,୧୯।୧

ସିଏଏକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଜାରି ରହିଥିବାବେଳେ ଗତ ୬ ବର୍ଷ ମଧ୍ୟରେ ପାକିସ୍ତାନରୁ ଆସିଥିବା ୨୮୩୮ ଶରଣାର୍ଥୀଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯାଇଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ସେହି ସମୟ ମଧ୍ୟରେ ୯୧୪ ଜଣ ଆଫଗାନ ଓ ୧୭୨ ଜଣ ବାଂଲାଦେଶୀ ଶରଣାର୍ଥୀଙ୍କୁ ମଧ୍ୟ ନାଗରିକତ୍ୱ ଦିଆଯାଇଛି। ସେହିପରି ୧୯୬୪ରୁ ୨୦୦୮ ମଧ୍ୟରେ ଶ୍ରୀଲଙ୍କାରୁ ଆସିଥିବା ୪ ଲକ୍ଷରୁ ଊର୍ଦ୍ଧ୍ୱ ତାମିଲଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯାଇଥିବା ସୀତାରାମନ୍ ସୂଚନା ଦେଇଛନ୍ତି। ୨୦୧୪ରୁ ଇତିମଧ୍ୟରେ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଆସିଥିବା ୫୬୬ରୁ ଊର୍ଦ୍ଧ୍ୱ ମୁସଲମାନ ଭାରତୀୟ ନାଗରିକତ୍ୱ ହାସଲ କରିଛନ୍ତି। ୨୦୧୬ରେ ଆଦନାନ ସାମିଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବା ତାହାର ଏକ ଉଦାହରଣ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ପୂର୍ବ ପାକିସ୍ତାନରୁ ଯେଉଁମାନେ ଭାରତ ପଳାଇଆସିଥିଲେ ସେମାନେ ବିଭିନ୍ନ କ୍ୟାମ୍ପରେ ଥଇଥାନ ହୋଇଛନ୍ତି। ସେହିପରି ଶ୍ରୀଲଙ୍କାରୁ ଆସିଥିବା ଶରଣାର୍ଥୀମାନେ କ୍ୟାମ୍ପରେ ବିଭିନ୍ନ ସମସ୍ୟା ମଧ୍ୟରେ ରହୁଛନ୍ତି। ସେମାନଙ୍କୁ ମୌଳିକ ସୁବିଧା ସୁଯୋଗ ମିଳୁନାହିଁ। ସେହି ଲୋକମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ନୂଆ ଆଇନର ଲକ୍ଷ୍ୟ, କାହାର ନାଗରିକତ୍ୱ ଛଡ଼ାଇନେବା ପାଇଁ ନୁହେଁ ବୋଲି ସୀତାରାମନ କହିଥିଲେ।



## କେଜ୍‌ରିୱାଲଙ୍କ ଗ୍ୟାରେଣ୍ଟି କାର୍ଡ



**ଦିଲ୍ଲୀ ଭୋଟରଙ୍କୁ ୧୦ ପ୍ରତିଶ୍ରୁତି**

ନୂଆଦିଲ୍ଲୀ,୧୯।୧(ପି.ଟି.)

ଦିଲ୍ଲୀ ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ଦଳ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ଜାରି କରିଛନ୍ତି। ବିଧାନସଭା ନିର୍ବାଚନ ଜିତି ଏଏପି ପୁଣିଥରେ କ୍ଷମତାକୁ ଆସିଲେ ଛାତ୍ରୀଛାତ୍ରଙ୍କୁ ମାଗଣା ବସ୍ ସେବା, ମହିଳାମାନଙ୍କ ନିରାପତ୍ତା ପାଇଁ ମହଲ୍ଲା ମାର୍ଶାଲ ନିଯୁକ୍ତ ହେବା ସମେତ ୧୦ଟି ପ୍ରତିଶ୍ରୁତି ଏହି ଗ୍ୟାରେଣ୍ଟି କାର୍ଡରେ ଦିଆଯାଇଛି। ଏଥିସହିତ ବର୍ତ୍ତମାନ ପ୍ରଚଳିତ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଜନା, ମାଗଣା ସ୍ୱାସ୍ଥ୍ୟସେବା, ଦିଲ୍ଲୀରେ ଦୁଇକୋଟି ଚାରାରୋପଣ, ଯମୁନା ନଦୀ ସଫେଇ କାର୍ଯ୍ୟ ସହିତ ଦିଲ୍ଲୀ ପ୍ରଦୂଷଣ ହ୍ରାସ ପାଇଁ ଆଗାମୀ ୫ ବର୍ଷରେ ଉଦ୍ୟମ ଜାରି ରହିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

ଦିଲ୍ଲୀବାସୀଙ୍କୁ ତାଙ୍କ ସରକାରଙ୍କ ପକ୍ଷରୁ ୧୦ଟି ଗ୍ୟାରେଣ୍ଟି ଦିଆଯାଉଛି। ଏହା ନିର୍ବାଚନୀ ଇସ୍ତାହାର ନୁହେଁ। ଇସ୍ତାହାର ଆଗାମୀ ୭ରୁ ୧୦ ଦିନ ମଧ୍ୟରେ ପ୍ରକାଶ ପାଇବ ବୋଲି କେଜ୍‌ରିୱାଲ କହିଥିଲେ। ଆମ ଯୋଜନା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ ବୋଲି ବିରୋଧୀ ଅଭିଯୋଗ କରୁଛନ୍ତି। ସେଥିପାଇଁ ଯୋଜନା ୫ ବର୍ଷ ପର୍ଯ୍ୟନ୍ତ ଜାରି ରହିବା ନେଇ ଗ୍ୟାରେଣ୍ଟି ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ଅଶ୍ଳୀଳ ଫିଲ୍ମ ଦେଖୁଛନ୍ତି କଶ୍ମୀରୀ

**ନୀତି ଆୟୋଗ ସଦସ୍ୟଙ୍କ ବିବାଦୀୟ ମନ୍ତବ୍ୟ**

ଅହମଦାବାଦ,୧୯।୧(ପି.ଟି.)

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ସେଠାରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଥିଲା। ଏହାକୁ ନୀତି ଆୟୋଗ ସଦସ୍ୟ ଭି.କେ. ସାରସ୍ୱତ ସମର୍ଥନ ଜଣାଇଛନ୍ତି। ଇଣ୍ଟରନେଟ ସଂଯୋଗ ବିଚ୍ଛିନ୍ନ କରାଯିବା ଦ୍ୱାରା ଦେଶର ଅର୍ଥନୀତି ଉପରେ ବିଶେଷ ପ୍ରଭାବ ପଡିନାହିଁ। ଇଣ୍ଟରନେଟ ସଂଯୋଗ ବିଚ୍ଛିନ୍ନ ହୋଇ ନ ଥିଲେ ଲୋକେ ଗୁଜବ ସୃଷ୍ଟି କରି ଆଇନଶୃଙ୍ଖଳା ସ୍ଥିତିରେ ବିପର୍ଯ୍ୟୟ ସୃଷ୍ଟି କରିଥାନ୍ତେ। ସେଠାର ଲୋକମାନେ ଅନ୍‌ଲାଇନରେ ଅଶ୍ଳୀଳ ଚଳଚ୍ଚିତ୍ର ଦେଖିବା ବ୍ୟତୀତ ଅନ୍ୟ କିଛି କରି ନ ଥାନ୍ତି ବୋଲି ସାରସ୍ୱତ କହିଛନ୍ତି।



ଭି.କେ. ସାରସ୍ୱତ

ତାଙ୍କର ଏଭଳି ମନ୍ତବ୍ୟକୁ ବିଭିନ୍ନ ମହଲରୁ ବିରୋଧ କରାଯାଇଛି। କଶ୍ମୀର ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ (କେସିସିଆଇ) ସାରସ୍ୱତଙ୍କ ମନ୍ତବ୍ୟକୁ ନିନ୍ଦାକରିବା ସହ ତାଙ୍କୁ ନୀତି ଆୟୋଗରୁ ବହିଷ୍କାର କରିବା ପାଇଁ ଦାବି କରିଛି। ଜମ୍ମୁ-କଶ୍ମୀର ଲୋକଙ୍କ ବିଷୟରେ ଏଭଳି କହିବାକୁ ତାଙ୍କୁ କିଏ ଅନୁମତି ଦେଲା ବୋଲି କେସିସିଆଇ ପ୍ରଶ୍ନ କରିଛି।

## ଅପହୃତ ୧୯ ଭାରତୀୟ ମୁକୁଳିଲେ


ଅବୁଜା,୧୯।୧(ପି.ଟି.)

ଗତମାସରେ ଆଫ୍ରିକାର ପଶ୍ଚିମ ଉପକୂଳ ନିକଟବର୍ତ୍ତୀ ସମୁଦ୍ରରେ ଏକ ବାଣିଜ୍ୟିକ ଜାହାଜରୁ ଅପହୃତ ହୋଇଥିବା ୧୯ ଜଣ ଭାରତୀୟଙ୍କୁ ମୁକ୍ତ କରାଯାଇଛି। ପଣବନ୍ଦୀ ଥିବାବେଳେ ଜଣକର ମୃତ୍ୟୁ ଘଟିଥିବା ଭାରତୀୟ ଉଚ୍ଚାୟୁକ୍ତଙ୍କ ପକ୍ଷରୁ କୁହାଯାଇଛି। ଡିସେମ୍ବର ୧୫ରେ ଏମ୍‌ଟି ଡ୍ୟୁକ୍ ନାମକ ଜାହାଜରୁ ୨୦ ଜଣ ଭାରତୀୟଙ୍କୁ ଜଳଦସ୍ୟୁମାନେ ଅପହରଣ କରିନେଇଥିଲେ। ସେମାନଙ୍କୁ ମୁକ୍ତ କରାଯାଇଥିବାରୁ ନାଇଜେରିଆ କର୍ତ୍ତୃପକ୍ଷଙ୍କୁ ଭାରତ ଧନ୍ୟବାଦ ଜଣାଇଛି।

**[ଇତିହାସର ଆଇନାରେ] ଜାନୁୟାରୀ ୨୦ର ପ୍ରମୁଖ ଘଟଣା**

୧୯୩୦ ଜାନୁୟାରୀ ୨୦ରେ ବଜ୍ ଆଲଡ୍ରିନ୍‌ଙ୍କ ଜନ୍ମ। ଚନ୍ଦ୍ରପୃଷ୍ଠରେ ପାଦ ରଖିବାରେ ନିଲ୍ ଆର୍ମଷ୍ଟ୍ରଙ୍ଗଙ୍କ ପରେ ସେ ଥିଲେ ଦ୍ୱିତୀୟ ବ୍ୟକ୍ତି। ଆମେରିକୀୟ ଇଞ୍ଜିନିୟର ତଥା ମହାକାଶଯାତ୍ରୀ ଆଲଡ୍ରିନ୍ ୧୯୬୯ ଆପୋଲୋ ୧୧ ମିଶନରେ ସାମିଲ ହୋଇଥିଲେ।

୧୯୬୧ ଜାନୁୟାରୀ ୨୦ରେ ଜନ୍ ଏଫ୍. କେନେଡି ଆମେରିକାରର ୩୫ତମ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେବାରେ ସେ ଥିଲେ ସର୍ବକନିଷ୍ଠ। ୧୯୬୩ ନଭେମ୍ବରରେ ତାଙ୍କୁ ହତ୍ୟା କରାଯାଇଥିଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ଶୁଖିଲା ପାଗ ସାଙ୍ଗକୁ କେତେକ ସ୍ଥାନରେ କୁହୁଡି ଜାରି ରହିବ।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୦ | ୧୨.୯ |
| ଚାନ୍ଦବାଲି | ୨୯.୫ | ୧୪.୬ |
| କଟକ | ୩୦.୨ | ୧୪.୨ |
| ପାରାଦ୍ୱୀପ | ୨୭.୯ | ୧୭.୧ |
| ଭୁବନେଶ୍ୱର | ୩୧.୪ | ୧୫.୫ |
| ଗୋପାଳପୁର | ୨୯.୦ | ୧୭.୬ |
| ପୁରୀ | ୨୮.୮ | ୧୬.୬ |
| ଅନୁଗୋଳ | ୩୧.୧ | ୧୦.୦ |
| ବାରିପଦା | ୨୬.୦ | ୧୪.୬ |
| ଝାରସୁଗୁଡ଼ା | ୨୯.୦ | ୧୫.୨ |
| କେନ୍ଦୁଝର | ୨୮.୦ | ୧୪.୦ |
| ସମ୍ବଲପୁର | ୨୯.୬ | ୧୪.୮ |
| ସୁନ୍ଦରଗଡ଼ | ୨୭.୦ | ୧୩.୦ |
| ହୀରାକୁଦ | ୨୮.୫ | ୧୬.୧ |
| ତାଲଚେର | --- | ୧୨.୫ |
| ଭବାନୀପାଟଣା | ୩୦.୫ | ୧୬.୩ |
| ବଲାଙ୍ଗୀର | ୩୦.୩ | ୧୬.୦ |
| କୋରାପୁଟ | ୨୯.୦ | ୧୩.୦ |
| ଫୁଲବାଣୀ | --- | ୧୦.୫ |
| ଟିଟିଲାଗଡ଼ | ୨୯.୬ | ୧୨.୧ |
| ମାଲକାନଗିରି | ୩୨.୦ | ୧୦.୦ |
| ସୋନପୁର | ୩୦.୪ | ୧୧.୦ |
| ଦାରିଙ୍ଗିବାଡ଼ି | ୩୦.୦ | ୧୫.୦ |

ଡିଗ୍ରୀ ସେଲ୍‌ସିୟସ୍

## ସେନା ଶିବିରରେ ମିଶାଇଲ ମାଡ଼: ୮୩ ନିହତ

ସାନା,୧୯।୧



**ହୌଥି ବିଦ୍ରୋହୀଙ୍କୁ ଦାୟୀ କଲା ୟେମେନ**

ୟେମେନସ୍ଥିତ ଏକ ସେନା ଶିବିରରେ ଶନିବାର ରାତିରେ ମିଶାଇଲ ମାଡ଼ ହୋଇଛି। ଏହି ଆକ୍ରମଣରେ ୮୩ରୁ ଊର୍ଦ୍ଧ୍ୱ ସୈନ୍ୟ ନିହତ ଓ ଅନେକ ଆହତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆଶଙ୍କା କରାଯାଉଛି। ଆକ୍ରମଣ ପାଇଁ କେହି ନିଜକୁ ଦାୟୀ କରି ନ ଥିବାବେଳେ ୟେମେନ ସରକାର ଏଥିଲାଗି ଇରାନ ସମର୍ଥିତ ହୌଥି ବିଦ୍ରୋହୀଙ୍କୁ ଦାୟୀ କରିଛନ୍ତି।

ୟେମେନରେ ସେନା ଓ ହୌଥି ବିଦ୍ରୋହୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ସଂଘର୍ଷ ଲାଗିରହିଛି। ଏହି କ୍ରମରେ ୟେମେନ ରାଜଧାନୀ ସାନାରୁ ୧୭୦ କି.ମି. ଦୂର ମରିବ୍ ପ୍ରଦେଶରେ ଥିବା ଅଲ୍-ଏସ୍ତିକ୍‌ବାଲ୍ ସେନା ତାଲିମ ଶିବିରରେ ଶନିବାର ରାତିରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଉକ୍ତ ଶିବିରକୁ ଲାଗି ରହିଥିବା ଏକ ମସ୍‌ଜିଦରେ ଶତାଧିକ ଲୋକ ପ୍ରାର୍ଥନା ପାଇଁ ଏକତ୍ରିତ ହୋଇଥିବାବେଳେ ବିଦ୍ରୋହୀ ହୌଥି ଏହାକୁ ଟାର୍ଗେଟ କରିଥିଲେ। ୟେମେନ ରାଷ୍ଟ୍ରପତି ଅବ୍‌ଦ୍ରବୁ ମନ୍‌ସୌର ହାଦି ଏହାକୁ ଆତଙ୍କବାଦୀ ଆକ୍ରମଣ ଓ ଭୀରୁକାର୍ଯ୍ୟ ବୋଲି ନିନ୍ଦା କରିଛନ୍ତି। ହୌଥିମାନେ ଶାନ୍ତି ଚାହୁଁ ନ ଥିବାରୁ ଏହା ପଛରେ ସେମାନଙ୍କ ହାତ ଥିବା ସେ ନିଃସନ୍ଦେହରେ କହିଛନ୍ତି। ଏୟାରଷ୍ଟ୍ରାଇକ୍‌ରେ ୮୩ ନିହତ ଏବଂ ୧୪୫ ଆହତ ହୋଇଥିବା ମରିବ୍ ସିଟିସ୍ଥିତ ଏକ ହସ୍ପିଟାଲ ସୂତ୍ରରୁ ପ୍ରକାଶ। ମେଣ୍ଟ ସମର୍ଥିତ ସରକାର ନିହମ୍ ଅଞ୍ଚଳରେ ହୌଥିଙ୍କ ବିରୋଧରେ ଏକ ବଡ଼ଧରଣର ଅପରେଶନ ଚଳାଇବାର ଦିନକ ପରେ ବିଦ୍ରୋହୀମାନେ ଏହାର ପ୍ରତିଶୋଧ ନେଇଥିବା କୁହାଯାଉଛି। ପ୍ରକାଶ ଯେ, ସୌଦି ନେତୃତ୍ୱାଧୀନ ସେନା ସମର୍ଥିତ ତଥା ଅନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ ସରକାରକୁ ଇରାନ ସମର୍ଥିତ ହୌଥି ବିଦ୍ରୋହୀ ବାରମ୍ବାର ଟାର୍ଗେଟ କରିଆସୁଛନ୍ତି। ଗତ ଅଗଷ୍ଟରେ ବନ୍ଦର ସହର ଆଦେନରେ ମିଲିଟାରି ପରେଡ୍ ଚାଲିଥିବାବେଳେ ବିଦ୍ରୋହୀମାନେ ମିଶାଇଲ ଆକ୍ରମଣ କରିଥିଲେ। ଏଥିରେ ୩୨ ଜଣ ନିହତ ହୋଇଥିଲେ। ତେବେ ସଦ୍ୟ ଏୟାରଷ୍ଟ୍ରାଇକ୍‌କୁ ୨୦୧୪ ପରଠୁ ସବୁଠୁ ଘାତକ ଆକ୍ରମଣ ବୋଲି କୁହାଯାଉଛି। ୨୦୧୫ ମାର୍ଚ୍ଚରେ ରାଷ୍ଟ୍ରପତି ଅବ୍‌ଦ୍ରବୁଙ୍କ ସମର୍ଥନରେ ବାହାରି ଆରବ ମେଣ୍ଟ ୟେମେନ ସଂଘର୍ଷରେ ହସ୍ତକ୍ଷେପ କରିଥିଲା।

# ରୋଗ ଚିହ୍ନଟ କରିବ ମହୁମାଛି



ମହୁମାଛି ମଧ୍ୟ ରୋଗ ଚିହ୍ନଟ କରିପାରିବ। ଏପରି କଥା କାହାକୁ ହୁଏତ ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ହେଲେ ଏହାପଛରେ ସତ୍ୟତା ରହିଛି ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ପର୍ତ୍ତୁଗାଲର ବିଶେଷଜ୍ଞମାନେ। ମହୁମାଛିର ଘ୍ରାଣଶକ୍ତି ଭାରି ପ୍ରଖର। ଏହାଦ୍ୱାରା ସେ କେତେକ ରୋଗ ବିଷୟରେ ସୂଚନା ଦେଇପାରିବ ବୋଲି ଜଣାପଡିଛି। ଏହି ଗବେଷଣା ପୂର୍ବରୁ ବିଶେଷଜ୍ଞମାନେ 'ସୁସୈନ ସୋରେସ୍' ନାମକ ଏକ ଉଚ୍ଚ ଶକ୍ତିସମ୍ପନ୍ନ ଡିଭାଇସ୍ ପ୍ରସ୍ତୁତ କରିଥିଲେ। ଏହାକୁ ମହୁମାଛି ଶରୀରରେ ସଂଯୋଗ କରାଯିବା ପରେ ମହୁମାଛିକୁ ଏକ କାଚରେ ପ୍ରସ୍ତୁତ ଦୁଇଟି ଚାମ୍ବରବିଶିଷ୍ଟ ଜାର୍ ଭିତରେ ରଖାଯାଇଥିଲା। ଗୋଟିଏ ଚାମ୍ବରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଶ୍ୱାସକ୍ରିୟା ଚାଲୁ ରଖିବାକୁ କୁହାଯାଇଥିଲା। ଏହି ଶ୍ୱାସକ୍ରିୟାକୁ ନିଜର ଆଘ୍ରାଣ ଶକ୍ତିଦ୍ୱାରା ଗ୍ରହଣ କରିବା ପରେ ମହୁମାଛିଠାରୁ କେତେକ ରୋଗର ଲକ୍ଷଣ ବିଷୟରେ ସୂଚନା ମିଳିପାରିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି। ମହୁମାଛିମାନେ ବାୟୁବାହିତ ଅଣୁକୋଷଗୁଡିକୁ ସହଜରେ ବିଶ୍ଳେଷଣ କରିପାରନ୍ତି। ଏହାକୁ ଅଧାର କରି ସେମାନଙ୍କ ଦ୍ୱାରା କେତେକ ରୋଗର ଲକ୍ଷଣ ବିଷୟରେ ଜାଣିବାକୁ ପର୍ତ୍ତୁଗାଲର ବିଶେଷଜ୍ଞମାନେ ଚେଷ୍ଟା କରି ସଫଳତା ହାସଲ କରିଛନ୍ତି।



# ରୋଗ ନିରୂପଣରେ ସାଧାରଣ ପରୀକ୍ଷା




ଡା. ରାମଚନ୍ଦ୍ର ରାଉତ

**ସାଧାରଣ ପରୀକ୍ଷାଗୁଡ଼ିକ ବହୁତ ଗୁରୁତ୍ୱ ବହନ କରିଥାଏ। ରୋଗ ହେଲେ ରୋଗୀଙ୍କ ଦେହରେ ଅନେକ ଲକ୍ଷଣ ପ୍ରକାଶ ପାଇଥାଏ। ବିଭିନ୍ନ ରୋଗର ଲକ୍ଷଣ ଭିନ୍ନ ଭିନ୍ନ ହେଲେ ମଧ୍ୟ କେତେକ ଲକ୍ଷଣ ଅନେକ ରୋଗରେ ପ୍ରକାଶ ପାଇଥାଏ। ବାନ୍ତି, ଜ୍ୱର, ମୁଣ୍ଡବିନ୍ଧା, ପତଳାଝାଡ଼ା, ପେଟବ୍ୟଥା, କଫରେ ରକ୍ତ ପଡ଼ିବା, ରକ୍ତବାନ୍ତି ହେବା, ମୁଣ୍ଡ ବୁଲାଇବା ଇତ୍ୟାଦିର କାରଣ ଭିନ୍ନ ଭିନ୍ନ ହୋଇଥାଏ...**

ଆଗରୁ କ୍ଲିନିକ ଓ ପାଥୋଲୋଜି ପରୀକ୍ଷା କେନ୍ଦ୍ରରେ 'ଏଠାରେ ରକ୍ତ, ମଳ, ମୂତ୍ର ପରୀକ୍ଷା କରାଯାଏ' ବୋଲି ଲେଖା ହେଉଥିଲା ଓ ରୋଗର ନିର୍ଣ୍ଣୟ ପାଇଁ ଖୁବ୍ କମ ପରୀକ୍ଷ କରାଯାଉଥିଲା। ଜ୍ୱର ପାଇଁ ମ୍ୟାଲେରିଆ ଓ ଟାଇଫଏଡ୍, ରକ୍ତହୀନତା ପାଇଁ ହିମୋଗ୍ଲୋବିନ୍, କୃମି ପାଇଁ ମଳ, ଆଘାତ ଓ ହାଡ଼ଭଙ୍ଗା ପାଇଁ X Ray, TB ପାଇଁ କଫ ନମୁନା ଇତ୍ୟାଦି ଏହାର ଉଦାହରଣ।

ବର୍ତ୍ତମାନ କିନ୍ତୁ ସମୟ ବଦଳିଯାଇଛି ଏବଂ ପରୀକ୍ଷାର ସଂଖ୍ୟା ଓ ମାତ୍ରା ବହୁ ଗୁଣରେ ବଢ଼ିଯାଇଛି। ସରକାରଙ୍କର ମାଗଣା 'ନିଦାନ' ପ୍ରବର୍ତ୍ତନ ପରେ ଡାକ୍ତରଖାନାରେ ପରୀକ୍ଷା ପାଇଁ ଲମ୍ବା ଲାଇନ ଲାଗିଛି। ଲୋକମାନେ ବ୍ୟୟବହୁଳ ଅତ୍ୟନ୍ତ ଉଚ୍ଚମାନର ପରୀକ୍ଷା କରିବା ପାଇଁ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରୁଛନ୍ତି। ଯେପରି କି, ସାମାନ୍ୟ ମୁଣ୍ଡବିନ୍ଧା କିମ୍ବା ଆଘାତ ପାଇଁ CT Scan, MRI, ସାମାନ୍ୟ ପେଟବ୍ୟଥା ପାଇଁ ଅଲଟ୍ରାସାଉଣ୍ଡ ଓ ଏଣ୍ଡୋସ୍କୋପି, ସାଧାରଣ ଦୁର୍ବଳତା ଓ ହାଲିଆ ପାଇଁ ବ୍ଲଡ ପାରାମିଟର ଓ ହାର୍ଟ ପାରାମିଟର, ଲିଭର ପାରାମିଟର ଇତ୍ୟାଦି।

ଏବେ ମଧ୍ୟ ସବୁ ପାଥୋଲାବ୍ ଓ କମ୍ପାନୀ ତଥା କର୍ପୋରେଟ ହସ୍ପିଟାଲ ଆଉ ପାଦେ ଆଗକୁ ଯାଇ ବିଭିନ୍ନ ପରୀକ୍ଷାର 'ପ୍ୟାକେଜ୍' ଅତ୍ୟନ୍ତ ଆକର୍ଷଣୀୟ ଓ ମନଲୋଭା ଭାବେ ଅଫର୍ ପ୍ରଦାନ କରି ବିଜ୍ଞାପନ ଦେଉଛନ୍ତି। ଲୋକମାନେ ମଧ୍ୟ 'ହୋଲ୍ ବଡ଼ିସ୍କାନ୍', ଶରୀରର ସମସ୍ତ ପରୀକ୍ଷା ଓ ଚେକ୍ଅପ୍ ପାଇଁ ଆଗ୍ରହୀ ହୋଇ ତାହା କରାଉଛନ୍ତି। ଏହା କେତେ ସୁଫଳ ପ୍ରଦାନ କରୁଛି ତାହା ଅଲଗା କଥା କିନ୍ତୁ କେତେଗୁଡ଼ିଏ ପରୀକ୍ଷା ଯାହା ଆମର ପ୍ରାୟ ଦରକାର ନାହିଁ କେବଳ ଦରକାର ହେଲେ କରିବା କଥା ହେଲେ ତାହାକୁ କରାଇଲେ ଫଳ ଓଲଟା ହୋଇଥାଏ। CT Scan, MRI ପରୀକ୍ଷା ଦରକାର ହେଉଥିବା କ୍ଷେତ୍ରରେ ଓ ବିଶେଷଜ୍ଞ ତଥା ଅତି ବିଶେଷଜ୍ଞମାନେ ଏହା ପରାମର୍ଶ ଦେବା ଉଚିତ। ସ୍ଥଳବିଶେଷରେ ଅତି ଆକସ୍ମିକ କ୍ଷେତ୍ରରେ ମଧ୍ୟ ଏହା କରାଯାଇପାରେ। ସାଧାରଣ ପରୀକ୍ଷାଗୁଡ଼ିକ ବହୁତ ଗୁରୁତ୍ୱ ବହନ କରିଥାଏ। ରୋଗ ହେଲେ ରୋଗୀଙ୍କ ଦେହରେ ଅନେକ ଲକ୍ଷଣ ପ୍ରକାଶ ପାଇଥାଏ- ବିଭିନ୍ନ ରୋଗର ଲକ୍ଷଣ ଭିନ୍ନ ଭିନ୍ନ ହେଲେ ମଧ୍ୟ, କେତେକ ଲକ୍ଷଣ ଅନେକ ରୋଗରେ ପ୍ରକାଶ ପାଇଥାଏ। ବାନ୍ତି, ଜ୍ୱର, ମୁଣ୍ଡବିନ୍ଧା, ପତଳାଝାଡ଼ା, ପେଟବ୍ୟଥା, କଫରେ ରକ୍ତ ପଡ଼ିବା, ରକ୍ତବାନ୍ତି ହେବା, ମୁଣ୍ଡ ବୁଲାଇବା ଇତ୍ୟାଦିର କାରଣ ଭିନ୍ନ ଭିନ୍ନ ହୋଇଥାଏ। ଏହା ସହିତ ଅନ୍ୟାନ୍ୟ ଲକ୍ଷଣ ଓ ରୋଗୀ ଦେହରେ ପ୍ରକାଶ ପାଉଥିବା ଚିହ୍ନଟସମୂହକୁ ଭିତ୍ତିକରି ରୋଗ ନିର୍ଣ୍ଣୟ କରାଯାଇଥାଏ। ଲାକ୍ଷଣିକ, ଆନୁମାନିକ, ପରୀକ୍ଷା ଦ୍ୱାରା ସ୍ଥିରୀକୃତ ପ୍ରୋଭିଜନାଲ ଓ ସର୍ବଶେଷରେ କନ୍ଫାର୍ମେଟୋରି ଡାଇଗ୍ନୋସିସ୍ କରାଯାଇଥାଏ। କେତେକ କ୍ଷେତ୍ରରେ ନିର୍ଣ୍ଣୟ ସମ୍ପୂର୍ଣ୍ଣ ହୋଇ ନ ଥିଲେ ମଧ୍ୟ ରୋଗୀର ଜୀବନରକ୍ଷା ପାଇଁ ଓ ରୋଗକୁ ଆଗକୁ ନ ବଢ଼ିବାକୁ ଦେବା ପାଇଁ ଚିକିତ୍ସା ଆରମ୍ଭ କରାଯାଇଥାଏ। କେଉଁ କାରଣରୁ ଝାଡ଼ା ହେଉଛି ଜଣାପଡ଼ି ନ ଥିଲେ ମଧ୍ୟ ଦେହରୁ ଜଳୀୟ ମାତ୍ରା ହ୍ରାସଜନିତ ଗୁରୁତର ଅବସ୍ଥାକୁ ସୁଧାରିବା ପାଇଁ ସାଲାଇନ୍ ଓ ଔଷଧ ତୁରନ୍ତ ଦିଆଯାଇଥାଏ।

ଶରୀରରେ ରକ୍ତର ମାତ୍ରା ଗୁରୁତ୍ୱପୂର୍ଣ୍ଣ ଅର୍ଥାତ୍ ପ୍ରତି ୧୦୦ ମିଲି ରକ୍ତରେ ହିମୋଗ୍ଲୋବିନ୍ର ପରିମାଣ- ଏହାର ମାତ୍ରା କମ୍ ରହିଲେ ରକ୍ତହୀନତା ହୋଇଥାଏ ଓ ଆମ ଦେଶରେ ଏହା ବିଶେଷତଃ ମହିଳା ଓ ଶିଶୁମାନଙ୍କ ମଧ୍ୟରେ ଏକ ବିଶେଷ ରୋଗ। ଏହି ସାଧାରଣ ପରୀକ୍ଷାରୁ ହିମୋଗ୍ଲୋବିନ୍ର ମାତ୍ରା ଜାଣିବା ପରେ ତା'ର କାରଣ ପାଇଁ ପରୀକ୍ଷା କରାଯାଏ ଓ ସେହି ଅନୁସାରେ ଚିକିତ୍ସା କରାଯାଇଥାଏ।

ପ୍ରାୟତଃ ସବୁ ଶିଶୁଙ୍କ କ୍ଷେତ୍ରରେ ଓ ଅଧିକାଂଶ ବୟସ୍କ ଓ ବୃଦ୍ଧ ବୃଦ୍ଧାଙ୍କ କ୍ଷେତ୍ରରେ କୃମି ଜନିତ ରୋଗ ହୋଇଥାଏ, ଯାହାକି ରକ୍ତହୀନତା (ହୁକ୍ ୱର୍ମ), ଝାଡ଼ା ଓ ପେଟରୋଗ (ରାଉଣ୍ଡ ୱର୍ମ, ଫିତା କୃମି, ପିନ୍ ୱର୍ମ), ଆମିବା (ତରଳ ଝାଡ଼ା, ଆମିବାୟୋସିସ୍) ଇତ୍ୟାଦିର କାରଣ।

ଭଲ ଭାବରେ ହାତ ଧୋଇବା, ତଟକା ଓ ଉଷୁମ ଖାଦ୍ୟ ଖାଇବା, ପରିଷ୍କାର ପାଣି ପିଇବା ଓ ଖୋଲାରେ ମଳତ୍ୟାଗ ନ କରିବା ଦ୍ୱାରା ଏହାର ପ୍ରତିକାର ହୁଏ। ମଳ ପରୀକ୍ଷା କରିବା ଦ୍ୱାରା କୃମି, ଆମିବା ସହିତ ଅନ୍ୟାନ୍ୟ ପେଟରୋଗର ଅନେକ କାରଣ ଜଣାପଡିଥାଏ। ସାଧାରଣ ଓ ସାମାନ୍ୟ ରକ୍ତକ୍ଷରଣ ଯାହାକି ଖାଦ୍ୟନଳୀ ଉଭୟ ଉପର ଓ ନିମ୍ନ ଭାଗରେ ହୁଏ ତାହା ମଧ୍ୟ ଧରାପଡେ।

ଆମର ବୃକ୍କରେ ରକ୍ତ ଛଣାଯାଇ ସେଥିରୁ କ୍ଷତିକାରକ ପଦାର୍ଥମାନ ନିର୍ଗମନ ହୋଇଥାଏ। ଏହା ମଧ୍ୟରେ ୟୁରିଆ ପ୍ରଧାନ । ତେଣୁ ପରୀକ୍ଷାଗୁଡ଼ିକ ମଧ୍ୟରେ ପରିସ୍ରା ପରୀକ୍ଷା ସବୁଠାରୁ ଅଧିକ ଗୁରୁତ୍ୱ ବହନ କରେ। ସାଧାରଣତଃ ପରିସ୍ରା ସମୟର ମଧ୍ୟଭାଗର ପରିସ୍ରା ପରିଷ୍କାର କାଚପାତ୍ରରେ ସଂଗ୍ରହ କରାଯାଏ। ଏଥିରୁ ଶର୍କରା, ପ୍ରୋଟିନ୍ ବା ଆଲବୁମିନ୍, ପସ୍ ସେଲ୍, ଲୋହିତରକ୍ତକଣିକା, ଶ୍ୱେତରକ୍ତକଣିକା, କ୍ରିଷ୍ଟାଲସ୍, ସେଡିମେଣ୍ଟ, କାଷ୍ଟ, ବ୍ୟାକ୍ଟେରିଆ, କାଇଲ୍, ଜଣ୍ଡିସ୍ କ୍ଷେତ୍ରରେ ବିଲିରୁବିନ୍ ବାଇଲ୍ ସଲ୍ଟ, ବାଇଲ୍ପିଗ୍ମେଣ୍ଟ, କିଟୋନ ଓ ଆହୁରି ଅନେକ କଥା ଜଣାପଡିଥାଏ।

ପରିସ୍ରା ପରୀକ୍ଷା ହେଉଛି କେବଳ ୟୁରୋଲଜିଷ୍ଟ ଓ ନେଫ୍ରୋଲୋଜିଷ୍ଟମାନଙ୍କ ପାଇଁ ନୁହେଁ ସବୁ ବିଭାଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା। ମାତ୍ର ଏବେ ଆଧୁନିକ ଯୁଗରେ ଏହାର ଗୁରୁତ୍ୱ ଉପଲବ୍ଧ ହେଉନାହିଁ ଓ ଏହା ବଦଳରେ ଅନ୍ୟାନ୍ୟ ଆଧୁନିକ ପରୀକ୍ଷା କରାଯାଉଛି। ଜଣେ ମହାନ୍ ଚିକିତ୍ସକ କହିଥିଲେ, ପରିସ୍ରାର ଗୋଟିଏ ମାତ୍ର ବିନ୍ଦୁ ପରୀକ୍ଷାରୁ ୧୦୦ ପ୍ରକାର ରୋଗ ନିର୍ଣ୍ଣୟ କରାଯାଇପାରିବ।

ସେହିପରି ପାପ୍ସ୍ମିୟର ନାମକ ଏକ ଛୋଟ ପରୀକ୍ଷା ପ୍ରଥମରୁ କରାଇଲେ ଭୟାବହ 'ଜରାୟୁ ଗ୍ରୀବା' କର୍କଟରୁ ରକ୍ଷା ମିଳିଥାଏ। ୪୦-୪୫ ବର୍ଷରୁ ଊର୍ଦ୍ଧ୍ୱ ମହିଳାମାନଙ୍କ କ୍ଷେତ୍ରରେ ଏହା ଏକ ଉତ୍ତମ ପଦ୍ଧତି। ଏହାଦ୍ୱାରା ଆରମ୍ଭସ୍ତରରୁ ରୋଗ ନିର୍ଣ୍ଣୟ ହୋଇଥାଏ।


ସ୍ତନର ପରୀକ୍ଷା ରୋଗୀ ନିଜେ କରିପାରିବେ ବା ''ନିଜ ପାପୁଲି ଦ୍ୱାରା ସ୍ତନ ପରୀକ୍ଷା'' ଦ୍ୱାରା ସେଥିରେ ହୋଇଥିବା ଟ୍ୟୁମର ଓ କ୍ୟାନ୍ସରକୁ ପ୍ରଥମରୁ ଜାଣିହୁଏ। ଏଠାରେ ଜାଣି ରଖିବା ଉଚିତ୍ ଯେ ସ୍ତନର ଅଧିକାଂଶ ଟ୍ୟୁମର ହେଉଛି ଫାଇବ୍ରୋଆଡିନୋମା ବା ସାଧାରଣ ଟ୍ୟୁମର, ଏହା କୌଣସି କ୍ୟାନ୍ସର ନୁହେଁ।

ମଳଦ୍ୱାର ଦେଇ ରକ୍ତ ପଡ଼ିବା, ମଳ ସହିତ ଲାଗିକି ଆସିବା ଓ ଝାଡ଼ା କଠିନ ହେବା, ଝାଡା କରିବାରେ କଷ୍ଟ ହେବା ପରିଲକ୍ଷଣ ଦେଖାଗଲେ ପି.ଆର୍ ଓ ପ୍ରୋଟୋସ୍କପି ପରୀକ୍ଷା କରାଇନେବା ଉଚିତ। ଏହା ଡାକ୍ତରଙ୍କ ଦ୍ୱାରା ହୁଏ ଓ ଅତି ସାଧାରଣ ଅଟେ।

-ଅତିରିକ୍ତ ନିର୍ଦ୍ଦେଶକ, ସେବିକା ନିର୍ଦ୍ଦେଶାଳୟ, ଭୁବନେଶ୍ୱର
ମୋ : ୯୪୩୭୭୪୨୪୯୯

# ସ୍ମରଣଶକ୍ତି ପ୍ରଖରକରେ ନ୍ୟୁରୋନ୍

ସ୍ମରଣଶକ୍ତି ସନ୍ତୁଳିତ ଥିଲେ ଆମେ ସବୁ କଥା ମନେରଖିପାରୁ। ଏଥିରେ ଅସନ୍ତୁଳନ ପରିଲକ୍ଷିତ ହେଲେ ଆମେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଉ। ତେବେ ଏହାକୁ ପ୍ରଖର ରଖିବା କ୍ଷେତ୍ରରେ ନ୍ୟୁରୋନ୍ ନାମକ ତତ୍ତ୍ୱର ଭୂମିକା ରହିଛି। ଏହି ତତ୍ତ୍ୱ ଆମ ମସ୍ତିଷ୍କରେ ରହିଛି। ନ୍ୟୁରୋନ ତତ୍ତ୍ୱ ଯଦି ସକ୍ରିୟ ରହିଲା ତେବେ ଆମର ସ୍ମରଣଶକ୍ତି ଚଳଚଞ୍ଚଳ ରହିଥାଏ। ଏହାଦ୍ୱାରା ଆମେ ପ୍ରତିଟି କଥାକୁ ଅତି ସହଜରେ ମନେରଖିପାରୁ। ସ୍ମରଣଶକ୍ତିକୁ ସକ୍ରିୟ ରଖିବା ବ୍ୟତୀତ ନ୍ୟୁରୋନ୍ ଆମ ଶରୀରରେ ଆଉ କେତୋଟି ଗୁରୁତ୍ୱପୂର୍ଣ୍ଣ କାମ କରିଥାଏ। ସେଗୁଡ଼ିକ ମଧ୍ୟରେ ରହିଛି କେତେକ କୋଷ(ସେଲ୍) ସମ୍ପର୍କିତ ରୋଗ, ଆଲଜିମର୍ସ ଏବଂ ମସ୍ତିଷ୍କଜନିତ ରୋଗର ଚିକିତ୍ସା କ୍ଷେତ୍ରରେ ସାହାଯ୍ୟ କରିଥାଏ। କାରୋଲିନା ବିଶ୍ୱବିଦ୍ୟାଳୟର ସ୍ନାୟୁଶଲ୍ୟ ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ସଦ୍ୟତମ ଗବେଷଣାରୁ ଏ ସମ୍ପର୍କରେ ଅନେକ ତଥ୍ୟ ମିଳିପାରିଛି। ତେବେ ନ୍ୟୁରୋନ୍ ନାମକ ତତ୍ତ୍ୱ ଆମ ଶରୀର ପାଇଁ ଆଉ କି କି କାମ କରିଥାଏ ସେ ସମ୍ପର୍କରେ ଜାଣିବା ପାଇଁ ସେମାନେ ଗବେଷଣା ଜାରି ରଖିଛନ୍ତି।



# ସକାରାତ୍ମକ ମାନସିକତା ଓ ବ୍ୟବହାର

ମାନସିକତା ସକାରାତ୍ମକ ରହିଲେ ଆମେ ନିଜ କାମକୁ ସୁଚାରୁ ରୂପେ ତୁଲାଇପାରୁ। ତେବେ ଆଜିକାଲିର ବ୍ୟସ୍ତମୟ ଜୀବନରେ ମାନସିକତା ଏପରି ଅବସ୍ଥାରେ ରହିବା ଏତେଟା ସହଜ ନୁହେଁ। ତେବେ ଏପରି ଏକ ସରଳ ଉପାୟ ରହିଛି ଯାହାକୁ ଆପଣେଇ ପାରିଲେ ଆପଣ ଏଥିରେ ସଫଳ ହେବେ। ଯଦି ଜଣେ ବ୍ୟକ୍ତି ନିଜର ଆଚାରବ୍ୟବହାର, କଥାବାର୍ତ୍ତା ଶୈଳୀ ପ୍ରତି ନଜର ଦିଅନ୍ତି ତେବେ ତାହାର ଭଲ ପ୍ରଭାବ ମାନସିକତା ଉପରେ ପଡିଥାଏ। ଏପରି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କେତେକ ବ୍ୟକ୍ତିଙ୍କର ଆଚାର ବ୍ୟବହାରକୁ ଭଲ ଭାବରେ ତର୍ଜମା କରିଥିଲେ। ସେମାନଙ୍କର ଆଚାରବ୍ୟବହାର ନମ୍ର ଏବଂ ଭଦ୍ର ଥିଲା ସେହି ଅନୁସାରେ ସେମାନଙ୍କର ମାନସିକତା ସକାରାତ୍ମକ ରହୁଥିଲା ବୋଲି ଜଣାପଡିଥିଲା।

# ଦୃଷ୍ଟିଶକ୍ତିକୁ ଦୃଢ଼ କରେ ଚକୋଲେଟ୍



ଚକୋଲେଟ୍ ଖାଇଲେ ତାହା ଦୃଷ୍ଟି ଶକ୍ତିକୁ ଆହୁରି ଦୃଢ଼ କରିଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଚକୋଲେଟ୍ର ସ୍ୱାସ୍ଥ୍ୟୋପକାରୀ ଗୁଣ ବିଷୟରେ ତର୍ଜମା କରିବା ସମୟରେ ସେମାନେ ଏହା ବ୍ୟତୀତ ଆଉ କେତେକ କଥା ମଧ୍ୟ ଜାଣିବାକୁ ପାଇଥିଲେ। ଚକୋଲେଟ୍ ଶରୀରରେ ଏକ ଆଣ୍ଟିଅକ୍ସିଡାଣ୍ଟ ଭାବରେ କାମକରେ ଏବଂ ବିଷାକ୍ତ ତତ୍ତ୍ୱକୁ ଶରୀରର କ୍ଷତି କରିବାକୁ ଦେଇ ନ ଥାଏ। ଏହାସହ ଚକୋଲେଟ୍ ଶରୀରରେ ମେଟାବୋଲେଜିମ୍କୁ ସନ୍ତୁଳିତ ରଖେ। କେବଳ ସେତିକି ନୁହେଁ, ମେଦବହୁଳତାକୁ କମାଇବାରେ ଏହା କେତେକାଂଶରେ ସହାୟକ ହୋଇଥାଏ। ଚକୋଲେଟ୍ ଖାଇଲେ ଏହା ଦୃଷ୍ଟିଶକ୍ତିକୁ ପ୍ରଖର କରିବା ସହ ରେଟିନାକୁ ସୁରକ୍ଷା ଦେଇଥାଏ। ଅପରପକ୍ଷରେ ମୁଡ୍କୁ ଫ୍ରେସ୍ କରିବାରେ ଚକୋଲେଟ ସାହାଯ୍ୟ କରିଥାଏ ବୋଲି ଏହି ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ମତ ଦେଇଛନ୍ତି।

# ସ୍ୱାସ୍ଥ୍ୟ ସୂଚନା

- ସୁସ୍ଥ ରହିବା ପଛରେ ଖାଦ୍ୟପେୟର ଭୂମିକା ରହିଛି। ପ୍ରତିଦିନ ଏପରି ଖାଦ୍ୟ ଖାଉଛନ୍ତି ଯେପରି ତାହା ସହଜରେ ହଜମ ହୋଇପାରୁଥିବ।
- କୌଣସି ରୋଗର କାରଣ ସମ୍ପର୍କରେ ସୂଚନା ପାଇଲେ ତାହାକୁ ଆଦୌ ଅବହେଳା କରନ୍ତୁ ନାହିଁ। କାରଣ ପରବର୍ତ୍ତୀ ସମୟରେ ଏହା ଆପଣଙ୍କ ପାଇଁ ଗୁରୁତର ସମସ୍ୟାକୁ ଡାକି ଆଣିବାର ଯଥେଷ୍ଟ ଆଶଙ୍କା ରହିଛି।
- ଯଦି ଆପଣଙ୍କର ବୟସ ୪୦ ଟପିଲାଣି ତେବେ ବିଳମ୍ବ ନ କରି ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।



- ବ୍ରେକଫାଷ୍ଟରେ ତଟକା ଫଳମୂଳରେ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଏହା ମାନସିକତାକୁ ସକାରାତ୍ମକ ରଖିଥାଏ।
- କେତେକ ଡାକ୍ତରଙ୍କ ସହ ରୋଗ ବିଷୟରେ ଆଲୋଚନା କରିବା ସମୟରେ ତାଙ୍କୁ ରୋଗ ସମ୍ପର୍କିତ ସବିଶେଷ ତଥ୍ୟ ଦିଅନ୍ତୁ। ଏହାଫଳରେ ସେ ସେହି ରୋଗର ଉପଯୁକ୍ତ ଚିକିତ୍ସା କରିପାରିବେ।
- ଅଧିକାଂଶ ସମୟ ଅବସାଦ କିମ୍ବା ଟେନ୍ସନ୍ରେ ରହୁଥିଲେ ସେନେଇ ଚିନ୍ତିତ ହୁଅନ୍ତୁ ନାହିଁ। ବରଂ ସେଥିରୁ କିପରି ମୁକୁଳିବେ ସେ ସମ୍ପର୍କରେ ଯୋଜନା କରନ୍ତୁ।

# ସୂର୍ଯ୍ୟକିରଣ ଓ ଅସ୍ଥି

ଅସ୍ଥି ମଜଭୁତ ରହିବା ପାଇଁ ଭିଟାମିନ୍ 'ଡି'ର ପ୍ରମୁଖ ଭୂମିକା ରହିଛି। ତେଣୁ ଏପରି ଭିଟାମିନ୍ଯୁକ୍ତ ଖାଦ୍ୟକୁ ଆମେ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବା ଦରକାର। ସୂର୍ଯ୍ୟକିରଣ ଏହାର ଅନ୍ୟତମ ଉତ୍ସ ଭାବରେ ପରିଗଣିତ। ତେବେ ଅନ୍ୟଦିନ ଅପେକ୍ଷା ଶୀତଦିନର ସୂର୍ଯ୍ୟକିରଣ ଅସ୍ଥି ପାଇଁ ଅଧିକ ଲାଭଦାୟକ ହୋଇଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡିଛି। 'ସୂର୍ଯ୍ୟକିରଣ ଓ ଅସ୍ଥି' ଶୀର୍ଷକ ବିଷୟକୁ ନେଇ ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ କରିଥିବା ଗବେଷଣାରୁ ଏପରି ତଥ୍ୟ ମିଳିଛି। ଅନ୍ୟ ଋତୁ ଅପେକ୍ଷା ଶୀତଦିନେ ସୂର୍ଯ୍ୟକିରଣରେ ଉତ୍ତାପ କମ୍ ଥାଏ। ତେଣୁ ଏହି ଦିନରେ ସୂର୍ଯ୍ୟକିରଣ ସୁପ୍ରଭାବ ଅଧିକ ପରିମାଣରେ ଅସ୍ଥି ଉପରେ ପଡିଥାଏ। ତେଣୁ ଶୀତଦିନେ ଜଣେ ବ୍ୟକ୍ତି କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ ତାହା ଅସ୍ଥିକୁ ମଜଭୁତ କରିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ ତ୍ୱଚାରେ ଥିବା 'ଏଗ୍ରୋଷ୍ଟୋରେଲ' ତତ୍ତ୍ୱ ଭିଟାମିନ୍ 'ଡି'ରେ ରୂପାନ୍ତରିତ ହୋଇଥାଏ, ଯାହାଦ୍ୱାରା ମାଂସପେଶୀ ପୂର୍ବାପେକ୍ଷା ଶକ୍ତ ହୁଏ। ଅପରପକ୍ଷରେ ସୂର୍ଯ୍ୟକିରଣ ଆମ ଶରୀରରେ 'ଓଷ୍ଟିଓକ୍ଲେକିନ' ନାମକ ପ୍ରୋଟିନ୍ ପ୍ରସ୍ତୁତ କରେ ଯାହା ଅସ୍ଥିକୁ ମଜଭୁତ କରିବାରେ ସହାୟକ ହୋଇଥାଏ।



## ସଂକ୍ଷେପରେ

### ୩୧ରୁ ୨ ଦିନିଆ ବ୍ୟାଙ୍କ ଧର୍ମଘଟ

**ନୂଆଦିଲ୍ଲୀ,୧୯-୧:** ୟୁନାଇଟେଡ ଫୋରମ ଫର ବ୍ୟାଙ୍କ ୟୁନିୟନ୍ସ(ୟୁଏଫ୍‌ବିୟୁ) ପକ୍ଷରୁ ଆସନ୍ତା ୩୧ରୁ ୨ ଦିନିଆ ଧର୍ମଘଟ ଡାକରା ଦିଆଯାଇଛି। ୟୁଏଫ୍‌ବିୟୁ ମଧ୍ୟରେ ୯ ଶ୍ରମିକ ସଙ୍ଗଠନ ସାମିଲ ଅଛନ୍ତି। ସେହିଭଳି ସଂଘ ମାର୍ଚ୍ଚ ୧୧ରୁ ୩ ଦିନିଆ ଧର୍ମଘଟ ଡାକରା ଦେଇଛି। ଯଦି ଦାବି ପୂରଣ ନ ହୁଏ ଏପ୍ରିଲ ପହିଲାଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଧର୍ମଘଟ କରାଯିବ ବୋଲି ୟୁଏଫ୍‌ବିୟୁ ପକ୍ଷରୁ କୁହାଯାଇଛି। ୩ଟି ପର୍ଯ୍ୟାୟରେ ସଂଘଗୁଡିକ ଧର୍ମଘଟ କରିବେ। ବର୍ତ୍ତମାନ ସୁଦ୍ଧା ଏହି ପ୍ରସଙ୍ଗରେ ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ ଅଧ୍ୟକ୍ଷ, ଆର୍ଥିକ ସେବା ସଚିବ ଏବଂ ମୁଖ୍ୟ ଶ୍ରମ କମିଶନରଙ୍କୁ ଚିଠି ଲେଖାଯାଇଥିବା ୟୁଏଫ୍‌ବିୟୁ ଆବାହକ ସଞ୍ଜୀବ କୁମାର ବନ୍ଦଲିସ୍ କହିଛନ୍ତି। ବେତନ ସଂଶୋଧନ, ୫ ଦିନିଆ କାର୍ଯ୍ୟ ଦିବସ, ସ୍ୱତନ୍ତ୍ର ଭତ୍ତା ଭଳି ୧୨ ଦାବି ସଂଘଗୁଡିକ ରଖିଥିବା ଜଣାପଡିଛି।

### ଆର୍‌ବିଆଇ ବୋର୍ଡ ବୈଠକରେ ଉଠିପାରେ ଡିଭିଡେଣ୍ଡ ପ୍ରସଙ୍ଗ

**ନୂଆଦିଲ୍ଲୀ,୧୯-୧:** ବର୍ତ୍ତମାନ ସରକାର ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ କରିବା ଦିଗରେ ଜୋରଦାର ଉଦ୍ୟମ ଜାରି ରଖିଛନ୍ତି। ଟିକସ ସଂଗ୍ରହ କମିଥିବାରୁ ରାଜକୋଷ ଉପରେ ଏବେ ଚାପ ରହିଛି। ଏହାକୁ ଧ୍ୟାନରେ ରଖି ସରକାର କେନ୍ଦ୍ରୀୟ ବ୍ୟାଙ୍କଠାରୁ ଅଧିକ ଅର୍ଥ ଆଶା କରୁଛନ୍ତି। ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ରିଜର୍ଭ ବ୍ୟାଙ୍କର ବୋର୍ଡ ବୈଠକରେ କେନ୍ଦ୍ର ସରକାର ଆଶା କରୁଥିବା ଅତିରିକ୍ତ ଲାଭାଂଶ ବା ଡିଭିଡେଣ୍ଡ ପ୍ରସଙ୍ଗ ଉଠିପାରେ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ଦେବାଳିଆ ହେବା ସ୍ଥିତିରେ ସରକାର: ଯଶୱନ୍ତ ସିହ୍ନା

**ନୂଆଦିଲ୍ଲୀ,୧୯-୧:** ପୂର୍ବତନ ଅର୍ଥ ମନ୍ତ୍ରୀ ଏବଂ ଭାଜପା ନେତା ଯଶୱନ୍ତ ସିହ୍ନା ପୁଣି ଥରେ କେନ୍ଦ୍ର ସରକାରଙ୍କୁ ଅର୍ଥ ବ୍ୟବସ୍ଥାର ସ୍ଥିତିକୁ ନେଇ ଟାର୍ଗେଟ କରିଛନ୍ତି। ସେ ଶନିବାର କହିଛନ୍ତି ଯେ, ଆର୍ଥିକ ମାନ୍ଦାବସ୍ଥା ଯୋଗୁ ସରକାର ଦେବାଳିଆ ସ୍ଥିତିକୁ ଚାଲିଯାଇଛି। ବିଭିନ୍ନ କ୍ଷେତ୍ରରେ ଚାହିଦା ଦ୍ରୁତ ଭାବେ କମିଛି। ଦେଶ ସବୁଠାରୁ ଭୀଷଣ ସଙ୍କଟ ଦେଇ ଗତି କରୁଥିବା ବେଳେ ସରକାର ଏହି ସ୍ଥିତିଠାରୁ ଧ୍ୟାନ ହଟାଉଥିବା ସେ ମତ ରଖିଛନ୍ତି। ନିଜର ଅକ୍ଷମତାଠାରୁ ଲୋକଙ୍କ ଧ୍ୟାନ ହଟାଇବା ଲାଗି ସରକାର ବିଭିନ୍ନ ଷଡ଼ଯନ୍ତ୍ର କରୁଥିବା ସେ ଅଭିଯୋଗ ଆଣିଛନ୍ତି।

> ସଡ଼କ ଏବଂ ପରିବହନ ଭିତ୍ତିଭୂମି ବିକାଶ ଲାଗି ଚଳିତ ବର୍ଷ ୫ ଲକ୍ଷ କୋଟି ଟଙ୍କା ବିନିଯୋଗ କରିବାକୁ ଲକ୍ଷ୍ୟ ରଖାଯାଇଛି।
> – ନୀତିନ ଗଡକରି, କେନ୍ଦ୍ର ମନ୍ତ୍ରୀ



> ୨୦୧୯–୨୦ ଆର୍ଥିକ ବର୍ଷ ଲାଗି ଭାରତ ଟିକସ ସଂଗ୍ରହ ଲକ୍ଷ୍ୟ ପୂରଣ କରି ନ ପାରେ।
> – ସୁଭାଷ ଗର୍ଗ, ପୂର୍ବତନ ଅର୍ଥ ସଚିବ



# ଟିକସ କ୍ଷେତ୍ରରେ ଆସିପାରେ ବଡ଼ ଘୋଷଣା

**ବଜେଟ ୨୦୨୦-୨୧**

**ନୂଆଦିଲ୍ଲୀ,୧୯-୧: ବଜେଟ ପ୍ରସ୍ତୁତି ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ସୋମବାର ହାଲୱା ସେରିମନି ଅନୁଷ୍ଠିତ ହେବାକୁ ଯାଉଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସମେତ ବଜେଟ ପ୍ରସ୍ତୁତିରେ ସାମିଲ ଅଧିକାରୀମାନେ ବଜେଟ ଉପସ୍ଥାପନ ହେବା ଯାଁଏ ନର୍ଥ ବ୍ଲକରୁ ବାହାରିବା ବନ୍ଦ ହୋଇଯିବ। ବଜେଟ ସମ୍ପର୍କରେ କୌଣସି କଥା ସାଧାରଣରେ ଯେଭଳି ପ୍ରଘଟ ନ ହୁଏ ତାକୁ ଧ୍ୟାନରେ ରଖି ଏଭଳି ପରମ୍ପରା ରହିଛି। ଆଗାମୀ ବଜେଟକୁ ନେଇ ସାଧାରଣ ଲୋକ ଏବଂ କର୍ପୋରେଟ ଜଗତର ଅନେକ ଆଶା ରହିଛି। ଟିକସ କ୍ଷେତ୍ରରେ ୧୦ ପ୍ରମୁଖ ଘୋଷଣା ସରକାର କରିପାରନ୍ତି। ସେ ବିଷୟଗୁଡିକ ମଧ୍ୟରେ ହେଲା...**

**ଆୟକର ହାର:** ଆଗାମୀ ବଜେଟ୍‌ରେ ଲୋକଙ୍କର ସବୁଠାରୁ ବଡ଼ ଅପେକ୍ଷା ମଧ୍ୟରେ ଆୟକର ପ୍ରମୁଖ ରହିଛି। ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀଙ୍କ କହିବା ମୁତାବକ ସରକାର ୨୦ ଏବଂ ୩୦% ଟିକସକୁ ହଟାଇ ଏକ ଫ୍ଲାଟ ଟିକସ ହାର ଆଣିପାରନ୍ତି। ଏହାର ଟିକସ ହାର ୧୫ରୁ ୧୮% ରହିବ। ବର୍ତ୍ତମାନ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଛାଡ ମିଳୁଛି। ଅଢେଇ ଲକ୍ଷରୁ ୫ ଲକ୍ଷ ଆୟ ଉପରେ ୫% ଟିକସ, ୫ରୁ ୧୦ ଲକ୍ଷ ଆୟ ଉପରେ ୨୦% ଏବଂ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଆୟ ଉପରେ ୩୦% ଟିକସ ଲାଗୁ ହେଉଛି।

**କର୍ପୋରେଟ ଟିକସ ହ୍ରାସ:** ସରକାର ମାନ୍ଦାବସ୍ଥା ଯୋଗୁ କର୍ପୋରେଟ ଟିକସ ହାର ହ୍ରାସ କରିବା ସହ ଅର୍ଥ ବ୍ୟବସ୍ଥାରେ ଚାହିଦା ବଢାଇବା ଦିଗରେ ପଦକ୍ଷେପ ନେଇଛନ୍ତି। ଏଭଳି ସ୍ଥିତିରେ ଦେଶର କର୍ପୋରେଟ ଜଗତ ଫ୍ଲାଟ ୧୫% କର୍ପୋରେଟ ଟିକସ ଦେଶରେ ଲାଗୁ କରାଇବା ଲାଗି ଦାବି ରଖିଛି। ବର୍ତ୍ତମାନ କର୍ପୋରେଟ ଟିକସ ହାର ୨୨% ରହିଛି।

**ଡିଭିଡେଣ୍ଡ ଉପରେ ଟିକସ ହାର ହ୍ରାସ:** ଡିଭିଡେଣ୍ଡ ଡିଷ୍ଟ୍ରିବ୍ୟୁଶନ ଟାକ୍ସ(ଡିଡିଟି) ଉଚ୍ଛେଦ ନେଇ ଶିଳ୍ପ ପକ୍ଷରୁ ଦାବି ହେଉଛି। ଏହା ଯଦି ଲାଗୁ ହୁଏ ତେବେ ଏହାକୁ ୧୫%ରେ ସୀମିତ ରଖାଯାଉ ବୋଲି ଶିଳ୍ପ ପକ୍ଷରୁ କୁହାଯାଇଛି। ଏହା ବର୍ତ୍ତମାନ ୨୦.୫୬% ରହିଛି। ଡିଡିଟି ହଟିଲେ ଟିକସ ଚୋରି କମିବା ସହ କମ୍ପାନୀଗୁଡିକର ଲାଭ ବଢିବ ବୋଲି ଶିଳ୍ପଜଗତ ମତ ରଖିଛି।

**ଏଲଟିସିଜି:** ଲଙ୍ଗଟର୍ମ କ୍ୟାପିଟାଲ ଗେନ୍ସ(ଏଲ୍‌ଟିସିଜି)କୁ ନେଇ ସରକାର ବଡ ଘୋଷଣା କରିପାରନ୍ତି। ବର୍ତ୍ତମାନ ଏହି ବର୍ଗରେ ୧୦% ଟିକସ ଲାଗୁ ହେଉଛି। ଇକ୍ୱିଟିରେ ଏଲ୍‌ଟିସିଜି ହଟାଇବା ଲାଗି ଇଣ୍ଡିଆ ଇଙ୍କ ପକ୍ଷରୁ ଦାବି ହେଉଛି। ଏହି ଟିକସ ହଟିଲେ ଦେଶକୁ ଅଧିକ ନିବେଶ ଆସିବ। ୨୦୧୮–୧୯ରେ ସରକାର ଏହି ଟିକସକୁ ପୁନଶ୍ଚ ଲାଗୁ କରାଇଛନ୍ତି। ସୂତ୍ର ଅନୁସାରେ ସରକାର ଆଗାମୀ ୨ ବର୍ଷ ଲାଗି ଏଲଟିସିଜି ଉପରେ ଲାଗୁ ହେଉଥିବା ଟିକସ ଛାଡ଼ କରିପାରନ୍ତି କିମ୍ବା ଏ କ୍ଷେତ୍ରରେ କିଛି ରିହାତି ପ୍ରଦାନ କରିପାରନ୍ତି।




**ହୋମ ଲୋନ:** ବାସଗୃହ ଋଣ କ୍ଷେତ୍ରରେ ଟିକସ ଛାଡ଼ ସୀମା ୨ ଲକ୍ଷ ଟଙ୍କାରୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି ଘଟିପାରେ। ବର୍ତ୍ତମାନ ଆୟକର ଆଇନ ଧାରା ୨୪ ମୁତାବକ ୨ ଲକ୍ଷ ଟଙ୍କାର ଛାଡ଼ ମିଳୁଛି।

**ଲିମିଟେଡ ଲାଏବିଲିଟି ପାର୍ଟନରଶିପ:** ବଜେଟରେ ଲିମିଟେଡ ଲାଏବିଲିଟି ପାର୍ଟନରଶିପି(ଏଲ୍‌ଏଲ୍‌ପି) ଏବଂ ବିଦେଶୀ କମ୍ପାନୀଗୁଡିକ ଉପରେ ଲାଗୁଥିବା ଟିକସ ହ୍ରାସ କରିବା ଲାଗି ଦାବି ହେଉଛି। ଏହାବାଦ ମିନିମମ୍ ଅଲଟରନେଟିଭ ଟାକ୍ସ(ମ୍ୟାଟ୍) କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ହୋଇପାରେ। ବର୍ତ୍ତମାନ ପ୍ରଫିଟ ବୁକିଂ ଉପରେ ମ୍ୟାଟ ଦର ୧୮.୫% ରହିଛି।

**ଟିକସ ବିବାଦ:** ଦେଶରେ ଟିକସଜନିତ ବିବାଦ ସମାଧାନ ଲାଗି ଅନେକ ସମୟ ଲାଗୁ ବିଦେଶୀ କମ୍ପାନୀଗୁଡିକ ଅଭିଯୋଗ କରୁଛନ୍ତି। ଏହି କାରଣ ଯୋଗୁ ବିଦେଶୀ କମ୍ପାନୀଗୁଡିକ ଭାରତରେ ନିବେଶ ଏବଂ ବାଣିଜ୍ୟ କରିବା ଲାଗି ଡରୁଛନ୍ତି। ଇଜ ଅଫ ଡୁଇଂ ବିଜ୍‌ନେସକୁ ସରକାର ପ୍ରାଥମିକତା ଦେଉଛନ୍ତି। ଆଗାମୀ ବଜେଟରେ ସରକାର ଟିକସ ବିବାଦ ଜନିତ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେଇପାରନ୍ତି ବୋଲି କୁହାଯାଉଛି।

**ବର୍ଡର ଆଡଜଷ୍ଟମେଣ୍ଟ ଟାକ୍ସ:** ସରକାର ବଜେଟରେ ନୂଆ ବର୍ଡର ଆଡଜଷ୍ଟମେଣ୍ଟ ଟାକ୍ସ ଆଣିପାରନ୍ତି। ଏହାକୁ ସୀମା ଶୁଳ୍କ ଆଇନ ଅନ୍ତର୍ଗତ ଲାଗୁ କରାଯାଇପାରେ। ଉଭୟ ଘରୋଇ ଏବଂ ବିଦେଶୀ କମ୍ପାନୀଙ୍କୁ ବ୍ୟବସାୟର ସମାନ ସୁଯୋଗ ଦେବା ଏବଂ ଯେଭଳି କାହାର କ୍ଷତି ନ ହୁଏ ଏହି ପ୍ରସଙ୍ଗ ସବୁକୁ ଧ୍ୟାନରେ ରଖି ସରକାର ଏଭଳି ପଦକ୍ଷେପ ଘୋଷଣା କରିପାରନ୍ତି।

**୮୦ସି ସୀମା:** ଗଣମାଧ୍ୟମ ରିପୋର୍ଟ ମୁତାବକ ଅର୍ଥ ମନ୍ତ୍ରଣାଳୟ ସେକ୍ସନ ୮୦ସି ଅନ୍ତର୍ଗତ ସଞ୍ଚୟ କ୍ଷେତ୍ରରେ ୨.୫ ଲକ୍ଷ ପର୍ଯ୍ୟନ୍ତ ରାଶି ଟିକସଛାଡ଼ ଅନୁମତି ଦେଇ ପାରେ। ବର୍ତ୍ତମାନ ୮୦ସିରେ ଦେଢ଼ ଲକ୍ଷ ଟଙ୍କା ଉପରେ ଟିକସ ଛାଡ଼ ମିଳୁଛି। ୮୦ସିରେ ଏବେ ପିପିଏଫ୍ ଏବଂ ନ୍ୟାଶନାଲ ସେଭିଙ୍ଗସ ସାର୍ଟିଫିକେଟ ସାମିଲ ରହିଛି। ନ୍ୟାଶନାଲ ସେଭିଙ୍ଗସ ସାର୍ଟିଫିକେଟରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ(ପିପିଏଫ୍)ରେ ୨.୫ ଲକ୍ଷ ଟଙ୍କା ନିବେଶ ଟିକସ ଛାଡ଼ ହେବା ନେଇ ସମ୍ଭାବନା ରହିଛି।

**ଏମ୍‌ଏସ୍‌ଏମ୍‌ଇ:** ଏମ୍‌ଏସ୍‌ଏମ୍‌ଇ ଗୁଡିକ ଲାଗି ଫଣ୍ଡ ଅଫ୍ ଫଣ୍ଡସ (ଏଫ୍‌ଓଏଫ୍) ସୁବିଧା ମିଳିପାରେ। ଏହି କ୍ଷେତ୍ରରେ ପାଣ୍ଠିଜନିତ ସମସ୍ୟାକୁ ହ୍ରାସ କରିବା ଲାଗି ସରକାର ଏଭଳି ଏକ ସୁବିଧା ଆଣିପାରନ୍ତି ବୋଲି କୁହାଯାଉଛି।

## ବଜେଟକୁ ନେଇ ସୋସିଆଲ ମିଡିଆ କ୍ୟାମ୍ପେନ୍

ବଜେଟ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ସୋସିଆଲ ମିଡିଆ କ୍ୟାମ୍ପେନ୍ ଆରମ୍ଭ କରାଯିବ। ଏହା ଚଳିତ ମାସ ୨୨ ଠାରୁ ଶୁଭାରମ୍ଭ ହେବ ବୋଲି ସୂଚନା ରହିଛି। ଏହାର ନାମ ଅର୍ଥଶାସ୍ତ୍ରୀ କ୍ୟାମ୍ପେନ୍ ରହିଛି। ଏହା ଦ୍ୱାରା ବିଭିନ୍ନ ଅର୍ଥନୈତିକ ଶବ୍ଦକୁ ଆନିମେଟେଡ ଭିଡିଓ ଦ୍ୱାରା ଲୋକଙ୍କ ସାମ୍ନାରେ ପରିବେଷଣ କରାଯିବ। ଫଳରେ ବଜେଟ ପ୍ରକ୍ରିୟାକୁ ଛାତ୍ରୀଛାତ୍ର ଏବଂ ସାଧାରଣ ଲୋକମାନେ ସହଜରେ ବୁଝିବାକୁ ସକ୍ଷମ ହେବେ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏଭଳି କାର୍ଯ୍ୟକ୍ରମ ଗତ ବର୍ଷ ବଜେଟ ଆଗରୁ ସରକାର ହାତକୁ ନେଇଥିଲେ। ସେହିଭଳି ବଜେଟରେ ରହିଥିବା ପ୍ରତିଶ୍ରୁତିକୁ ନେଇ ଆଉ କ୍ୟାମ୍ପେନ୍ ଆରମ୍ଭ କରାଯାଇଛି। ଏହାର ଟ୍ୟାଗଲାଇନ ରହିଛି 'ହମାରା ଭରୋସା'। ଏହାକୁ ୧୨ ଆଞ୍ଚଳିକ ଭାଷାରେ ଲଞ୍ଚ କରାଯାଇଛି। ସରକାରଙ୍କ ପ୍ରତିଶ୍ରୁତି ଏବଂ ସୁବିଧା ଯୋଗାଣ ଉପରେ ଏହା ଆଧାରିତ। ସ୍ୱାସ୍ଥ୍ୟ କ୍ଷେତ୍ର, ମାନବ ବିହୀନ ଲେଭଲ୍ କ୍ରସିଂ, ହାଉସିଂ ଫର ଅଲ୍ ଭଳି ବିଭିନ୍ନ ବିଷୟ ଏହା ମଧ୍ୟରେ ସାମିଲ ରହିଛି। ଉଭୟ କ୍ୟାମ୍ପେନ ଆସନ୍ତା ୨୯ ଯାଏ ଚାଲିବ ବୋଲି ଅଧିକାରୀ କହିଛନ୍ତି।

# ଅର୍ଥ ବ୍ୟବସ୍ଥାର ପ୍ରକୃତ ସ୍ଥିତି ମାପିବେ ସରକାର

**ନୂଆଦିଲ୍ଲୀ,୧୯–୧**

ଦେଶ ମଧ୍ୟରେ ଡାଟାର ଗୁଣବତ୍ତା ନ ଥିବା ଯୋଗୁ ସରକାରଙ୍କୁ ଅନେକେ ସମାଲୋଚନା କରିଥାନ୍ତି। ସେହିଭଳି ଡାଟା ହେରଫେରର ଅଭିଯୋଗ ସରକାରଙ୍କ ବିରୋଧରେ ଆସିଛି। ଏସବୁ ପ୍ରସଙ୍ଗକୁ ବିଚାର କରି ସରକାରୀ ପରିସଂଖ୍ୟାନ ଡାଟାର ସଂଶୋଧନ କରିବା ଲାଗି ଅଗ୍ରସର ହେଉଥିବା ଜଣାପଡିଛି। ଗତ କିଛିବର୍ଷ ଧରି ଏ କ୍ଷେତ୍ରରେ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ପାରିନାହିଁ। ହେଲେ ବର୍ତ୍ତମାନ ଅର୍ଥ ବ୍ୟବସ୍ଥାର କାର୍ଯ୍ୟକଳାପ ତଥା ପ୍ରକୃତ ସ୍ଥିତିକୁ ମାପିବା ଲାଗି ସରକାର ଆଗଭର ହେଉଛନ୍ତି। ଏ ନେଇ ଆଲୋଚନା ଆରମ୍ଭ ହୋଇଥିବା ଜଣାପଡିଛି। ଦେଶର ଆର୍ଥିକ କାର୍ଯ୍ୟକଳାପ ବିଶେଷ କରି ଅଣସଂଗଠିତ କ୍ଷେତ୍ରର ସ୍ଥିତି କ'ଣ ରହିଛି, ତାହା ଜାଣିବା ଲାଗି ସରକାର ଫୋକସ ରଖିଛନ୍ତି। ବର୍ତ୍ତମାନର ଟେକ୍ନୋଲୋଜିକୁ ବ୍ୟବହାର କରି ସରକାର ଡାଟାକୁ ଅପଡେଟ କରିବେ। ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ, ପରିସଂଖ୍ୟାନ ମନ୍ତ୍ରଣାଳୟ ଏବଂ ଅନ୍ୟ ପ୍ରମୁଖ ସରକାରୀ ଏଜେନ୍ସି ଏ ଦିଗରେ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି।

### ଅଫିସିଆଲ୍ ଡାଟାରେ ଆସିବ ସଂଶୋଧନ

କେନ୍ଦ୍ର ସରକାର ଅଭିବୃଦ୍ଧିର ଛବିକୁ ଅଧିକ କରି ଦେଖାଉଥିବା ବିଭିନ୍ନ ଅର୍ଥ ବିଶାରଦ ମାନେ ଅଭିଯୋଗ ବାଢିଛନ୍ତି। ଦେଶର ଅଭିବୃଦ୍ଧି ହାରକୁ ନେଇ ଅନେକ ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି ହୋଇଛି। ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ ପୂର୍ବରୁ କହିଥିଲେ ଦେଶର ଜିଡିପି ଅଭିବୃଦ୍ଧି ୨.୫% ରହିଛି। ଏହାକୁ ସରକାର ପରିବର୍ତ୍ତିତ ଭାବେ ଅଧିକ କରି ଦେଖାଇଛନ୍ତି। ସରକାର ସେବା କ୍ଷେତ୍ର କାର୍ଯ୍ୟକଳାପକୁ ମାପିବା ଲାଗି ସଙ୍ଗଠିତ କ୍ଷେତ୍ରକୁ ବିଚାର କରିଥାନ୍ତି। ସେହିଭଳି ପରିବହନ ଏବଂ ରେଷ୍ଟୁରାଣ୍ଟ ସେଗ୍‌ମେଣ୍ଟରେ ମାତ୍ର ୧୫% ସଂସ୍ଥାଙ୍କୁ ନେଇ ଡାଟା ପ୍ରସ୍ତୁତ ହୋଇଥାଏ। ଢାବା ଏବଂ ଛୋଟ ଛୋଟ ଦୋକାନଗୁଡିକୁ ଏଥିରେ ବିଚାରକୁ ନିଆଯାଇ ନ ଥାଏ।


**OFFICE OF THE EXECUTIVE ENGINEER**
**RWS&S DIVISION, BARIPADA**
Tel. No. 06792-254029, Fax No. 06792-259464
E-Mail: eerwss_bpd@rediffmail.com, eerwss_bpd@ori.nic.in
No. O-860:
**Govt. of Odisha e-Procurement Notice**
**Bid Identification No. 23 of 2019-20, Date: 14.01.2020**

1. Nature of the work : Extension & Execution of Rural Piped Water Supply Projects under different Programmes in Lump-sum rate contract (11 packages) Double cover.
2. Estimated Cost : 8.12 lakh to 93.20 lakh.
3. Period of Completion : 120 days to 300 days.
4. Date and time of availability of bid document in portal : From 11 hour of 28.01.2020 to 03.02.2020 upto 17 hours.
5. Last Date / Time for receipt of bids in the portal : Upto 17 hours of 03.02.2020
6. Name and address of the O.I.T. : Executive Engineer, RWS&S Division, Baripada
7. Date & Time for Opening of Tender : 04.02.2020 at 11.00 AM
8. Corrigendum and addendum if any shall only be published in the above website http://www.tenderodisha.gov.in

Further details can be seen from the e-procurement portal: "https://tendersodisha.gov.in"

25014/11/0006/1920 *Sd./- Executive Engineer, RWS&S Division, Baripada*



# CLASSIFIED DISPLAY

**TARIFF — MORE SPACE • SAME PRICE — GST 5%**

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ALL EDITION - B/W (Everyday)**
*for Booking Contact:*
0674-2580385, 7894447148, 7894447131, 9337021532, 7894447167, 7894447165

**FINANCE**

**CAPITAL FINANCE**
CAPITAL ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
9992204486

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1994ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଏପରି ଏକ ଋଣ ଯାହା ଘରକୁ ଖୁସି ଆଣେ
ଭାରତୀୟ ମୁଦ୍ରା ଯୋଜନା ଅଧୀନରେ
ଭାରତୀୟଙ୍କ ସବୁଠାରୁ ଭରସାଯୋଗ୍ୟ କମ୍ପାନୀ
ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବିପିଏଲ୍ ଋଣ ଆଦି ସମସ୍ତ ଋଣ
1% ସୁଧ 50% ଛାଡ଼ — ଲୋନ୍ ଧମାକା
ATM Card ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ — ସବୁ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
(କାମ ଆମର, ବିଶ୍ୱାସ ଆପଣଙ୍କର)
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ଅଫର୍
073763-45374
087219-21764

**JAMUNA FINANCE**
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ–2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

DHARITRI Career appointment Every Wednesday and Saturday

**BUSINESS**

**SHINGHANIA TOWER**
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No 8887184570

**BUSINESS**
ଭାରତ ସରକାର ଦ୍ୱାରା ମାନ୍ୟତାପ୍ରାପ୍ତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ ରେ ଡିଜିଟାଲ ଟାୱର ଲଗାନ୍ତୁ
ଅଗ୍ରିମ - 70ଲକ୍ଷ, ଭଡା-50000 + 20 Years
କୋର୍ଟ ଆଗ୍ରୀମେଣ୍ଟ, ଧୋଖା ଖାଇଥିବା ବ୍ୟକ୍ତି ଥରେ ଅବଶ୍ୟ କଲ କରି ଡାଇରେକ୍ଟ କମ୍ପାନୀ ସହ କଥା ହୁଅନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
Amit Tiwari: - 7429717631

**INDUS TOWER** COMPANY PVT. LTD
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରି ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍ ଉପରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 40 ହଜାର
082784-55157
073761-01835
ADDRESS: T-51, GAUTAMPURI, DELHI

**JOB JOB**
ଶିବାନୀ SMS ଜବ୍ ପାର୍ଟ ଟାଇମ୍/ଫୁଲ୍ ଟାଇମ୍ JOB ALL ଓଡ଼ିଶାର ସବୁ ଜିଲ୍ଲା ଅନୁସାରେ ପୁଅ/ଝିଅ, ବେରୋଜଗାର, ଗୃହିଣୀ, ବେରୋଜଗାରୀ/ମାନ୍ଦାବସ୍ଥା ସମୟରେ ଆୟର ସୁବର୍ଣ୍ଣ ସୁଯୋଗ 15,000/-ରୁ 20,000/- ରୋଜଗାର କରନ୍ତୁ। ଲାପଟପ୍, ମୋବାଇଲ, ବାଇକ୍ ମାଗଣା। ଅନ୍‌ଲାଇନ୍ SMS କରନ୍ତୁ। ଜବ୍ ଆଇ.ଡି. ପାଇଁ ଯୋଗାଯୋଗ କରନ୍ତୁ।
7265982706
7064678575

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

2003ଠାରୁ ଆପଣଙ୍କ ସେବାରେ
**TOWER VISION CO.**
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ସିଧା କମ୍ପାନୀ ସହ କଥା ହୋଇ ନିଜର ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍‌ରେ ମଲ୍ଟିମିଡିଆ ଡିଜିଟାଲ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ | ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ବାଇକ୍
073762-57896
094994-92906
ADDRESS: T-51, GAUTAMPURI, DELHI

**ASTROLOGY**

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ସ୍ପେସ୍ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଳେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଳି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**EDUCATION**
ଭାରତ ସରକାରଙ୍କ ନର୍ସିଂ ଓ ଫାୟାର ସେଫଟି ପାଠ୍ୟକ୍ରମ ଓ ନିଯୁକ୍ତି ସୁଯୋଗ
ସରକାରଙ୍କ ପାଠ୍ୟକ୍ରମ ୨ବର୍ଷର Course ସରିଲାପରେ ଭାରତର ବିଭିନ୍ନ ହସ୍ପିଟାଲ ଓ Fire Softy ବିଭିନ୍ନ ବିଭାଗର ନିଯୁକ୍ତି ସୁବିଧା ଉପଲବ୍ଧ
Nursing: • OT.TECH • DM.L.T TECH • PHRAMACY • I.C.U • DIALYSIS • E.C.G • G.N.M
Fire Safety: • Fire & Safety Engg. Tech. • Fire and Industrial Safety Management
Hospital Practical, Hostel, Transport Facility Available Here
KIMS, KHANDAGIRI, BBSR
8658179869
7752094125

# ଶୁଟ୍ ଆଉଟରେ ଜିତିଲା ଭାରତ

ଭୁବନେଶ୍ୱର, ୧୯।୧
(କ୍ରୀଡ଼ା ପ୍ରତିନିଧି)

ନିର୍ଦ୍ଧାରିତ ସମୟ ଖେଳ ୩-୩ରେ ସମାନ ରହିଲା। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍ ଆଉଟର ସହାୟତା ନିଆଗଲା। ଏହି ପର୍ଯ୍ୟାୟରେ ଚାପର ବଶବର୍ତ୍ତୀ ନ ହୋଇ ଭାରତ ୩-୧ ଗୋଲରେ ବିଜୟୀ ହେଲା। ଭାଗ୍ୟ ସହାୟ ନ ହେବାରୁ ନେଦରଲାଣ୍ଡ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କଲା। ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ର ଏପରି ଏକ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶୁଟ୍ ଆଉଟରେ ଫଳାଫଳ ନିର୍ଣ୍ଣିତ ହୋଇଥିବାରୁ ନିୟମ ଅନୁସାରେ ଭାରତ ୨ ଓ ନେଦରଲାଣ୍ଡ ୧ ପଏଣ୍ଟ ହାସଲ କରିଛି। ଶନିବାର ଏହି ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ ୫-୨ ଗୋଲରେ ବିଜୟୀ ହୋଇ ୩ ପଏଣ୍ଟ ପାଇଥିଲା। ତେଣୁ ପ୍ରୋ ଲିଗ୍‌ର ପ୍ରଥମ ଦୁଇ ମ୍ୟାଚ୍ ଶେଷରେ ଭାରତ ୫ ଓ ନେଦରଲାଣ୍ଡ ୧ ପଏଣ୍ଟ ପାଇଛି।



ନେଦରଲାଣ୍ଡ ବିପକ୍ଷରେ ବିଜୟୀ ଭାରତୀୟ ହକି ଦଳ। (ଫଟୋ: ବିକାଶ ନାୟକ)

## କଡ଼ା ଟକ୍କର

ପ୍ରୋ ଲିଗ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ସହଜ ବିଜୟ ହାସଲ କରିଥିଲା। ତ୍ରୁଟିରୁ ଶିକ୍ଷାଲାଭ କରିଥିବା ନେଦରଲାଣ୍ଡ ଦ୍ୱିତୀୟ ମ୍ୟାଚ୍‌ରେ କଡ଼ା ଟକ୍କର ଦେଇଥିଲା। ପ୍ରଥମ କ୍ୱାର୍ଟରରେ ଉଭୟ ଦଳ ଅନେକ ସୁଯୋଗ ସୃଷ୍ଟି କରିଥିଲେ ହେଁ କୌଣସି ଦଳ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଚମତ୍କାର ଖେଳିଥିଲା ନେଦରଲାଣ୍ଡ। ୨୩ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାନ୍ ଡର ୱିର୍ଡେନ ମିଙ୍କ୍ ମ୍ୟାଚ୍‌ରେ ଗୋଲ ସ୍କୋରିଂ ଖାତା ଖୋଲିଥିଲେ। ଏହାର ୨ ମିନିଟ୍ ପରେ ଲଳିତ ଉପାଧ୍ୟାୟ ଗୋଲ୍‌ଟି ପରିଶୋଧ କରିବାରୁ ମ୍ୟାଚ୍ ରୋମାଞ୍ଚକ ହୋଇଥିଲା। ତେବେ ୨୬ତମ ମିନିଟରେ ଜେରୋନ ହର୍ଜବର୍ଜର ଓ ୨୭ତମ ମିନିଟରେ ଜର୍ନ କିଲରମ୍ୟାନ ଗୋଟିଏ ଲେଖାଏ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ନେଦରଲାଣ୍ଡ ୩-୧ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ତୃତୀୟ କ୍ୱାର୍ଟରରେ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଭାରତ ଜୋର୍‌ଦାର ଉଦ୍ୟମ କରିଥିଲା। ତେବେ ୪୧ତମ ମିନିଟ୍‌ରେ ଭାରତୀୟ ଦଳର ଅଧିନାୟକ ମନପ୍ରୀତ ସିଂ ବିପଜ୍ଜନକ ଖେଳ ପାଇଁ ହଳଦିଆ କାର୍ଡ ପାଇବାରୁ ତୃତୀୟ କ୍ୱାର୍ଟରର ଶେଷ ୧୦ ମିନିଟ୍ ଭାରତ ୧୦ ଜଣିଆରେ ଖେଳିଥିଲା। ତେବେ ନେଦରଲାଣ୍ଡ ଏଥିରୁ ଫାଇଦା ନେଇପାରି ନ ଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଅସଲ ଖେଳ ହୋଇଥିଲା। ଘରୋଇ ପରିବେଶ ଓ ଦର୍ଶକଙ୍କ ସମର୍ଥନରେ ଉତ୍ସାହିତ ହୋଇ ଭାରତୀୟ ଖେଳାଳିମାନେ ଜୋସ୍ ଦେଖାଇଥିଲେ। ୫୧ତମ ମିନିଟ୍‌ରେ ଭାରତ ଏକ ପେନାଲ୍ଟି କର୍ନର ହାସଲ କରିଥିଲା। ଏସ୍.ଭି. ସୁନୀଲଙ୍କ ପୁସ୍‌ରେ ରୂପିନ୍ଦରପାଲ ସିଂଙ୍କ ଶଟ୍ ନେଦରଲାଣ୍ଡ ଗୋଲକିପରଙ୍କ ପ୍ୟାଡ୍‌ରେ ବାଜି ଫେରି ଆସୁଥିବାବେଳେ ବନଦୀପ ସିଂଙ୍କ ରିବାଉଣ୍ଡ ଶଟ୍ ଗୋଲରେ ପରିଣତ ହୋଇଥିଲା। ୫୫ତମ ମିନିଟରେ ଦଳକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ଏଥର କିନ୍ତୁ ରୂପିନ୍ଦରପାଲ ଭୁଲ କରି ନ ଥିଲେ। ଡ୍ରାଗ୍ ଫ୍ଲିକ୍ ଶଟ୍ ଜରିଆରେ ସେ ଗୋଲ ଦେବାରୁ ମ୍ୟାଚ୍ ସମାନ ସ୍ତରକୁ ଚାଲିଆସିଥିଲା। ଶେଷ ୫ ମିନିଟ୍‌ର ଲଢ଼େଇ ଉତ୍ତେଜନାପୂର୍ଣ୍ଣ ରହିଥିଲା। ୫୯ତମ ମିନିଟ୍‌ରେ ନେଦରଲାଣ୍ଡ ପାଇଁ ମ୍ୟାଚ୍ ଜିତିବାକୁ ସୁବର୍ଣ୍ଣ ସୁଯୋଗ ଆସିଥିଲା। ମାତ୍ର ଭାରତୀୟ ଦ୍ୱିତୀୟ ପସନ୍ଦ ଗୋଲକିପର କ୍ରିଷ୍ଣନ ପାଠକ ଚମତ୍କାର ସେଭ୍ କରି ମ୍ୟାଚ୍‌କୁ ଶୁଟ୍ ଆଉଟକୁ ପଠାଇ ଦେଇଥିଲେ।

### ଏଫଆଇଏଚ୍ ହକି ପ୍ରୋ ଲିଗ୍

- ନିର୍ଦ୍ଧାରିତ ସମୟ ଖେଳ ୩-୩
- ଶୁଟ ଆଉଟ: ଭାରତ ୩, ନେଦରଲାଣ୍ଡ ୧
- ଭାରତକୁ ୨,ନେଦରଲାଣ୍ଡକୁ ୧ ପଏଣ୍ଟ

## ଶୁଟ୍ ଆଉଟର ରୋମାଞ୍ଚ

ଶୁଟ୍ ଆଉଟ ପର୍ଯ୍ୟାୟରେ ପ୍ରଥମେ ଆସିଥିଲେ ଭାରତର ହରମନପ୍ରୀତ ସିଂ। ମାତ୍ର ସେ ନେଦରଲାଣ୍ଡ ଗୋଲକିପର ଭାନ ଡର ଭେନ୍ ସାମ୍‌ଙ୍କୁ ଅତିକ୍ରମ କରିବାକୁ ସକ୍ଷମ ହୋଇ ନ ଥିଲେ। ନେଦରଲାଣ୍ଡର ଜେରୋନ ହର୍ଜବର୍ଜର ମଧ୍ୟ ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶଙ୍କୁ ଚକ୍‌ମା ଦେବାରେ ବିଫଳ ହୋଇଥିଲେ। ଦ୍ୱିତୀୟରେ ଆସିଥିବା ବିବେକ ସାଗର ପ୍ରସାଦ କିନ୍ତୁ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ନେଦରଲାଣ୍ଡର ଗ୍ଲେନ ସ୍କୁରମ୍ୟାନ ବିଫଳ ହେବାରୁ ଭାରତର ଅଗ୍ରଣୀ ବଳବତ୍ତର ରହିଥିଲା। ଭାରତର ରୂପିନ୍ଦରପାଲ ବିଫଳ ହେବାରୁ ନେଦରଲାଣ୍ଡ ଆଶା ଉଜ୍ଜୀବିତ ରହିଥିଲା। ମାତ୍ର ଦଳକୁ ଭାଗ୍ୟଦେବୀ ସହାୟ ହୋଇ ନ ଥିଲେ। ଥିଏରୀ ବ୍ରିଙ୍କମ୍ୟାନ ମଧ୍ୟ ଗୋଲ ଦେବାରେ ବିଫଳ ହୋଇଥିଲେ। ଭାରତର ୪ର୍ଥ ଷ୍ଟ୍ରାଇକର ଗୁରଜାନ୍ତ ସିଂ ଗୋଲ ଦେବାରୁ ଘରୋଇ ଦଳର ପଲା ଭାରି ହୋଇଯାଇଥିଲା। ନେଦରଲାଣ୍ଡର ମିର୍କୋ ପ୍ରୁଜ୍‌ସେର ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ତେବେ ଆକାଶଦୀପ ସିଂ ଗୋଲ ଦେବା ପରେ ଭାରତୀୟ ଦଳର ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ଭାରତ ୩-୧ରେ ଅଗ୍ରଣୀ ହୋଇଥିବାରୁ ଆଉ ନେଦରଲାଣ୍ଡ ଖେଳାଳି ଶୁଟ୍ ଆଉଟ ମାରିବା ଆବଶ୍ୟକ ହୋଇ ନ ଥିଲା। ମ୍ୟାଚ୍ ଓ ଶୁଟ୍ ଆଉଟରେ ଗୋଲ ଦେଇଥିବା ରୂପିନ୍ଦରପାଲ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।






ପରାଜୟରେ ମର୍ମାହତ ନେଦରଲାଣ୍ଡ ଖେଳାଳି ଜେରୋନ ହର୍ଜବର୍ଜର।

## କଳିଙ୍ଗ କର୍ନର

### ଗ୍ୟାଲେରୀରେ ହରେନ୍ଦ୍ର



ଭୁବନେଶ୍ୱର, ୧୯।୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ରବିବାର ଭାରତ-ନେଦରଲାଣ୍ଡ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ୍ ଅବସରରେ ପୂର୍ବତନ କୋଚ୍ ହରେନ୍ଦ୍ର ସିଂ ଗ୍ୟାଲେରିରେ ବସି ମ୍ୟାଚ୍ ଉପଭୋଗ କରୁଥିବା ପରିଲକ୍ଷିତ ହୋଇଥିଲା। ୨୦୧୮ ହକି ବିଶ୍ୱକପ୍ ଅବସରରେ ହରେନ୍ଦ୍ର ଭାରତୀୟ ପୁରୁଷ ହକି କୋଚ୍ ଥିଲେ। କ୍ୱାର୍ଟର ଫାଇନାଲରେ ଭାରତ ଏହି ନେଦରଲାଣ୍ଡ ନିକଟରୁ ପରାଜିତ ହେବାରୁ ହରେନ୍ଦ୍ରଙ୍କୁ ପଦ ଛାଡ଼ିବାକୁ ପଡ଼ିଥିଲା। ଏବେ ତାଙ୍କ ସାମ୍‌ନାରେ ନେଦରଲାଣ୍ଡର ପରାଜୟ ନିଶ୍ଚିତ ହରେନ୍ଦ୍ରଙ୍କୁ ଉଲ୍ଲସିତ କରିଥିବ।

### ମ୍ୟାଚ ଉପଭୋଗ କଲେ ଶ୍ରଦ୍ଧାଞ୍ଜଳି, ଅନୁରାଧା

ଗ୍ୟାଲେରିରେ ଉପସ୍ଥିତ ରହି ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ହର୍ଡଲ୍ସ କୁଇନ୍ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଭାରତ-ନେଦରଲାଣ୍ଡ ମ୍ୟାଚ୍ ଉପଭୋଗ କରିଥିଲେ। ଏହି ଅବସରରେ ଅନୁରାଧାଙ୍କ ପରିବାର ମଧ୍ୟ ଉପସ୍ଥିତ ଥିଲେ। ତାଙ୍କ ଝିଅ ତଥା ଓଡ଼ିଶାର ଉଦୀୟମାନ ଶଟ୍‌ପୁଟ ପ୍ରତିଭା ଆଂଶିକା ରାଉତରାୟ ମଧ୍ୟ ମ୍ୟାଚ୍ ଉପଭୋଗ କରିଥିଲେ।



ଦର୍ଶକଙ୍କ ଗହଣରେ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ (ବାମ)।



ପରିବାର ସହ ଅନୁରାଧା ବିଶ୍ୱାଳ (ଡାହାଣ)।

### ବିଜୟର ମଜା ନେଲେ ଦର୍ଶକ

ଭାରତ ଓ ନେଦରଲାଣ୍ଡ ମଧ୍ୟରେ ଅନୁଷ୍ଠିତ ୨ଟିଯାକ ମ୍ୟାଚ୍‌ରେ ଘରୋଇ ଦଳ ବିଜୟୀ ହୋଇଥିବାରୁ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ ଭଲ ସ୍ମୃତି ନେଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରବିବାର ଭାରତୀୟ ଦଳ ପଛୁଆ ରହିଥିବାବେଳେ ମଧ୍ୟ ଦର୍ଶକମାନେ ହତାଶ ହୋଇ ନ ଥିଲେ। ପ୍ରତିଟି ମୁଭ୍‌ରେ ସେମାନେ ଭାରତୀୟ ଖେଳାଳିଙ୍କୁ କୋଳାହଳ ମାଧ୍ୟମରେ ଉତ୍ସାହିତ କରୁଥିଲେ। ଫଳସ୍ୱରୂପ ଭାରତ ପ୍ରଥମେ ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିବା ଏବଂ ପରେ ଶୁଟ୍ ଆଉଟରେ ଜିତିବା ସମ୍ଭବ ହୋଇଥିଲା।

# କ୍ରୀଡ଼ା ସଂସ୍କୃତିର ବିକାଶରେ ସ୍ପୋର୍ଟ୍ସ ଆଇଟି ସହାୟ ହେବ: ମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର, ୧୯।୧
(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଜାଭିୟର ଏମ୍‌ଲିୟନ ବିଜନେସ ସ୍କୁଲ (ଏକ୍ସଇବିଏସ୍) ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ସ୍ପୋର୍ଟ୍ସ ଆଇଟି-୨୦୨୦ ଉଦ୍‌ଯାପିତ ହୋଇଛି। ଦେଶରେ ପ୍ରଥମଥର ପାଇଁ ଏଭଳି ସ୍ପୋର୍ଟ୍ସ ଓ ଇନୋଭେଶନ ଫେଷ୍ଟିଭାଲ ଗତ ଦୁଇଦିନ ଧରି ବେଶ୍ ସଫଳତାର ସହ ଆୟୋଜିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ କ୍ରୀଡ଼ାର ଉନ୍ନତି ତଥା ନବୀକରଣରେ ଏହି ଫେଷ୍ଟିଭାଲ ଭୂମିକାକୁ ପ୍ରଶଂସା କରିଥିଲେ। ଏହି ଫେଷ୍ଟିଭାଲ ମାଧ୍ୟମରେ କ୍ରୀଡ଼ାର ବ୍ୟବସାୟୀକରଣ ଓ ଇନୋଭେଶନକୁ ତ୍ୱରିତ କରିବା ଲାଗି ଆମେ ଏକ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିବାକୁ ଚାହୁଁଛୁ। ଏଥିରେ କ୍ରୀଡ଼ାବିତ୍, କ୍ରୀଡ଼ା ଅନୁଷ୍ଠାନ, ହାଇପରଫର୍ମାନ୍ସ ସେଣ୍ଟର ଓ ଛାତ୍ରୀଛାତ୍ରଙ୍କୁ ଯଥେଷ୍ଟ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ଏହା ଦ୍ୱାରା କ୍ରୀଡ଼ା ସହ ଜଡ଼ିତ ବ୍ୟକ୍ତିମାନେ ପରସ୍ପର ସହିତ ଜ୍ଞାନ ଓ ଭାବର ଆଦାନପ୍ରଦାନ କରିପାରିବେ। ଏହି ଅବସରରେ ସେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। କ୍ରମାଗତ ଦ୍ୱିତୀୟଥର ପାଇଁ ଓଡ଼ିଶା 'ବେଷ୍ଟ ଷ୍ଟେଟ୍ ଫର୍ ସ୍ପୋର୍ଟ୍ସ ପ୍ରମୋଶନ' ପୁରସ୍କାର ପାଇଥିବା କଥା ସେ ଉଲ୍ଲେଖ କରିଥିଲେ। ଏହା ଦ୍ୱାରା କ୍ରୀଡ଼ାର ଉନ୍ନତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ସୂଚାଉଛି ବୋଲି ସେ କହିଥିଲେ। ଏହି ଫେଷ୍ଟିଭାଲ ଦ୍ୱାରା ରାଜ୍ୟରେ କ୍ରୀଡ଼ା ସଂସ୍କୃତିର ଉନ୍ନତି ହେବା ସଙ୍ଗେସଙ୍ଗେ କ୍ରୀଡ଼ାରେ ନୂତନତା ଆସିବ ବୋଲି ସେ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦିଲ୍ଲୀର ଜଣାଶୁଣା କ୍ରୀଡ଼ା ଅନୁଷ୍ଠାନ ଫୁନ୍‌ଗାଗେକୁ ବେଷ୍ଟ ଷ୍ଟାର୍ଟଅପ୍ ପୁରସ୍କାର ପ୍ରଦାନ କରିଥିଲେ। ଫ୍ରାନ୍ସର ଏମ୍‌ଲିୟନ ବିଜନେସ ସ୍କୁଲ ତରଫରୁ ୧ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ହେକ୍ଟାଥଲନ ପ୍ରତିଯୋଗିତା ଜିତିଥିବା ଦଳଗୁଡିକୁ ମଧ୍ୟ ସେ ପୁରସ୍କୃତ କରିଥିଲେ। ଏହି ଦଳଗୁଡ଼ିକରେ ଟେନିସ୍ ଖେଳାଳି ଚିନ୍ମୟ ପ୍ରଧାନ, ପାରା ଆଥ୍‌ଲେଟ ଦିଲେଶ୍ୱର ରାଓ, ନାଭାଲ ଟାଟା ଏକାଡେମୀ ପ୍ରୋଗ୍ରାମ ମ୍ୟାନେଜର ଦେବାଶିଷ ନାୟକ, ବାସ୍କେଟ୍‌ବଲ ଖେଳାଳି ରାଜେଶ ସିଂ ଓ ପ୍ରଫେସର ସ୍ପୋର୍ଟ୍ସ ସେଭନ ପଟ୍ଟନାୟକ ସାମିଲ ଥିଲେ। ସେପ୍ଟେମ୍ବରରେ ଏମାନେ ଲିୟନ ଯାତ୍ରା କରିବେ ଓ ୟୁରୋପର ସର୍ବବୃହତ୍ ସ୍ପୋର୍ଟ୍ସ ଇନୋଭେଶନ ଫେଷ୍ଟିଭାଲ 'ସ୍ପୋର୍ଟ୍ସ ଅନ୍‌ଲିମିଟେଡ୍'ରେ ଅଂଶଗ୍ରହଣ କରିବେ।

ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ଅବସରରେ ଫେଷ୍ଟିଭାଲରେ ଅଂଶଗ୍ରହଣ କରିଥିବା ୧୨ଟି ଷ୍ଟାର୍ଟଅପ୍ ଏଣ୍ଟ୍ରେପ୍ରେନ୍ୟୁର୍ସଙ୍କୁ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ବିଶାଲ କୁମାର ଦେବ, କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଆର. ଭିନିଲ କ୍ରିଷ୍ଣା, ଜାଭିୟର ବିଶ୍ୱବିଦ୍ୟାଳୟ ଭାଇସ୍ ଚାନ୍ସଲର ପ୍ରଫେସର ଟୋନି ଉଭାରୀ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପ୍ରତିଷ୍ଠାତା ବିଜୟ ସାହୁ, ଗୁପ୍ତା ପାୱାର ମ୍ୟାନେଜିଂ ଡାଇରେକ୍ଟର ମହେନ୍ଦ୍ର ଗୁପ୍ତା ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଦୁଇଦିନ ଧରି ଆୟୋଜିତ ହୋଇଥିବା ଏହି ଫେଷ୍ଟିଭାଲରେ ଭିନ୍ନକ୍ଷମ ପିଲାମାନଙ୍କ ସହ ୧୬୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ସ୍ପୋର୍ଟ୍ସ ଆଇଟି ଉଦ୍‌ଯାପିତ




ସ୍ପୋର୍ଟ୍ସ ଆଇଟି-୨୦୨୦ ଉଦ୍‌ଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଅନ୍ୟମାନେ।



“ ଧୋନୀ ପୁନର୍ବାର ଭାରତ ପାଇଁ ଖେଳନ୍ତୁ ବା ନ ଖେଳନ୍ତୁ ୨୦୨୧ ଆଇପିଏଲ ନିଲାମୀରେ କିନ୍ତୁ ସେ ଚେନ୍ନାଇ ସୁପର କିଙ୍ଗ୍ସ ଦଳରେ ରହିବେ।–ଏନ୍. ଶ୍ରୀନିବାସନ, ପୂର୍ବତନ ବିସିସିଆଇ ସଭାପତି



“ ବାରମ୍ବାର ଇଞ୍ଜୁରୀ ସମସ୍ୟାରେ ରହୁଥିବା ଆଣ୍ଡି ମୁରେ ଅଷ୍ଟ୍ରେଲିଆନ ଓପନରୁ ଓହରିଯାଇଥିଲେ ହେଁ ସେ ଆହୁରି କେତେ ବର୍ଷ ଟେନିସ ଖେଳିପାରିବେ। –ବବ୍ ବ୍ରାଏନ, ଡବଲ୍ସ କିମ୍ବଦନ୍ତୀ

## ସଂକ୍ଷେପରେ

### ୧୯ ବର୍ଷରୁ କମ୍ ବିଶ୍ୱକପ୍: ଭାରତର ବିଜୟ ଅଭିଯାନ

ବ୍ଲୋଏମ୍‌ଫୋଣ୍ଟେନ,୧୯।୧(ପି.ଟି.)- ଦକ୍ଷିଣ ଆଫ୍ରିକାରେ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ୧୩ତମ ସଂସ୍କରଣରେ ଗତଥରର ଚାମ୍ପିୟନ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଅଧିନାୟକ ପ୍ରିୟମ ଗର୍ଗ (୫୬), ଓପନର ଯଶସ୍ୱୀ ଜୈସୁଆଲ (୫୯) ଓ ଉଇକେଟ କିପର ଧ୍ରୁବ ଜୁରେଲ (ଅପରାଜିତ ୫୨)ଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୯୦ ରନରେ ପରାସ୍ତ କରିଛି। ଅଲରାଉଣ୍ଡ ପ୍ରଦର୍ଶନ କରି ଭାରତ ଏହି ବିଜୟ ସହ ୨ ପଏଣ୍ଟ ହାସଲ କରିଛି। ମଙ୍ଗଳବାର ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଜାପାନକୁ ଭେଟିବ।
ସ୍ଥାନୀୟ ମାନଗୁଆଙ୍ଗ ଓଭାଲ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ଗ୍ରୁପ୍ ଏ'ର ଏକ ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଭାରତ ୪ ଉଇକେଟ ହରାଇ ୨୯୭ ରନ ସଂଗ୍ରହ କରିଥିଲା। ଜବାବରେ ଶ୍ରୀଲଙ୍କା ୪୫.୨ ଓଭରରେ ୨୦୭ ରନ କରି ଅଲଆଉଟ ହେବା ସହ ଆତ୍ମସମର୍ପଣ କରିଛି। ଶ୍ରୀଲଙ୍କା ତରଫରୁ ଅଧିନାୟକ ନିପୁନ ଧନଞ୍ଜୟ ସର୍ବାଧିକ ୫୦, ରବିନ୍ଦୁ ରସନ୍ଥା ୪୯, ଉଇକେଟକିପର କାମିଲ ମିଶାରା ୩୯ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଆକାଶ ସିଂ, ସିଦ୍ଧେଶ ବୀର, ରବି ବିଷ୍ଣୋଇ ଦୁଇଟି ଲେଖାଏ, କାର୍ତ୍ତିକ ତ୍ୟାଗୀ, ସୁଶାନ୍ତ ମିଶ୍ରା ଓ ଜୈସୁଆଲ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଭାରତ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଦିବ୍ୟାଂଶ ସାକସେନା ୨୩, ତିଲକ ବର୍ମା ୪୬ ଓ ସିଦ୍ଧେଶ ବୀର ଅପରାଜିତ ୪୪ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ଅମଶି ଡି ସିଲଭା, ଅଶିଆନ ଡାନିଏଲ, ଦିଲସାନ ମଦୁଶଙ୍କା, କାଭିନ୍ଦୁ ନାଦିଶାନ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।
**ସଂକ୍ଷିପ୍ତ ସ୍କୋର:**ଭାରତ ୫୦ ଓଭରରେ ୨୯୭/୪ (ଜୟସୁୱାଲ- ୫୯, ଗର୍ଗ- ୫୬, ଜୁରେଲ- ୫୨*, ବୀର- ୪୪*, ତିଲକ- ୪୬, ସିଲଭା- ୧/୪୦, ଡାନିଏଲ- ୧/୩୯, ମଦୁଶଙ୍କା- ୧/୬୯, ନାଦିଶାନ- ୧/୫୮)। ଶ୍ରୀଲଙ୍କା ୪୫.୨ ଓଭରରେ ୨୦୭ ଅଲଆଉଟ (ନିପୁନ- ୫୦, ରସନ୍ଥା- ୪୯, ଆକାଶ- ୨/୨୯, ବୀର- ୨/୩୪, ବିଷ୍ଣୋଇ- ୨/୪୪)।

# ଅଷ୍ଟ୍ରେଲିଆକୁ ହରାଇଲା ଭାରତ

**ବେଙ୍ଗାଲୁରୁ,୧୯।୧(ପି.ଟି.)**

ଅଲରାଉଣ୍ଡ ପ୍ରଦର୍ଶନ କରି ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଦିନିକିଆ ସିରିଜରେ ଭ୍ରମଣକାରୀ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆରେ ଭାରତ ୧୫ଟି ବଲ ବାକି ରଖି ୭ ଉଇକେଟରେ ବିଜୟ ହାସଲ କରିଛି। ଫଳରେ ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ଭାରତ ୨–୧ରେ ବାଜି ମାରିଛି। ଏଥିସହିତ ଭାରତ ଗତବର୍ଷ ଘରୋଇ ସିରିଜ ପରାଜୟର ମଧୁର ପ୍ରତିଶୋଧ ନେଇଛି। ୨୮୭ ରନ ଟାର୍ଗେଟର ପିଛା କରି ଭାରତ ଦେଖିଚାହିଁ ଆରମ୍ଭ କରିଥିଲା। ପ୍ରଥମ ଉଇକେଟରେ ଦୁଇ ଓପନର ରୋହିତ ଶର୍ମା ଓ ଲୋକେଶ ରାହୁଲ ୬୯ ରନ ସଂଗ୍ରହ କରିଥିଲେ। ତେବେ ଇନ୍‌ଫର୍ମ ରାହୁଲ ୧୯ ରନ କରିଥିବା ବେଳେ ଲାଇନ୍ ମିସ୍ କରି ଆଷ୍ଟନ ଅଗରଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ରୋହିତ ୧୨୮ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୬ ଛକା ସହ ୧୧୯ ରନର ଶତକୀୟ ପାଳି ଖେଳି ସ୍ପିନର ଆଡାମ ଜାମ୍ପାଙ୍କ ବଲ୍‌ରେ ଲଙ୍ଗ୍‌ଅନ୍‌ରେ ମିଚେଲ ଷ୍ଟାର୍କଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ରୋହିତଙ୍କୁ ଆଉଟ କରି ଜାମ୍ପା ଅଷ୍ଟ୍ରେଲିଆକୁ ଏକ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ। ରୋହିତ ଏଥିସହିତ କ୍ୟାରିୟରର ୨୯ତମ ଶତକ ହାସଲ କରିଛନ୍ତି। ଦ୍ୱିତୀୟ ଉଇକେଟରେ ଅଧିନାୟକ ବିରାଟ କୋହଲି ଓ ରୋହିତ ୧୩୭ ରନ ସଂଗ୍ରହ କରି ବିଜୟର ମୂଳଦୁଆ ପକାଇଥିଲେ। ତେବେ କୋହଲି ୯୧ ବଲରୁ ୮ ଚୌକା ସହ ୮୯ ରନ ସଂଗ୍ରହ କରି ଜୋଶ ହାଜେଲଉଡଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ମିଡ୍ ଉଇକେଟକୁ ସୁଇପ୍ କରିବାକୁ ପ୍ରୟାସ କରିଥିବା ବେଳେ ବଲ୍ ପ୍ୟାଡ୍‌ରେ ବାଜିଥିଲା ଓ ସେ ବୋଲ୍ଡ ହୋଇଥିଲେ। କୋହଲି ଓ ଶ୍ରେୟାସ ଆୟାର ତୃତୀୟ ଉଇକେଟରେ ଗୁରୁତ୍ୱପୂର୍ଣ୍ଣ ୬୮ ରନ ସଂଗ୍ରହ କରିଥିଲେ। ଆୟାର ୪୪ (୩୫ ବଲ, ୬ ଚୌକା, ୧ ଛକା) ଓ ମନୀଷ ପାଣ୍ଡେ ୮ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ହାଜେଲଉଡ, ଆଷ୍ଟନ ଅଗର ଓ ଜାମ୍ପା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

### ସ୍ମିଥ୍‌ଙ୍କ ଶତକ ନିଷ୍ଫଳ

କ୍ରମାଗତ ତୃତୀୟ ଥର ପାଇଁ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍‌ଙ୍କ ଲଢୁଆ ଶତକ ସହାୟତାରେ ସମ୍ମାନଜନକ ସ୍କୋର ହାସଲ କରିଥିଲା। ୧୩୨ଟି ବଲର ସମ୍ମୁଖୀନ ହୋଇ ସ୍ମିଥ୍ ୧୪ ଚୌକା ଓ ୧ ଛକା ସହାୟତାରେ ୧୩୧ ରନ ସଂଗ୍ରହ କରି କ୍ୟାରିୟରର ନବମ ଦିନିକିଆ ଶତକ ହାସଲ କରିଥିଲେ। ମହମ୍ମଦ ସାମିଙ୍କ ବଲ୍‌ରେ ସେ ମିଡ ଉଇକେଟରେ ଶ୍ରେୟାସ ଆୟାରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଇନ୍‌ଫର୍ମ ମାର୍ନସ ଲାବୁସେନ ୬୪ ବଲ୍ ଖେଳି ୫ ଚୌକା ସହ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ଏକ୍ସଟ୍ରା କଭରରେ ବିରାଟ କୋହଲିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଲାବୁସେନଙ୍କୁ ଆଉଟ କରି ଜାଡେଜା ଭାରତକୁ ବ୍ରେକ ଥ୍ରୁ ଦେଇଥିଲେ। ଲାବୁସେନ ଆଉଟ ହେବା ପରେ ସ୍ମିଥ୍‌ଙ୍କୁ ଅନ୍ୟ ବ୍ୟାଟ୍ସମ୍ୟାନ ସହଯୋଗ କରିପାରି ନ ଥିଲେ। ସେହିପରି ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ୍ସ କାରେ ୩୫ ରନ କରି କୁଲଦୀପ ଯାଦବଙ୍କ ବଲ୍‌ରେ ଆୟାରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ବାକି ବ୍ୟାଟ୍ସମ୍ୟାନ ସଫଳ ହୋଇପାରି ନ ଥିଲେ। ଦୁଇ ଓପନର ଡେଭିଡ ୱାର୍ନର ଓ ଆରୋନ ଫିଞ୍ଚ୍ ଯଥାକ୍ରମେ ୩ ଓ ୧୯ ରନ କରି ସଅଳ ଆଉଟ ହୋଇଥିଲେ। ଫିଞ୍ଚ୍ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଥିଲେ। ତୃତୀୟ ଉଇକେଟରେ ସ୍ମିଥ୍ ଓ ଲାବୁସେନ ୧୨୭ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ମିଚେଲ ଷ୍ଟାର୍କ ଓ ପ୍ୟାଟ କମିନ୍ସ ଖାତା ଖୋଲିପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଷ୍ଟନ ଟର୍ନର ୪, ଆଡାମ ଜାମ୍ପା ୧ ରନ କରି ଆଉଟ ହୋଇଥିବା ବେଳେ ଆଷ୍ଟନ ଅଗର ୧୧ ଓ ଜୋସ ହାଜେଲଉଡ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ମହମ୍ମଦ ସାମି ଡେଥ୍ ଓଭରରେ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ଘରୋଇ ବୋଲରଙ୍କ ମାପଚୁପ ବୋଲିଂ କାରଣରୁ ଶେଷ ୧୦ ଓଭରରେ ଅଷ୍ଟ୍ରେଲିଆ ୫ ଉଇକେଟ ହରାଇ ମାତ୍ର ୬୩ ରନ ସଂଗ୍ରହ କରିଥିଲା। ସାମି ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ରବୀନ୍ଦ୍ର ଜାଡେଜା ୨, ନବଦୀପ ସଇନି ଓ କୁଲଦୀପ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଭାରତୀୟ ଦଳରେ କୌଣସି ପରିବର୍ତ୍ତନ କରାଯାଇ ନ ଥିଲା।



ଶତକୀୟ ଭାଗିଦାରୀ ଅବସରରେ ରୋହିତ ଶର୍ମା ଓ ବିରାଟ କୋହଲି ।

**ସର୍ବାଧିକ ଦିନିକିଆ ଶତକ ହାସଲକାରୀ ବ୍ୟାଟ୍ସମ୍ୟାନ**

| ଶତକ ସଂଖ୍ୟା | ବ୍ୟାଟ୍ସମ୍ୟାନ |
|---|---|
| ୪୯ | ସଚିନ ତେନ୍ଦୁଲକର (ଭାରତ) |
| ୪୩ | ବିରାଟ କୋହଲି (ଭାରତ) |
| ୩୦ | ରିକି ପଣ୍ଟିଂ (ଅଷ୍ଟ୍ରେଲିଆ) |
| ୨୯ | ରୋହିତ ଶର୍ମା (ଭାରତ) |
| ୨୮ | ସନଥ ଜୟସୁରିୟା (ଶ୍ରୀଲଙ୍କା) |
| ୨୭ | ହାସିମ ଆମଲା (ଦକ୍ଷିଣ ଆଫ୍ରିକା) |

**ନିର୍ଦ୍ଦିଷ୍ଟ ଦଳ ବିପକ୍ଷରେ ସର୍ବାଧିକ ଶତକ ହାସଲକାରୀ ବ୍ୟାଟ୍ସମ୍ୟାନ**

| ଶତକ | ବ୍ୟାଟ୍ସମ୍ୟାନ | ପ୍ରତିପକ୍ଷ ଦଳ |
|---|---|---|
| ୯ | ସଚିନ ତେନ୍ଦୁଲକର | ଅଷ୍ଟ୍ରେଲିଆ |
| ୯ | ବିରାଟ କୋହଲି | ୱେଷ୍ଟଇଣ୍ଡିଜ |
| ୮ | ସଚିନ ତେନ୍ଦୁଲକର | ଶ୍ରୀଲଙ୍କା |
| ୮ | ବିରାଟ କୋହଲି | ଶ୍ରୀଲଙ୍କା |
| ୮ | ବିରାଟ କୋହଲି | ଅଷ୍ଟ୍ରେଲିଆ |
| ୮ | ରୋହିତ ଶର୍ମା | ଅଷ୍ଟ୍ରେଲିଆ |

### ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ**
ୱାର୍ନର–କ–ରାହୁଲ–ବୋ–ଶାମି–୩
ଫିଞ୍ଚ୍–ରନ ଆଉଟ–୧୯
ସ୍ମିଥ୍–କ–ଶ୍ରେୟାସ–ବୋ–ଶାମି–୧୩୧
ଲାବୁସେନ–କ–କୋହଲି–ବୋ–ଜାଡେଜା–୫୪
ଷ୍ଟାର୍କ–କ–ଚହଲ (ବଦଳ)–ବୋ ଜାଡେଜା–୦
କାରେ–କ–ଶ୍ରେୟାସ–ବୋ–କୁଲ୍‌ଦୀପ–୩୫
ଟର୍ନର–କ–ରାହୁଲ–ବୋ–ସଇନି–୪
ଅଗର–ନଟଆଉଟ–୧୧
କମିନ୍ସ–ବୋ–ଶାମି–୦
ଜାମ୍ପା–ବୋ–ଶାମି–୧
ହାଜେଲ୍‌ଉଡ୍–ନଟଆଉଟ–୧
ଅତିରିକ୍ତ–୨୭
**ମୋଟ:** (୫୦ ଓଭର, ୯ ଉଇକେଟ) ୨୮୬।
**ଉଇକେଟପତନ:** ୧/୧୮, ୨/୪୬, ୩/୧୭୩, ୪/୧୭୩, ୫/୨୩୧, ୬/୨୩୮, ୭/୨୭୩, ୮/୨୭୬, ୯/୨୮୨।
**ବୋଲିଂ (ଭାରତ)**
ଯଶପ୍ରୀତ ବୁମ୍‌ରା ୧୦–୦–୩୮–୦
ମହମ୍ମଦ ଶାମି ୧୦–୦–୬୩–୪
ନବଦୀପ ସଇନି ୧୦–୦–୬୫–୧
କୁଲଦୀପ ଯାଦବ ୧୦–୦–୬୨–୧
ରବୀନ୍ଦ୍ର ଜାଡେଜା ୧୦–୧–୪୪–୨।
**ଭାରତ ଇନିଂସ**
ରୋହିତ–କ–ଷ୍ଟାର୍କ–ବୋ–ଜାମ୍ପା–୧୧୯
ଲୋକେଶ–ଏଲ୍‌ବିଡବ୍ଲ୍ୟୁ–ଅଗର–୧୯
କୋହଲି–ବୋ–ହାଜଲେଉଡ୍–୮୯
ଶ୍ରେୟାସ ଆୟାର–ନଟ ଆଉଟ–୪୪
ମନୀଷ ପାଣ୍ଡେ–ନଟ ଆଉଟ–୮
ଅତିରିକ୍ତ–୧୦
ମୋଟ: (୪୭.୩ ଓଭର,୩ ଉଇକେଟ) ୨୮୯।
ଉଇକେଟ ପତନ: ୧/୬୯, ୨/୨୦୬, ୩/୨୭୪।
**ବୋଲିଂ (ଅଷ୍ଟ୍ରେଲିଆ)**
ପ୍ୟାଟ୍ କମିନ୍ସ ୭–୦–୬୪–୦
ମିଚେଲ ଷ୍ଟାର୍କ ୯–୦–୬୬–୦
ଜୋସ ହାଜେଲଉଡ୍ ୯.୩–୧–୫୫–୧
ଆଷ୍ଟନ ଅଗର ୧୦–୦–୩୮–୧
ଆଡାମ ଜାମ୍ପା ୧୦–୦–୪୪–୧
ମାର୍ନସ ଲାବୁସେନ ୧–୦–୧୧–୦
ଆରୋନ ଫିଞ୍ଚ୍ ୧–୦–୯–୦

# ସମ୍‌ସାଦ, ଶଙ୍କରମନ ଚାମ୍ପିୟନ



ଭୁବନେଶ୍ୱର ହାଫ୍ ମାରାଥନର ପୁରୁଷ ବିଭାଗ ଚାମ୍ପିୟନ ଶଙ୍କରମନ ଥାପ୍ପା ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର,୧୯।୧(ସ୍ପୋର୍ଟ୍ସ ବ୍ୟୁରୋ)**

ଟାଟା ଷ୍ଟିଲ୍ ଭୁବନେଶ୍ୱର ହାଫ୍ ମାରାଥନ (ଟିଏସ୍‌ବିଏଚ୍‌ଏମ୍)ର ପଞ୍ଚମ ସଂସ୍କରଣ ରବିବାର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଟାଟା ଷ୍ଟିଲ୍ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ହାଫ୍ ମାରାଥନରେ ମହିଳା ବିଭାଗରେ ଖୋର୍ଦ୍ଧାର ସମସାଦ ଆରା ବେଗମ ୧ ଘଣ୍ଟା ୨୩ ମିନିଟ୍ ଓ ୪୦ ସେକେଣ୍ଡ ସମୟ ନେଇ ଚାମ୍ପିୟନ ହୋଇଛନ୍ତି। ସେହିପରି ପୁରୁଷବର୍ଗରେ ମେଘାଳୟ ରାଜଧାନୀ ଶିଲଂର ଶଙ୍କରମନ ଥାପ୍ପା ୧ ଘଣ୍ଟା ୬ ମିନିଟ ଓ ୫୯ ସେକେଣ୍ଡ ସମୟ ନେଇ ବିଜେତା ଘୋଷିତ ହୋଇଛନ୍ତି।
ଏଥର ୩ଟି ବର୍ଗରେ ରେସ୍ ଆୟୋଜିତ ହୋଇଥିଲା। ପୁରୁଷ ଓ ମହିଳା ବିଭାଗରେ ୨୧ କି.ମି. (ହାଫ୍ ମାରାଥନ), ୧୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କ ପାଇଁ ୧୦ କି.ମି. ବିଶିଷ୍ଟ ରେସ୍ ଏବଂ ୧୨ରୁ ୧୬ ବର୍ଷ ମଧ୍ୟରେ ବାଳକ, ବାଳିକାମାନଙ୍କ ପାଇଁ ୫ କି.ମି. ବିଶିଷ୍ଟ ରେସ୍ ଅନୁଷ୍ଠିତ ହୋଇଥିଲା। ଏଥର ମୋଟ ପୁରସ୍କାର ରାଶି ୮.୬୪ ଲକ୍ଷ ଟଙ୍କା ରଖାଯାଇଛି। ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ଅନୁଷ୍ଠିତ ହୋଇଥିବା ୩ଟି ବର୍ଗର ରେସ୍‌ର ଶ୍ରେଷ୍ଠ ୫ ରନରଙ୍କୁ ପୁରସ୍କୃତ କରାଯାଇଛି। ହାଫ ମାରାଥନ ବିଜେତା ସମସାଦ ଓ ଶଙ୍କରମନଙ୍କୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଛି।
ପୁରୁଷ ମାରାଥନରେ ଶଙ୍କରମନଙ୍କ ପଛକୁ ରହି ଦ୍ୱିତୀୟ ସ୍ଥାନରେ ରହିଛନ୍ତି ବୀରେନ୍ଦ୍ର ବର୍ମା। ସେହିପରି ବାସୁଦେବା ନିଶାଦ, ଦୀପକ କୁମ୍ଭାର, ଓ ଅର୍ଜୁନ ଟୁଡୁ ଯଥାକ୍ରମେ ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ମହିଳା ମାରାଥନରେ ସମସାଦ ଶୀର୍ଷରେ ରହିଥିବା ବେଳେ ପ୍ରଜକ୍ତା ଗୋଡବୋଲେ, ମୋନିକା ରାଉତ, ନୈନା ପଟେଲ ଓ ଦୀପ୍ତି ଲାକ୍ରା ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।
ପୁରୁଷ ୧୦ କି.ମି. ରେସ୍‌ରେ ବୀରେନ୍ଦ୍ର କୁମାର ପାଲ, ଧର୍ମେନ୍ଦ୍ର ଚୌଧୁରୀ, ଅନିଲ ସିଂ, ମନୋଜ ବିଷ୍ଟ ଓ ଭିକି ତୋମାର ଯଥାକ୍ରମ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି। ମହିଳା ୧୦ କି.ମି. ରେସ୍‌ରେ ଜ୍ୟୋତି ଜ୍ୟୋତି, ଶୀତଳ ଭଗତ, ଶାନ୍ତି ରାଏ, ମଧୁସ୍ମିତା ଓଝା ଓ ହୋଲିକା ମୋଦି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି।
ବାଳକ ୫ କି.ମି. ରେସ୍‌ରେ ସିମା ସିସା, ଜୁରିୟା ପୂର୍ତ୍ତି, ଆକାଶ କୁମାର, ତୁରୀ କାଣ୍ଡେୟାଙ୍ଗ୍ ଓ ଦକ୍ଷିଣ ସୋରେନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ। ବାଳିକା ୫ କି.ମି. ରେସ୍‌ରେ ସ୍ୱର୍ଣ୍ଣଲତା ଶର୍ମା, ଇତିଶ୍ରୀ ମହାନ୍ତ, ସୁଭଦ୍ରା ମହାରଣା, ପ୍ରଣତୀ ପତି ଓ ସାଇନା ସ୍ୱାଇଲ ମହାନ୍ତି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ।
ଉଲ୍ଲେଖଥାଉ କି, ପ୍ରତିବର୍ଷ ଜାନୁୟାରୀରେ ଜାତୀୟ ଯୁବ ଦିବସ ପାଳନ ଅବସରରେ ସୁସ୍ଥ ଜୀବନଯାପନ ଓ ସ୍ୱାସ୍ଥ୍ୟର ପ୍ରମୋଶନ ପାଇଁ ଟାଟା ଷ୍ଟିଲ୍ ହାଫ୍ ମାରାଥନ ଆୟୋଜିତ ହୋଇ ଆସୁଛି। ମାରାଥନ ଅବସରରେ ଉପସ୍ଥିତ ଥିବା ମାନ୍ୟଗଣ୍ୟ ବ୍ୟକ୍ତିମାନେ ହେଲେ ରାଜ୍ୟ ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଆଶୋକ ପଣ୍ଡା, କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତ ବେହେରା, ବିଧାୟକ ଅନନ୍ତ ନାରାୟଣ ଜେନା, ଆଇଏଫ୍‌ଏସ୍ ଅଧିକାରୀ ସନ୍ଦୀପ ତ୍ରିପାଠୀ, ଆଇପିଏସ୍ ଅଧିକାରୀ ଲଳିତ ଦାସ, ଆଇଏଫ୍‌ଏସ୍ ଅଧିକାରୀ ଦେବିଦତ୍ତ ବିଶ୍ୱାଳ, ଆଇପିଏସ୍ ଅଧିକାରୀ ସାଗରିକା ନାଥ, ଟାଟା ଷ୍ଟିଲ୍ କର୍ପୋରେଟ୍ ସର୍ଭିସ ଭାଇସ୍ ପ୍ରେସିଡେଣ୍ଟ ଚାଣକ୍ୟ ଚୌଧୁରୀ, ଟାଟା ଷ୍ଟିଲର ଅନ୍ୟତମ ଅଧିକାରୀ ଆର.ଆର. ଶତପଥୀ, ମଣିକାନ୍ତ ନାଏକ, ଦେବାଶିଷ ଜେନା। ଓଲିଉଡ ଅଭିନେତା ସବ୍ୟସାଚୀ ମିଶ୍ର ଓ ଅର୍ଚ୍ଚିତା ସାହୁ ମଧ୍ୟ ଉପସ୍ଥିତ ରହି ସଫଳ ଧାବକମାନଙ୍କୁ ପୁରସ୍କୃତ କରିଥିଲେ।

**ଟାଟା ଷ୍ଟିଲ ଭୁବନେଶ୍ୱର ହାଫ୍ ମାରାଥନ**
- ମୋଟ ଆର୍ଥିକ ପୁରସ୍କାର ୮.୬୪ ଲକ୍ଷ ଟଙ୍କା
- ୫୦୦୦ ରନରଙ୍କ ଅଂଶଗ୍ରହଣ
- ୨୧ କି.ମି. ବର୍ଗରେ ରେକର୍ଡ ୧୪୩୯ ରନରଙ୍କ ଅଂଶଗ୍ରହଣ

# ଓଡ଼ିଶା ୧୬୧: ଜମ୍ମୁ- କଶ୍ମୀର ୩୮ /୩

### ରଣଜୀ ମୁକାବିଲା


**କଟକ ଅଫିସ,୧୯।୧**

ଡ୍ରିମ୍ସ ଗ୍ରାଉଣ୍ଡରେ ରବିବାରଠାରୁ ଓଡ଼ିଶା–ଜମ୍ମୁ କଶ୍ମୀର ରଣଜୀ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଘରୋଇ ଓଡ଼ିଶା ୧୬୧ରନରେ ଅଲଆଉଟ ହେବା ପରେ ଜମ୍ମୁ–କଶ୍ମୀର ବ୍ୟାଟିଂ ଆରମ୍ଭ କରି ୩ ଉଇକେଟ ବିନିମୟରେ ୩୮ରନ କରିଛି। ପୁନର୍ବାର ଏହି ପିଚ୍‌ରେ ପେସ୍ ବୋଲରଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି। ଜମ୍ମୁ କଶ୍ମୀରର ପେସ୍ ବୋଲର ଆକ୍ୱିବ ନବି ସର୍ବାଧିକ ୫ଟି ଉଇକେଟ ଦଖଲ କରିଛନ୍ତି । ଆହତ ଜନିତ ସମସ୍ୟା ଯୋଗୁଁ ଦଳରୁ ବାଦ୍ ପଡ଼ିଥିବା ବାମହାତୀ ବ୍ୟାଟ୍ସମ୍ୟାନ ଅନୁରାଗ ଷଡ଼ଙ୍ଗୀ ଫିଟ୍ ହୋଇ ଏହି ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିଛନ୍ତି । ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦିଆଯାଇଥିଲା। ଭ୍ରମଣକାରୀ ଜମ୍ମୁ କଶ୍ମୀର ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଅନୁରାଗ ଓ ଶାନ୍ତନୁ ମିଶ୍ର ଓପନିଂ ଯୋଡ଼ିରେ ୫୧ରନ ସଂଗ୍ରହ କରିଥିଲେ। ଭାଗୀଦାରି ଅର୍ଦ୍ଧଶତକ ଅତିକ୍ରମ କରିବା ପରେ ଓଡ଼ିଶା ପ୍ରଥମ ଇନିଂସରେ ବଡ଼ ସ୍କୋର କରିବ ବୋଲି ଆଶା କରାଯାଉଥିଲା, ହେଲେ ପରବର୍ତ୍ତୀ ୫୨ରନରେ ଦଳ ୫ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଆକ୍ୱିବ ୩୩ରନରେ ଅନୁରାଗଙ୍କୁ କ୍ଲିନ ବୋଲ୍ଡ କରି ଜମ୍ମୁ କଶ୍ମୀର ପାଇଁ ପ୍ରଥମ ବ୍ରେକଥ୍ରୁ ଆଣି ଦେଇଥିଲେ। ପରେ ଦେବାଶିଷ ସାମନ୍ତରାୟ ୦, ଶାନ୍ତନୁ ମିଶ୍ର ୨୧ରନ, ରାଜେଶ ଧୂପର ୧୧ରନ, ବିପ୍ଳବ ସାମନ୍ତରାୟ ୧୬ ରନରେ ଆଉଟ ହୋଇଥିଲେ। ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି ୬ ନମ୍ବର ସ୍ଥାନରେ ଆସି ସତର୍କତାର ସହ ବ୍ୟାଟିଂ କରିଥିଲେ। ସେ ଗୋଟିଏ ପାର୍ଶ୍ୱରେ ଜମି ରହି ଦଳୀୟ ସ୍କୋରକୁ ବୃଦ୍ଧି କରିବା ଲାଗି ଉଦ୍ୟମ ଚଳାଇଥିବାବେଳେ ବେଳେ ଅନ୍ୟ ପାର୍ଶ୍ୱରେ ଉଇକେଟମାନ ପତନ ଘଟିବାରେ ଲାଗିଥିଲା। ଉଇକେଟକିପର ସୁଜିତ ଲେଙ୍କା ୫ ରନରେ ଜମ୍ମୁ କଶ୍ମୀର ଅଧିନାୟକ ପରଭେଜ ରସୁଲଙ୍କ ସ୍ପିନ ବୋଲିଂର ଶିକାର ହୋଇଥିଲେ। ଦେବବ୍ରତ ପ୍ରଧାନ ୪ ରନ, ରାଜେଶ ମହାନ୍ତି ୦, ବସନ୍ତ ମହାନ୍ତି ୪ ରନରେ ଆଉଟ ହୋଇଥିବା ବେଳେ ୮ଟି ଚୌକା ବଲରେ ୪୨ରନ କରିଥିବା ଶୁଭ୍ରାଂଶୁ ୯ମ ବ୍ୟାଟ୍ସମ୍ୟାନ ଭାବେ ପ୍ୟାଭିଲିୟନ ଫେରିଥିଲେ।

## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**

**ସ୍ୱର୍ଗତା ହେମ ଦାଶ**
ସ୍ୱାମୀ: ଦାମୋଦର ଦାଶ
ଆବିର୍ଭାବ: ୧୮।୧୦।୧୯୩୦
ତିରୋଧାନ: ୧୧।୦୧।୨୦୨୦
ବିଜିପୁର, ଭାପୁର, ନୟାଗଡ଼
ବୋଉ! ତୁମେ ଏବେ ଖୁବ୍ ମନେପଡୁଛ। ତୁମ ଅନୁପସ୍ଥିତି ଆମ ସମସ୍ତଙ୍କୁ ହତଭାଗା କରିଦେଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଆତ୍ମାକୁ ଶାନ୍ତି ଦିଅନ୍ତୁ।
ଶୋକସନ୍ତପ୍ତ ପରିବାରବର୍ଗ: ପୁଅ, ବୋହୂ, ନାତିନାତୁଣୀ ଓ ବନ୍ଧୁବାନ୍ଧବବର୍ଗ ।
ଧ-୧୬୨୦୯

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ**

**ସ୍ୱର୍ଗତ ଦୁର୍ଗାପ୍ରସନ୍ନ ପଟ୍ଟନାୟକ**
ଦିବଂଗତ ଆଡଭୋକେଟ
ଲୁଇସ୍ ରୋଡ, ଭୁବନେଶ୍ୱର
ପୂର୍ବତନ ଚେୟାରମ୍ୟାନ ରାଜ୍ୟ ବାର୍ କାଉନସିଲ
ପୂର୍ବତନ ଚେୟାରମ୍ୟାନ ଭୁବନେଶ୍ୱର ମ୍ୟୁନିସିପାଲିଟି
ଆବିର୍ଭାବ: ୧୯୨୭ ମସିହା ଦୁର୍ଗାଷ୍ଟମୀ
(ଜନ୍ମସ୍ଥାନ– ଗ୍ରାମଣ୍ଡିହ, ଚନ୍ଦକା, ଖୋର୍ଦ୍ଧା)
ତିରୋଧାନ: ୨୦୦୮ ମସିହା (ଏକାଦଶୀତିଥି)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।
ଧ-୬୭୨୭୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତା ଶ୍ରୀମତୀ ପ୍ରମୋଦିନୀ ସାବତ
ଆବିର୍ଭାବ: ୧୯।୦୪।୧୯୫୫
ତିରୋଧାନ: ୨୦।୦୧।୨୦୧୨
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
–:ଶୋକସନ୍ତପ୍ତ:–
ପରିବାର ଓ ବନ୍ଧୁବର୍ଗଙ୍କ ସହ ଏ.କେ ସାବତ ଆଣ୍ଡ କମ୍ପାନୀର ପାର୍ଟନର୍ସ ଏବଂ ସମସ୍ତ କର୍ମକର୍ତ୍ତା ବୃନ୍ଦ।
ଧ-୧୬୨୩୦

**ଏକାଦଶାହ ଉପଲକ୍ଷେ**

**ସ୍ୱର୍ଗତ ବଂଶୀଧର ସ୍ୱାଇଁ**
ବଡପାଟସୁନ୍ଦରପୁର, ଗୋବିନ୍ଦପୁର, କଟକ
ଆବିର୍ଭାବ: ୦୫।୧୨।୧୯୩୫
ତିରୋଧାନ: ୧୦।୦୧।୨୦୨୦ (ପୁଷ ପୂର୍ଣ୍ଣିମା)
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ସ୍ୱାଇଁ ପରିବାର ଆତ୍ମୀୟସ୍ୱଜନ ଓ ବଡ଼ପାଟସୁନ୍ଦରପୁର ଗ୍ରାମବାସୀବୃନ୍ଦ
ଧ-୧୬୨୮୬

## ସଂକ୍ଷେପରେ

### ଚର୍ଚ୍ଚାରେ ନାଚ ମାଷ୍ଟରଙ୍କ କାରନାମା

ଅନୁଗୋଳ ଅଫିସ, ୧୯।୧- ଅନୁଗୋଳର ଜଣେ ନାଚ ମାଷ୍ଟରଙ୍କ କାରନାମା ରବିବାର ଚର୍ଚ୍ଚାର ବିଷୟ ହୋଇଛି। ତାଙ୍କ ନିକଟରେ ନାଚ ଶିଖୁଥିବା ଜଣେ କୁନି ଝିଅଙ୍କ ମା'ଙ୍କୁ ନେଇ ସେ ଫେରାର ହୋଇଯାଇଥିବା ସହର ସାରା ଆଲୋଚନା ଚାଲିଛି। ଏ ନେଇ ଅନୁଗୋଳ ପୋଲିସ ନିକଟରେ ଖବର ପହଞ୍ଚିବା ପରେ ନାଚ ଶିକ୍ଷକଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଥିବା ଜଣାପଡ଼ିଛି। ଚର୍ଚ୍ଚା ଅନୁଯାୟୀ, ସମ୍ପୃକ୍ତ ନାଚ ଶିକ୍ଷକଙ୍କ ଅନୁଗୋଳରେ ବେଶ୍ ପରିଚୟ ରହିଛି। ଲୋକଙ୍କ ଘରକୁ ଯାଇ ଛୋଟ ପିଲାଙ୍କୁ ସେ ନୃତ୍ୟ ଶିକ୍ଷା ଦେଇଥାନ୍ତି। କିଛିଦିନ ତଳେ ସହରର ଜଣେ ବ୍ୟକ୍ତିଙ୍କ ଘରକୁ ଯାଇ ତାଙ୍କର ୫ ବର୍ଷର ଝିଅଙ୍କୁ ନାଚ ଶିଖାଉଥିଲେ। ହେଲେ ଝିଅର ମା'ଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିବାରୁ ମହିଳାଙ୍କ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ। ଏପରି କି କଥା ଅନୁଗୋଳ ଥାନା ଯାଏ ଯାଇଥିଲା। ସେଠାରେ ଆପୋଷ ବୁଝାମଣା ପରେ ମାମଲା ଆଗକୁ ବଢ଼ି ନ ଥିଲା। ଏହାପରେ ସମ୍ପୃକ୍ତ ବ୍ୟକ୍ତି ପରିବାର ନେଇ କଟକ ଚାଲିଯାଇଥିଲେ। କିନ୍ତୁ ରବିବାର ଶିଶୁକନ୍ୟାଙ୍କ ସହ ତାଙ୍କ ମା'ଙ୍କୁ କଟକରୁ ଉଠାଇ ନେଇ ନାଚ ଶିକ୍ଷକ କେଉଁଆଡ଼େ ଫେରାର ହୋଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଅନୁଗୋଳ ପୋଲିସ କହିଛି, ନୃତ୍ୟ ଶିକ୍ଷକଙ୍କ ସହ ମହିଳାଙ୍କ ପୂର୍ବରୁ ସମ୍ପର୍କ ଥିଲା। ଏବେ ଉଭୟେ କେଉଁଆଡ଼େ ଫେରାର ହୋଇଯାଇଥିବା ସୂଚନା ଆସିଛି। ଏହି ଘଟଣାର ତଦନ୍ତ ସହ ନାଚ ଶିକ୍ଷକଙ୍କୁ ଧରିବାକୁ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଉଛି।





# ୧ ଲକ୍ଷ ଶିଶୁଙ୍କୁ ପୋଲିଓ ପ୍ରତିଷେଧକ

ଅନୁଗୋଳ ଅଫିସ, ୧୯।୧

ଅନୁଗୋଳ ଜିଲାରେ ରବିବାରଠାରୁ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୩ ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଜିଲାରେ ମୋଟ୍ ୧ ଲକ୍ଷ ୨ ହଜାର ୬୫୦ ଜଣ ଶିଶୁଙ୍କୁ ପୋଲିଓ ପ୍ରତିଷେଧକ ବୁନ୍ଦା ଦିଆଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ମିଳିଛି।

ପୂର୍ବାହ୍ନ ୮ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲାପାଳ ମନୋଜ କୁମାର ମହାନ୍ତି ପଲସ ପୋଲିଓ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ସହ ସିଡିଏମ୍‌ଓ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି, ଏଡିପିଏଚ୍‌ଓ (ଏଫ୍‌ଡବ୍ଲ୍ୟୁ) ଡାକ୍ତର ଲାଉଚନ୍ଦ୍ର ତନ୍ତୀ, ଏନ୍‌ଏଚ୍‌ଏମ୍‌ର ଅଧିକାରୀ ଓ କର୍ମଚାରୀଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଜିଲାରେ ଥିବା ୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୯୫ ହଜାର ୧୮୯ ପିଲାଙ୍କୁ ପୋଲିଓ ବୁନ୍ଦା ଦିଆଯାଇଥିଲା। ସେହିପରି ଦୁଇଟି ପ୍ରସବତ୍ତର କେନ୍ଦ୍ର (ପିପିସି)ରେ ୭ ହଜାର ୪୬୧ ଜଣଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିଲା। ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୩ ହଜାର ୧୭୭ ଜଣଙ୍କୁ ପୋଲିଓ ବୁନ୍ଦା ଖୁଆଯାଇଥିବା ବେଳେ ବଅଁରପାଳରେ ୧୫ ହଜାର ୩୪୧ ଶିଶୁ, କୋଶଳାରେ ୧୨ ହଜାର ୮୧, କଣିହାଁରେ ୧୩ ହଜାର ୭୫୫, ଗୋଡ଼ିବନ୍ଧରେ ୧୦ ହଜାର ୪୩୭, ଖମାରରେ ୧୨ ହଜାର ୭୯, ମାଧପୁରରେ ୧୦ ହଜାର ୩୬୮, ଆର୍.କେ. ନଗରରେ ୭ ହଜାର ୯୫୧ ଜଣଙ୍କୁ ପୋଲିଓ ପ୍ରତିଷେଧକ ପ୍ରଦାନ କରାଯାଇଥିଲା। ସେହିପରି ଅନୁଗୋଳ ପିପିସିରେ ୩ ହଜାର ୭୪୨ ଓ ତାଳଚେର ପିପିସିରେ ୩ ହଜାର ୭୧୯ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିବା ସୂଚନା ମିଳିଛି।



ରାଜକିଶୋରପଡ଼ାସ୍ଥିତ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କୁ ପୋଲିଓ ପ୍ରତିଷେଧକ ଦିଆଯାଉଛି।

# 'ଚାରା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୁଅ'

## ଅନୁଗୋଳରେ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଯାପିତ

ଅନୁଗୋଳ ଅଫିସ, ୧୯।୧

ଅନୁଗୋଳ ମିଶ୍ରପଡ଼ାସ୍ଥିତ ଉଦ୍ୟାନ ବିଭାଗ ଅଫିସ୍ ପରିସରରେ ଆୟୋଜିତ ଜିଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ରବିବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଚାରା ଉତ୍ପାଦନ ଉପରେ ଆତ୍ମ ନିର୍ଭରଶୀଳ ହେବା ନିମନ୍ତେ ଆହ୍ୱାନ ଦେଇଥିଲେ। ଏମ୍‌ପି କହିଥିଲେ ଯେ, ଅନୁଗୋଳ ଜିଲାରେ ବ୍ୟାପକ ଚାରା ଉତ୍ପାଦନ ହେଲେ ଏଥିପାଇଁ ଆଉ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଏଥିସହ ଚାରା ଚାଷୀମାନେ ଉପକୃତ ହେବା ସହ ବ୍ୟବସାୟୀମାନେ ମଧ ଲାଭବାନ ହେବେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଶାନ୍ତନୁ କୁମାର ସର ଯୋଗଦେଇ ଏପରି ପ୍ରଦର୍ଶନୀ ଫୁଲ ଓ ଗଛକୁ ଜନସାଧାରଣଙ୍କ ନିକଟତର କରାଇବ ବୋଲି ମତ ଦେଇଥିଲେ। ଏହି ଉତ୍ସବରେ ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ଲଳିତ ପଣ୍ଡା, ଯୋଗାଚାର୍ଯ୍ୟ ଅଭୟ ରାୟ ଯୋଗ ଦେଇଥିଲେ। ସଭାକୁ ଗ୍ରୀନ୍ ଅନୁଗୋଳର ମୁଖ୍ୟ ଡାକ୍ତର ଦେବାଶିଷ ପ୍ରଧାନ, ସାମାଜିକ କର୍ମୀ ଦେବାଶିଷ ପଟ୍ଟନାୟକ ଓ ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଶ୍ରେଷ୍ଠ ବଗିଚା ପାଇଁ ଆଦର୍ଶ ଇଞ୍ଜିନିୟରିଂ କଲେଜ, ଆଦୃତ ଶିଶୁ ସଦନ, କ୍ରିଏଟିଭ ଟେକ୍‌ନୋ କଲେଜ, ପ୍ରଭାତ କୁମାର ଦାଶ, ଅଜୟ କୁମାର ଶତପଥୀ, ପ୍ରତାପ କୁମାର ଧଳଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



ପୁଷ୍ପ ପ୍ରଦର୍ଶନୀ ଉତ୍ସବରେ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ଶହେଦିନ ପରେ ବି ମିଳୁନି ସନ୍ଧାନ

## ଅଙ୍ଗନୱାଡି ସହାୟିକା ନିଖୋଜ ଘଟଣା

ଆଠମଲ୍ଲିକ,୧୯।୧(ଡି.ଏନ.ଏ.)

ଆଠମଲ୍ଲିକ ଥାନା ଡିଗିପଦର ଗ୍ରାମର ଅଙ୍ଗନୱାଡି ସହାୟିକା ବାଲି ପ୍ରଧାନ ନିଖୋଜ ହେବାର ଶହେଦିନ ବିତିଯାଇଥିଲେ ମଧ ପୋଲିସ ଏଯାଏ ତାଙ୍କର ସନ୍ଧାନ ପାଇପାରି ନାହିଁ। ଏହାକୁ ନେଇ ଗ୍ରାମର ଆଞ୍ଚଳିକ ମହିଳା ସୁରକ୍ଷା କମିଟି ଅସନ୍ତୋଷ ପ୍ରକାଶ କରିବା ସହ ପୋଲିସର ଏହି ନିଷ୍କ୍ରିୟତା ପ୍ରତିବାଦରେ ଆଗାମୀ ଦିନରେ ଏସ୍‌ପି ଅଫିସ୍ ଘେରାଉ କରିବ ବୋଲି ଚେତାବନୀ ଦେଇଛି। ରବିବାର ଗ୍ରାମରେ ଅନୁଷ୍ଠିତ ବୈଠକରେ କମିଟି ସଭାନେତ୍ରୀ ପଙ୍କଜିନୀ ସାହୁ, ସମିତିସଭ୍ୟା ଆରତୀ ନାୟକ, ଶୋଭାଗିନୀ ବଘାର, ମୀନାକ୍ଷୀ ମିଶ୍ର, ମନୋରମା ପ୍ରଧାନ, ଆଠମଲ୍ଲିକ ଜନଜୀବନ ସୁରକ୍ଷା କମିଟି ଆବାହକ ତୀର୍ଥବାସୀ ଭୋଇ, ଜଗନ୍ନାଥ ମହାକୁର, କିଶୋରଚନ୍ଦ୍ର ଦେହୁରୀ, ଯତୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଏହି ଚେତାବନୀ ଦେଇଥିଲେ। କମିଟି ପକ୍ଷରୁ କୁହାଯାଇଛି ଯେ, ଗତ ଅକ୍ଟୋବର ୯ରେ ଅଙ୍ଗନୱାଡି ସହାୟିକା ନିଖୋଜ ହୋଇଯାଇଥିଲେ। ଏ ନେଇ ଆଠମଲ୍ଲିକ ଥାନାରେ ଅକ୍ଟୋବର ୧୦ ତାରିଖ ଓ ୨୦ ତାରିଖରେ ଦୁଇଟି ଏତଲା ଦିଆଯାଇଥିଲା। କିନ୍ତୁ ପୋଲିସ ତାଙ୍କୁ ଉଦ୍ଧାର କରିବାରେ ବିଫଳ ହେବାରୁ ପ୍ରତିବାଦରେ ନଭେମ୍ବର ୨୬ରେ ଆଠମଲ୍ଲିକ ଉପଜିଲାପାଳଙ୍କ ଅଫିସ୍ ଘେରାଉ କରାଯାଇଥିଲା। ଡିସେମ୍ବର ୨୩ ତାରିଖ ଦିନ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ଏଯାଏ ସହାୟିକାଙ୍କ ସନ୍ଧାନ ପୋଲିସ ପାଇପାରି ନାହିଁ। ଏ ସମ୍ପର୍କରେ ଆଠମଲ୍ଲିକ ଆଇଆଇସି ପ୍ରିୟବ୍ରତ ଦାଶ କହିଛନ୍ତି, ଘଟଣାରେ ସମ୍ପୃକ୍ତ ଜଣେ ବ୍ୟକ୍ତି ଆତ୍ମସମର୍ପଣ କରି ବେଲ୍‌ରେ ଯାଇଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି।

# ମହିଳାଙ୍କୁ ଗାଳିଗୁଲଜ ଅଭିଯୋଗ

ବଇଣ୍ଡା,୧୯।୧(ଡି.ଏନ.ଏ.)

ଠାକୁରଗଡ଼ ଥାନା ପେଡ଼ିପଥର ଗ୍ରାମର ବିଧବା ମହିଳା ସଞ୍ଜୁକ୍ତା ନାୟକଙ୍କୁ ସେହି ଗ୍ରାମର ପ୍ରତାପ ନାୟକ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୬/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ପାରିବାରିକ କଳହକୁ ନେଇ ପୂର୍ବରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିଲା। ଶନିବାର ସଞ୍ଜୁକ୍ତା ଘରେ ଥିବାବେଳେ ପ୍ରତାପ ତାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ପରାମର୍ଶ



ପିଲାମାନଙ୍କ ଗହଣରେ ଅନୁଷ୍ଠାନର କର୍ମକର୍ତ୍ତାମାନେ।

ଅନୁଗୋଳ ଅଫିସ, ୧୯।୧

ଅନୁଗୋଳର 'ଆମ ଅନୁଗୋଳ ଆମ ଗୌରବ' ଅନୁଷ୍ଠାନ ସଭାପତି ଚନ୍ଦ୍ରକାନ୍ତ ଧଳଙ୍କ ନେତୃତ୍ୱରେ ବଳରାମପ୍ରସାଦ ଠାରେ ସମାଜର ଅବହେଳିତ ଶିଶୁମାନଙ୍କ ଗହଣରେ ନବବର୍ଷ ରବିବାର ପାଳନ କରାଯାଇଛି। ଅନୁଷ୍ଠାନର ସଦସ୍ୟମାନେ ଦିନ ତମାମ ଶିଶୁମାନଙ୍କ ସହିତ ଖେଳ, କୌତୁକ, ତର୍କ ପ୍ରତିଯୋଗିତା, ନୃତ୍ୟଗୀତ କରିବା ପରେ ମଧ୍ୟାହ୍ନ ଭୋଜନ କରିଥିଲେ। ବିଭିନ୍ନ ପ୍ରଶ୍ନ ଉତ୍ତର ସହିତ ଗପ ମାଧ୍ୟମରେ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ପ୍ଲାଷ୍ଟିକର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ପୋଷାକ ପତ୍ର ସଫା କରିବା ଓ ସଫା ପୋଷାକ ପିନ୍ଧିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପିଲାମାନଙ୍କୁ ପ୍ରଶଂସା କରିବା ସହିତ ଶିଶୁ ଓ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଅଶୋକ କୁମାର ମୋଦି, ଅମିୟ ତ୍ରିପାଠୀ, ସୁଧୀର ରଞ୍ଜନ ସାହୁ, ସମ୍ପାଦକ ଗୋଲକ ଚନ୍ଦ୍ର ସାହୁ ଓ ସଭ୍ୟ ଦୀପକ କୁମାର ସାହୁ, ମହାଦେବ ଶର୍ମା, ସମୀର ବେହେରା, କ୍ରିଷ୍ଣା ଦେହୁରୀ, ସୁର ସାହୁ, ଚିଣ୍ଟୁ ସ୍ୱାଇଁ, ରାଜକୁମାର ସାମଲ, ମେଘୁ ସ୍ୱାଇଁ, ଅଜୟ ସାହୁ, ଲକ୍ଷ୍ମଣ ଶର୍ମା ଓ ସିତେନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ମର୍ନିଂଷ୍ଟାର୍ କ୍ରିକେଟ୍ : ଲୁଟୁ ୱାରିୟର୍ସ ଚାମ୍ପିୟନ



ଅତିଥିଙ୍କ ସହ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

ଅନୁଗୋଳ ଅଫିସ,୧୯।୧

ଅନୁଗୋଳ କଦମ ପଡ଼ିଆ ଠାରେ ଚାଲିଥିବା ଚତୁର୍ଥ ମର୍ନିଂଷ୍ଟାର୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ ଲୁଟୁ ୱାରିୟର୍ସ ଏବଂ ଫ୍ରେଣ୍ଡସ୍ ଏକାଦଶ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ଲୁଟୁ ୱାରିୟର୍ସ ୨୦୨ ରନ୍ କରିଥିଲା। ଦଳ ପକ୍ଷରୁ ଶିବୁ ସର୍ବାଧିକ ୮୬ ରନ୍ କରିଥିଲେ। ଜବାବରେ ଫ୍ରେଣ୍ଡସ ଏକାଦଶ ସମସ୍ତ ଉଇକେଟ୍ ହରାଇ ୧୨୧ ରନ୍ କରି ପରାସ୍ତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଆୟୋଜକ କ୍ଲବର ସଭାପତି ମାୟାଧର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଭାଜପା ନେତା ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା କ୍ରିକେଟ ସଂଘ ସହସମ୍ପାଦକ ପ୍ରଭାତ କୁମାର ସିହ୍ନା ଏବଂ ଉପସଭାପତି ଅରୁଣ କୁମାର ପଶୁପାଳକ, ବୀରେନ ସାମଲ, ଜଗଦୀଶ ସିଂ, ସେକ୍ ମିନାଜ୍, ଶିବ ରାଉତ ପ୍ରମୁଖ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଫ୍ରେଣ୍ଡସ୍ ଏକାଦଶର ରବି କୁମାର ମ୍ୟାନ୍ ଅଫ୍ ଦି ସିରିଜ୍, ଲୁଟୁ ୱାରିୟର୍ସର ଶିବୁ ମହାରଣା ମ୍ୟାନ୍ ଅଫ୍ ଦି ଫାଇନାଲ୍, ଫ୍ରେଣ୍ଡସ୍ ଏକାଦଶର ଦୁର୍ଗେଶ୍ ପାଣ୍ଡେ ଶ୍ରେଷ୍ଠ ବ୍ୟାଟ୍‌ସମ୍ୟାନ୍, ମର୍ନିଂଷ୍ଟାର୍‌ର ସଞ୍ଜୀବ ପାତ୍ର ଷ୍ଟାଇଲିସ୍ ବ୍ୟାଟ୍‌ସମ୍ୟାନ୍ ଏବଂ ଶ୍ରେଷ୍ଠ ବୋଲର୍ ଭାବେ ଫ୍ରେଣ୍ଡସ୍ ଏକାଦଶର ରବି କୁମାରଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜକ କ୍ଲବର ସମ୍ପାଦକ ରଞ୍ଜନ କୁମାର ଧୀର ସାମନ୍ତଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଅଞ୍ଜନ କୁମାର କର ଏବଂ ସଞ୍ଜୀବ ପାତ୍ର ଖେଳ ପରିଚାଳନା କରିଥିଲେ। ମାନସ ଏବଂ ଲିଟନ୍ ଧାରାବିବରଣୀ ପ୍ରଦାନ କରିଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ